

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୦ ଡିସେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 10 DECEMBER 2020
Vol.No. 30 ■ No. 312 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଚାଷୀ ଆନ୍ଦୋଳନ ଭିତରେ ଓଡ଼ିଶା ସରକାରଙ୍କ ବଡ଼ ନିଷ୍ପତ୍ତି

### – ୧୨ ଟି ପ୍ରସ୍ତାବ ଉପରେ କ୍ୟାବିନେଟ୍ ମୋହର
### – ସ୍ୱାମୀନାଥନ୍ କମିଟି ସୁପାରିଶ ଲାଗୁ ପାଇଁ କେନ୍ଦ୍ରକୁ ଅନୁରୋଧ କରିବ ରାଜ୍ୟ

ଭୁବନେଶ୍ୱର,୦୯।୧୨ (ନି.ପ୍ର): ଏମ୍ .ଏସ୍ ସ୍ୱାମୀନାଥନ୍ କମିଟି ସୁପାରିଶକୁ ଲାଗୁ କରିବାକୁ କେନ୍ଦ୍ରକୁ ଅନୁରୋଧ କରିବ ରାଜ୍ୟ। ଏହି ସୁପାରିଶ ଅନୁଯାୟୀ ଫସଲ ହାରାହାରି ଉତ୍ପାଦନର ଖର୍ଚ୍ଚ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ ଅତିକମ୍ ରେ ୫୦ % ଅଧିକ ଦେବାକୁ ରାଜ୍ୟ କେନ୍ଦ୍ରକୁ ଜଣାଇବ। ବୁଧବାର ଦିନ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ନିଷ୍ପତି ନିଆଯାଇଛି।



ବୁଧବାର ସଂଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୋଟ ୧୨ ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଥିଲା। ବୈଠକର ନିଷ୍ପତି ଅନୁଯାୟୀ ଫୁଲବାଣୀ ଠାରେ ୧୦୦ ସିଟ୍ ବିଶିଷ୍ଟ ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ କରାଯିବ। ସେହିପରି କୋରାପୁଟସ୍ଥିତ ସରକାରୀ ମେଡିକାଲ କଲେଜରେ ଶଯ୍ୟା ସଂଖ୍ୟା ୬୫୦କୁ ବୃଦ୍ଧି କରାଯିବା ନିଷ୍ପତିକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏଥିପାଇଁ ମୋଟ ୬୮୦ କୋଟି ଟଙ୍କା ଖର୍ଚ୍ଚ ହେବ ଏବଂ ନିର୍ମାଣ କାର୍ଯ୍ୟ ୩୬ ମାସ ମଧ୍ୟରେ ଶେଷ କରିବାକୁ ଧାର୍ଯ୍ୟ କରାଯାଇଛି। ସେହିପରି ବସୁଧା ଯୋଜନା ମାଧ୍ୟମରେ ବରଗଡ ଜିଲ୍ଲାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ୫୦୮କୋଟି ୭୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏହାଦ୍ୱାରା ଜିଲ୍ଲାର ୫ ଟି ବ୍ଲକ୍ ର ୩୪୯ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୫ ଲକ୍ଷ ୮ ହଜାର ୩୦୪ ଜଣ ଗ୍ରାମବାସୀ ଉପକୃତ ହେବେ। ଏହା ବ୍ୟତୀତ ୨୧୫ କୋଟଇ ୩୧ ଲକ୍ଷ ୨୮ ହଜାର ୫୮୫ ଟଙ୍କା ବ୍ୟୟରେ ବରଗଡ ଜିଲ୍ଲାରେ ଏକ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଦ୍ୱାରା ବରପାଲି ଓ ଭେଡେନ୍ ବ୍ଲକ୍ ର ପ୍ରାୟ ୨ ଲକ୍ଷ ୨୯ ହଜାର ୬୪ ଜଣ ଗ୍ରାମବାସୀ ଉପକୃତ ହୋଇପାରିବେ। ୨୪ ମାସ ମଧ୍ୟରେ ଉଭୟ ପ୍ରକଳ୍ପ ନିର୍ମାଣ ଶେଷ ହେବ। ଓଡିଶା ବୈଷୟିକ ଶିକ୍ଷାନୁଷ୍ଠାନ (ନାମ ଲେଖା ଓ ଫି ନିର୍ଦ୍ଧାରଣ)ଆଇନ୍ ର ସଂଶୋଧନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି। ଏହା ଫଳରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସ୍ଥାନରେ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ମନୋନୀତ ଜଣେ ଅବସରପ୍ରାପ୍ତ ଜଜ୍ ଫି ଷ୍ଟ୍ରକଚର କମିଟିର ଅଧ୍ୟକ୍ଷ ରହିବେ।

▶▶ପୃଷ୍ଠା ୭

## କୋଭିଡରେ ପ୍ରାଣ ହରାଇଥିବା ସାମ୍ବାଦିକ ପ୍ରବୀର ପ୍ରଧାନଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା

ଭୁବନେଶ୍ୱର,୦୯।୧୨ (ନି.ପ୍ର): କରୋନାରେ ପ୍ରାଣ ହରାଇଥିବା ଯୁବ ସାମ୍ବାଦିକ ପ୍ରବୀର ପ୍ରଧାନଙ୍କ ପରିବାର ବର୍ଗକୁ ରାଜ୍ୟ ସରକାର ୧୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି। ଶ୍ରୀ ମଙ୍ଗରାଜ ଟ୍ୱିଟ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଥି ପାଇଁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ସେ କହିଛନ୍ତି ଯେ କୋଭିଡ କାରଣରୁ ନ୍ୟୁଜ ୧୮ରେ କାମ କରୁଥିବା ଯୁବ ସାମ୍ବାଦିକ ପ୍ରବୀର ପ୍ରଧାନଙ୍କ ମୃତ୍ୟୁ ଘଟିଥିଲା । ତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ପ୍ରଦାନ କରା ଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଉଛି ।

## ପରୀ ହତ୍ୟା ମାମଲା
## ଏନସିପିସିଆରରେ ହାଜର ହେଲେ ନୟାଗଡ ଜିଲ୍ଲାପାଳ ଓ ଏସପି

ଭୁବନେଶ୍ୱର,୦୯।୧୨ (ନି.ପ୍ର): ନୟାଗଡର ଶିଶୁକନ୍ୟା ପରୀ ହତ୍ୟା ମାମଲାରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନସିପିସିଆର)ରେ ହାଜର ହୋଇଛନ୍ତି ନୟାଗଡ଼ ଜିଲ୍ଲାପାଳ ଓ ଏସ୍ପି। ଉଭୟ ଭିଡିଓ କନ୍ଫରେନ୍ସିଂ କରିଆରେ ହାଜର ହୋଇଥିଲେ। ଉଭୟ ଅଧିକାରୀଙ୍କୁ ହାଜର ପାଇଁ ପୂର୍ବରୁ ଏନସିପିସିଆର ନୋଟିସ କରିଥିଲେ । ଉଲ୍ଲେଖ୍ୟଯୋଗ୍ୟ ୪ ମାସ ତଳେ ୫ ବର୍ଷର ଝିଅ ପରୀ ନିଖୋଜ ହୋଇଯିବା ପରେ କିଛିଦିନ ପରେ ତାର ମୃତଦେହ ମିଳିଥିଲା। ପରୀକୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲାଏବଂ ଏଥିରେ ମନ୍ତ୍ରୀ ଅରୁଣ ସାହୁ ଓ ତାଙ୍କ ସହଯୋଗୀ ବାବୁଲିର ହାତ ଥିବା 'ପରୀ'ର ବାପା-ମାଆ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ମଧ୍ୟ ପୋଲିସ୍ କାର୍ଯ୍ୟାନୁଷ୍ଠାନ ନନେବାରୁ 'ପରୀ'ର ବାପା-ମାଆ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିଲେ। ବିଧାନସଭାରେ ଏହି ମାମଲା ଉଠିବା ପରେ ରାଜ୍ୟ ସରକାର ଏସ୍ଆଇଟି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ଦକ୍ଷିଣ ଭାରତୀୟ ଅଭିନେତ୍ରୀ ଚିତ୍ରାଙ୍କ ମୃତ୍ୟୁ

ଚେନ୍ନାଇ,୦୯।୧୨ (ନି.ପ୍ର): ବୁଧବାର ସକାଳେ ଏକ ହୋଟେଲ ରୁମରେ ୨୯ ବର୍ଷୀୟା ଦକ୍ଷିଣଭାରତୀୟ ଅଭିନେତ୍ରୀ ତଥା ଭି.ଜେ ଚିତ୍ରାଙ୍କ ମୃତଦେହ ମିଳିଛି। ପ୍ରାଥମିକ ଅନୁସନ୍ଧାନରେ ଏହି ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଇଛି। ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି। କୁହାଯାଉଛି ଯେ ଭିଜେ ଚିତ୍ରା ବିଳମ୍ବିତ ରାତିରେ ଗୁଳି ଚଳାଇଥିଲେ। ଏହାପରେ ସେ ତାଙ୍କ ହୋଟେଲ ରୁମକୁ ଯାଇଥିଲେ । କିନ୍ତୁ ପରେ ହୋଟେଲ ରିସେପସନିଷ୍ଟ ତାଙ୍କ ମୃତ୍ୟୁ ବିଷୟରେ ଜାଣିବାକୁ ପାଇଥିଲେ ଏବଂ ତୁରନ୍ତ



ପୋଲିସକୁ ଜଣାଇଥିଲେ। ଭିଜେ ଚିତ୍ରା ସିରିଅଲ ପାଣ୍ଡିଆନ୍ ଷ୍ଟୋର୍ ପାଇଁ ଜଣାଶୁଣା । ସେ ଦୀର୍ଘ ଦିନ ଧରି ସେହି ସିରିଏଲରେ ମୁଲାଇ ଚରିତ୍ରରେ ଅଭିନୟ କରୁଥିଲେ । ସେହି ସିରିଏଲ ଯୋଗୁଁ ତାଙ୍କର ଲୋକପ୍ରିୟତା ଏତେ ଥିଲା ଯେ ସମସ୍ତେ ତାଙ୍କୁ ମୁଲାଇ ବୋଲି ଡାକୁଥିଲେ ।
ଖବର ନେବାରୁ ଜଣାଯାଇଛି ଯେ ଚିତ୍ରାଙ୍କ ପରିବାର ମଧ ଚେନ୍ନାଇରେ ରୁହନ୍ତି। ସେ ଚଳିତ ବର୍ଷ ଅଗଷ୍ଟରେ ବ୍ୟବସାୟୀ ହେମନ୍ତ ରବିଙ୍କ ସହିତ ତାଙ୍କର ନିର୍ବନ୍ଧ ହୋଇଥିଲା। ଏଭଳି ପରିସ୍ଥିତିରେ ଚିତ୍ରାଙ୍କ ଆତ୍ମହତ୍ୟା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏପର୍ଯ୍ୟନ୍ତ ଚିତ୍ରାଙ୍କ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ୨୦୨୦ ମସିହାରେ ମନୋରଞ୍ଜନ ଜଗତର ବହୁ ଜଣାଶୁଣା ଚେହେରା ଦୁନିଆରୁ ବିଦାୟ ନେଇଛନ୍ତି।

## କେନ୍ଦ୍ର କ୍ୟାବିନେଟ୍‌ର ମାଗଣା ୱାଇ-ଫାଇ ସେବା ନିଷ୍ପତିକୁ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ
## ଡ଼ିଜିଟାଲ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତର ସ୍ୱପ୍ନ ପୂରଣ ହେବ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର,୦୯।୧୨ (ନି.ପ୍ର): ଡିଜିଟାଲ ଇଣ୍ଡିଆ ପଦକ୍ଷେପ ମାଧ୍ୟମରେ ଦେଶରେ ଇ-ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଏବଂ ନାଗରିକଙ୍କ ଜୀବନକୁ ସୁଗମ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତରେ ଡିଜିଟାଲ ସଂଯୋଗକୁ ପ୍ରୋତ୍ସାହନ ଦେବା ଦିଗରେ ଆଜିର କ୍ୟାବିନେଟ୍ ନିଷ୍ପତି ଡ଼ିଜିଟାଲ ଇଣ୍ଡିଆ ଓ ଆତ୍ମନିର୍ଭର ଭାରତର ସ୍ୱପ୍ନ ପୂରଣ କରିବା ସହ ଡ଼ିଜିଟାଲ ଇଣ୍ଡିଆକୁ ବଡ଼ ଗତି ଦେବ ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କ୍ୟାବିନେଟ ନିଷ୍ପତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି



ଏବଂ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି ଯେ ସର୍ବସାଧାରଣରେ ମାଗଣା ୱାଇ-ଫାଇ ପ୍ରତିଷ୍ଠା ପାଇଁ ପିଏମ୍-ୱାଣୀ ଆରମ୍ଭ ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହି ନିଷ୍ପତି ଫଳରେ ଲୋକମାନେ ବିନା କୌଣସି ଶୁଳ୍କରେ ପ୍ରତିଷ୍ଠା ହେବାକୁ ଥିବା ପବ୍ଲିକ ଡ଼ାଟା ଅଫିସ ମାଧ୍ୟମରେ ହାଇ-ସ୍ପିଡ଼ ଇଂଟରନେଟର ସୁବିଧା ପାଇପାରିବେ।

▶▶ପୃଷ୍ଠା ୭

## ସୋନିଆ ଗାନ୍ଧୀଙ୍କୁ ଜନ୍ମଦିନର ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୦୯।୧୨ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଂଗ୍ରେସ ସଭାପତି ସୋନିଆ ଗାନ୍ଧୀଙ୍କୁ ତାଙ୍କର ଜନ୍ମଦିନରେ ଅଭିନନ୍ଦନ ଜଣାଇଛନ୍ତି। ସେ ଟ୍ୱିଟ କରି ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ସୁସ୍ଥ ଓ ନିରାୟମ ଜୀବନ କାମନା କରିଛନ୍ତି ।

## ଭୁବନେଶ୍ୱରରେ ପହଂଚିଲେ ବିଜେପି ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ



ଭୁବନେଶ୍ୱର,୦୯।୧୨ (ନି.ପ୍ର): ଓଡିଶା ବିଜେପିର ନବ ନିଯୁକ୍ତ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ବୁଧବାର ସଂଧ୍ୟାରେ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ବିମାନ ବନ୍ଦର ଠାରେ ପହଂଚିଛନ୍ତି। ତାଙ୍କୁ ସ୍ୱାଗତ କରିବା ପାଇଁ ବିଜେପିର ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ । । ଭୁବନେଶ୍ୱର ସାଂସଦ ତଥା ପାର୍ଟୀର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଂଗୀ, ପାର୍ଟୀର ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର ଓ ଅନ୍ୟ ନେତା ମାନେ ସେଠାରେ ତାଙ୍କୁ ସ୍ୱାଗତ କରିଥିଲେ। ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତରରେ ସେ କହିଛନ୍ତି ଯେ ରାଜ୍ୟର ବିଜେପି ନେତା ମାନଙ୍କ ସହ କଥାବାର୍ତା କରିବା ପରେ ହିଁ ସେ କୌଣସି ପ୍ରକାର ବକ୍ତବ୍ୟ ଦେବେ। ଉଲ୍ଲେଖନୀୟ ଯେ ପାର୍ଟୀର ପ୍ରଦେଶ ପ୍ରଭାରୀ ଭାବେ ନିଯୁକ୍ତ ହେବା ପରେ ତାଙ୍କର ଏହା ପ୍ରଥମ ଗସ୍ତ। ସେ ତାଙ୍କର ଏହି ଗସ୍ତ କାଳରେ ପାର୍ଟିର ନେତା, ବିଭିନ୍ନ ମୋର୍ଚାର ପଦାଧିକାରୀ ମାନଙ୍କ ସହ ଆଲୋଚନା କରି ସଂଗଠନକୁ ସୁଦୃଢ଼ କିପରି କରି ହେବ ସେ ନେଇ ଆଲୋଚନା କରିବେ ।

## ପିପିଇ କିଟ୍ କିଣାରେ ଦୁର୍ନୀତି ପ୍ରସଙ୍ଗର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶକୁ କଂଗ୍ରେସର ସ୍ୱାଗତ

ଭୁବନେଶ୍ୱର,୦୯।୧୨ (ନି.ପ୍ର): ରାଜ୍ୟରେ କରୋନା ମହାମାରୀ ସମୟରେ ବହୁଚର୍ଚ୍ଚିତ ମାସ୍କ, ପିପିଇ କିଟ୍ ଓ ଅନ୍ୟାନ୍ୟ କୋଭିଡ୍ ସାମଗ୍ରୀ କିଣାରେ କୋଟି କୋଟି ଟଙ୍କା ଦୁର୍ନୀତିରେ ରାଜ୍ୟ ସରକାରଙ୍କର ସଂପୃକ୍ତିକୁ ନେଇ ପ୍ରଦେଶ କଂଗ୍ରେସ କମିଟି ଲୋକାୟୁକ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ଲୋକାୟୁକ୍ତ ତାଙ୍କର ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ ଏହି କେଳେଙ୍କାରୀର ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିଶ କରିବା ଘଟଣାକୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ସ୍ୱାଗତ କରିଛନ୍ତି। ଭିଜିଲାନ୍ସ ତଦନ୍ତର ନିରପେକ୍ଷତାକୁ ନେଇ ପୂର୍ବରୁ ବହୁ



ପ୍ରଶ୍ନବାଚୀ ଥିଲେ ମଧ ଦୁର୍ନୀତିର ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ଆମେ ଦୃଢ଼ ଆଶାବାଦୀ। ରାଜ୍ୟ ସରକାରଙ୍କ ଅସଲ ଚିତ୍ର, ଚେହେରା, ଚରିତ୍ର ଓ ଚାଲ୍‌ର ପର୍ଦ୍ଦାଫାସ ତଦନ୍ତରୁ ସ୍ପଷ୍ଟ ଜଣାପଡିବ ବୋଲି ଶ୍ରୀ ପଟ୍ଟନାୟକ ଆଜିର ସାମ୍ବାଦିକ ସମ୍ମିଳନୀରେ ଉଲ୍ଲେଖ କରିଛନ୍ତି। ୫ଟି ଓ ସ୍ୱଚ୍ଛ ସରକାରର ଫମ୍ପା ଡିଣ୍ଡିମ ପିଟୁଥିବା ରାଜ୍ୟ ସରକାର ଓ ବିଜୁ ଜନତା ଦଳ ଲୋକଙ୍କ ଟିକସରୁ ଆଦାୟ ଅର୍ଥକୁ ହରିଲୁଟ୍ କରିଥିବାର ମସୁଧାକୁ ଓଡିଶାବାସୀ କଦାପି ବରଦାସ୍ତ କରିବେ ନାହିଁ ବୋଲି ଶ୍ରୀ ପଟ୍ଟନାୟକ ମତପ୍ରକାଶ କରିଛନ୍ତି। ଆସନ୍ତା ଫେବୃଆରୀ ମାସ ମଧ୍ୟରେ ଭିଜିଲାନ୍ସ ଲୋକାୟୁକ୍ତଙ୍କୁ ସବିଶେଷ ତଦନ୍ତର ତଥ୍ୟ ପ୍ରଦାନ ପର୍ଯ୍ୟନ୍ତ କଂଗ୍ରେସ ଦଳ ଓଡିଶାବାସୀଙ୍କ ନିକଟରେ ଉକ୍ତ ପ୍ରସଙ୍ଗକୁ ନେଇ ଜୋରଦାର ଆନ୍ଦୋଳନାତ୍ମକ ପଦକ୍ଷେପ ଜାରି ରଖିବ।

## ବାଘୁଣୀ ସୁନ୍ଦରୀର ଉପଯୁକ୍ତ ଯତ୍ନ ନେବାଲାଗି ନବୀନଙ୍କୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଚିଠି

ଭୁବନେଶ୍ୱର,୦୯।୧୨ (ନି.ପ୍ର): ବାଘୁଣୀ 'ସୁନ୍ଦରୀ'ର ଉପଯୁକ୍ତ ଯତ୍ନ ନେବା ଲାଗି ଅନୁରୋଧ କରି ମଧ ପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖିଛନ୍ତି । କାହ୍ନା ଟାଇଗର ରିଜର୍ଭକୁ ସ୍ଥାନାନ୍ତରିତ ହେବା ପର୍ଯ୍ୟନ୍ତ ସାତକୋଶିଆରେ ରଖାଯାଇଥିବା ବାଘଣୀ 'ସୁନ୍ଦରୀ'ର ଉପଯୁକ୍ତ ଯତ୍ନ ନେବାକୁ ସେ ଅନୁରୋଧ କରିଛନ୍ତି। ଏସମ୍ପର୍କରେ ସେ ଟ୍ୱିଟ୍ କରି ମଧ୍ୟ ସୂଚନା ଦେଇଛନ୍ତି । 'ସୁନ୍ଦରୀ'ର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଉଦବେଗ ପ୍ରକାଶ କରି ମଧ ପ୍ରଦେଶର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି ଯେ ତାକୁ କାହ୍ନା ବ୍ୟାଘ୍ର ସଂରକ୍ଷଣକୁ ସ୍ଥାନାନ୍ତରିତ ହେବା ପର୍ଯ୍ୟନ୍ତ ଏକ ଅନୁକୂଳ ପରିବେଶ ଉପଲବ୍ଧ କରାଯାଉ। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ) ର ଅନୁମତି ପରେ ରାଜ୍ୟର କାହ୍ନା ବ୍ୟାଘ୍ର ସଂରକ୍ଷଣ, ବାନ୍ଧବଗଡ଼ ଜାତୀୟ ଉଦ୍ୟାନ ଏବଂ ପେସଞ୍ଚ ଜାତୀୟ ଉଦ୍ୟାନରେ ବ୍ୟାଘ୍ର ସଫାରି ନିର୍ମାଣ କରାଯାଉଛି। ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ସୁନ୍ଦରୀକୁ କାହ୍ନା ବ୍ୟାଘ୍ର ସଂରକ୍ଷଣସ୍ଥିତ ଗୋରେଲା କେନ୍ଦ୍ରରେ ସାମୟିକ ଭାବେ ରଖାଯିବ। ତେବେ ଗୋରେଲା କେନ୍ଦ୍ରରେ ଅନ୍ୟ ଏକ ବାଘ ତାଲିମ ନେଉଛି । ଏହାକୁ ଉପଯୁକ୍ତ ସ୍ଥାନରେ ଛଡ଼ାଯିବା ପରେ 'ସୁନ୍ଦରୀ'କୁ କାହ୍ନା ବ୍ୟାଘ୍ର ସଂରକ୍ଷଣସ୍ଥିତ ଗୋରେଲା କେନ୍ଦ୍ରକୁ ଅଣାଯିବ। ତେବେ 'ସୁନ୍ଦରୀ'ର ସ୍ଥାନାନ୍ତର ଅଧିକ ସମୟ ନେଇପାରେ। ସେପର୍ଯ୍ୟନ୍ତ 'ସୁନ୍ଦରୀ'ର ଉପଯୁକ୍ତ ରକ୍ଷଣାବେକ୍ଷଣର ବ୍ୟବସ୍ଥା କରାଯିବାକୁ ମଧ ପ୍ରଦେଶର ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ତାଙ୍କ ଚିଠିରେ ଅନୁରୋଧ କରିଛନ୍ତି।

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୯।୧୨ (ନି.ପ୍ର): କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଂଜଳି ଜଣାଇଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ – ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସାହିତ୍ୟିକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀରେ ମୋର ଶ୍ରଦ୍ଧାଞ୍ଜଳି। 'ବନ୍ଦେ ଉତ୍କଳ ଜନନୀ' ଭଳି କାଳଜୟୀ ରଚନା ସହ ଓଡ଼ିଆ ସାହିତ୍ୟ ଜଗତରେ ତାଙ୍କର ଅମ୍ଳାନ କୃତି ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ।

## ଘନ କୁହୁଡ଼ିରେ ଟ୍ରେନ ଚଳାଚଳ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର,୦୯।୧୨ (ନି.ପ୍ର): ପୂର୍ବତଟ ରେଳପଥ ପରିସୀମା କ୍ଷେତ୍ରର ବିଭିନ୍ନ ରେଳ ସେକ୍ସନରେ ରାତ୍ରି ସମୟ ଠାରୁ ପ୍ରାତଃ କାଳ ସମୟରେ ଘନ କୁହୁଡ଼ିକୁ ସାମ୍ନା କରି ରେଳ ଚଳାଚଳ କରାଇବାକୁ ଏହାର କାର୍ଯ୍ୟଶକ୍ତିକୁ ପ୍ରସ୍ତୁତ ରଖିବା ସହ କୁହୁଡି ପ୍ରଭାବିତ କ୍ଷେତ୍ରରେ ସାବଧାନ ଅବଲମ୍ବନ କରିବାକୁ କର୍ମଚାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛି । ଟ୍ରେନ ଚଳାଚଳ କ୍ଷେତ୍ରରେ ନିରାପତାକୁ ପ୍ରାଧାନ୍ୟ ଦିଆଯାଇ ଅଧିକ କୁହୁଡି ସମୟରେ ଟ୍ରେନର ଗତିକୁ ନିୟନ୍ତ୍ରଣ କରିବାକୁ ଟ୍ରେନ ଚାଳକ ମାନଙ୍କୁ କୁହାଯାଇଛି; ଯେପରିକି ସେମାନେ ଅନୁଭବ କରିବେ ଯେ କୌଣସି ବିପଦ ନାହିଁ । ଏହା ବ୍ୟତୀତ ବହୁ ସାବଧାନତା ଅବଲମ୍ବନ କରିବା ସହ ଅଧିକାରୀ ଓ ନିରାପତା ପରିଷଦ ମାନଙ୍କ ଦ୍ୱାରା ରନିଙ୍ଗ ଷ୍ଟାଫ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଛି ।ଘନ କୁହୁଡି ଅଂଚଳରେ ଉଜ୍ଜ୍ୱଳ ଆଲୋକ ପ୍ରଦାନ କରୁଥିବା ରଙ୍ଗ ପଟିକୁ ଓ.ଏଚ.ଇ ଖୁଂଟ ମାନଙ୍କରେ ଲେବଲ କ୍ରସିଂ ଏବଂ ବ୍ୟସ୍ତ ବହୁଳ ଯାତାୟାତ ଅଂଚଳରେ ଥିବା 'ଟ୍ରେନ ଅଟକିବା ସଂକେତ' ପୂର୍ବରୁ ଲଗାଯାଇ ଟ୍ରେନ ଚାଳକ ମାନଙ୍କୁ ସଜାଗ କରାଯାଉଛି । ଏହି ବ୍ୟବସ୍ଥା ଦ୍ୱାରା ଟ୍ରେନ ଚାଳକ ମାନେ ଘନ କୁହୁଡ଼ିଥିବା ଅଂଚଳ ମାନଙ୍କରେ ସାମ୍ନାରେ ଥିବା ସିଗ୍ନାଲର ଦିଗ ପ୍ରତି ଅଧିକ ସଚେତନ ହୋଇପାରୁଛନ୍ତି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ସଂରକ୍ଷା ବିଭାଗ ଅଧିକାରୀ ମାନଙ୍କୁ ଆଦେଶଦେଇ କହିଛନ୍ତି ଯେ ଘନ କୁହୁଡି ସମୟରେ ସୁରକ୍ଷିତ ଟ୍ରେନ ଚଳାଚଳ ପାଇଁ ସର୍ବୋତମ ସଂରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ । ଘନ କୁହୁଡି ଅଂଚଳରେ ଯାତ୍ରୀ ମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଟ୍ରେନକୁ ଧୀରେ ଚଳାଇବାକୁ ଟ୍ରେନ ଚାଳକ ଓ ଗାର୍ଡ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଘନ କୁହୁଡ଼ିରେ ଯଦି ଟ୍ରେନ ଚାଳକ ସିଗ୍ନାଲ ଗୁଡିକୁ ଦେଖିବାକୁ ସକ୍ଷମ ହୋଇନପାରନ୍ତି, ତେବେ ସିଗ୍ନାଲ ଖୁଂଟ ପୂର୍ବରୁ ଶବ୍ଦ ସୃଷ୍ଟିକରୁଥିବା ଡିଟୋନେଟରକୁ ପ୍ରୟୋଗ କରାଯାଏ । ଯାହା ଫଳରେ ଟ୍ରେନ ସଂକେତ ପାଖରେ ରହି ପାରିବ । ଏହି ଡିଟୋନେଟର ଚେପଟା, ଡିସ୍କ ଭଳି ମେଟାଲ କଣ୍ଟେନର ଓ ସାଧାରଣତଃ ନାଲି ରଙ୍ଗ ଯାହାକି ଟ୍ରେନ ଚକ ତଳେ ବିସ୍ଫୋରକ ଶବ୍ଦ ସୃଷ୍ଟି କରିପାରୁଥିବ। ଷ୍ଟେସନ ମ୍ୟାନେଜର ମାନଙ୍କୁ ପର୍ଯ୍ୟାପ୍ତ ମାତ୍ରାରେ ଡିଟୋନେଟର ଯୋଗାଇ ଦିଆଯାଇ ଘନ କୁହୁଡି ଥିବା ସମ୍ବେଦନଶୀଳ ସ୍ଥାନମାନଙ୍କରେ ବ୍ୟବହାର କରିବାକୁ କୁହାଯାଇଛି । ଡିଟୋନେଟର ପ୍ରୟୋଗ କରିବାକୁ ଷ୍ଟେସନ, କେବିନ ଏବଂ ଗେଟ ମାନଙ୍କରେ ଥିବା କର୍ମଚାରୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯିବ ସହ ସଠିକ ଉପଯୋଗ କରିବାକୁ ପରାମର୍ଶ ଦିଆଯାଇଛି । ଜଗୁଆଳି ଥିବା ଲେବଲ କ୍ରସିଂ ଗେଟରେ ବ୍ୟାରିୟରରେ ଚକମକି ସଂକେତ ଚିହ୍ନ ପ୍ରୟୋଗ କରାଯାଇଛି।

▶▶ପୃଷ୍ଠା ୭

## ପାର୍ଥିବ ପଟେଲଙ୍କ ଅବସର ଘୋଷଣା

ନୂଆଦିଲ୍ଲୀ,୦୯।୧୨ (ନି.ପ୍ର): ୱିକେଟ୍ କିପର – ବ୍ୟାଟସ୍ ମ୍ୟାନ୍ ପାର୍ଥିବ ପଟେଲ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିଛନ୍ତି। ୩୫ ବର୍ଷୀୟ ପାର୍ଥିବ ବୁଧବାର ଟ୍ୱିଟ୍ କରି ଏହି ସୂଚନା ଦେଇଛନ୍ତି। ୧୮ ବର୍ଷର କ୍ରିକେଟ୍ କ୍ୟାରିୟର ମଧ୍ୟରେ ପାର୍ଥିବ ୨୫ ଟି ଟେଷ୍ଟ, ୩୮ ଟି ଦିନିକିଆ ଏବଂ ୨ ଟି -୨୦ ଆନ୍ତର୍ଜାତୀୟ ସ୍ତରରେ ଟିମ୍ ଇଣ୍ଡିଆର ପ୍ରତିନିଧିତ୍ୱ କରିଥିଲେ । ଜାନୁଆରୀ ୨୦୧୮ ରେ ଜୋହାନ୍ସବର୍ଗରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ।
ପାର୍ଥିବ ଟ୍ୱିଟର ଏବଂ ଇନଷ୍ଟାଗ୍ରାମରେ ଲେଖିଛନ୍ତି, 'ଆଜି ମୁଁ କ୍ରିକେଟର ସମସ୍ତ ଫର୍ମାଟରୁ ଦୂରେଇ ଯାଉଛି। ମୋର ୧୮ ବର୍ଷର କ୍ରିକେଟ୍ ଯାତ୍ରା ଗମ୍ଭୀରହୃଦୟରେ ସମାପ୍ତ କରୁଛି।' ସୌରଭ ଗାଙ୍ଗୁଲିଙ୍କ ଅଧିନାୟକତ୍ୱରେ ୧୭ ବର୍ଷ ୧୫୨ ଦିନ ବୟସରେ ଟେଷ୍ଟ କ୍ରିକେଟରେ ଡେବ୍ୟୁ କରିଥିବା ପାର୍ଥିବ ପଟେଲ ନିଜ କ୍ୟାରିୟରରେ ୩୧.୧୩ ହାରାହାରିରେ ୯୩୪ ରନ୍ ସଂଗ୍ରହ କରିଥିଲେ, ସେଥିମଧ୍ୟରେ ୬ ଟି ଅର୍ଦ୍ଧଶତକ ରହିଛି। ସେ ୬୨ ଟି କ୍ୟାଚ୍ ଏବଂ ୧୦ ଟି ଷ୍ଟମ୍ପ୍ ମଧ କରିଥିଲେ । ଟେଷ୍ଟ ଡେବ୍ୟୁ କରିବାରେ ସେ ସର୍ବକନିଷ୍ଠ ୱିକେଟ୍ କିପର ଥିଲେ।

▶▶ପୃଷ୍ଠା ୭

# ଜାଗା ହସ୍ତାନ୍ତର ନେଇ ଦାବିପତ୍ର

## ରାଷ୍ଟ୍ରପତିଙ୍କ ପାଇକ ସ୍ମାରକୀସ୍ଥଳ ଉଦ୍‌ଘାଟନର ପ୍ରଥମ ବାର୍ଷିକ ଉତ୍ସବ



ଖୋର୍ଦ୍ଧା ,୯।୧୨ (ନି.ପ୍ର): ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ଶିଳାନ୍ୟାସର ପ୍ରଥମ ବାର୍ଷିକ ଉତ୍ସବ କଳିଙ୍ଗ ପାଇକ ସଂଗଠନ, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ, ନିଖିଳ ଓଡ଼ିଶା ପାଇକ ମହାସଂଘ ଓ ନିଉଥିଙ୍କିଙ୍ଗ ଫୋରମ ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ହୋଇଯାଇଛି। ଆଜକୁ ବର୍ଷକ ତଳେ ଭାରତର ମାନ୍ୟବର ରାଷ୍ଟ୍ରପତି ରାମନାଥ କୋବିନ୍ଦ, ବରୁଣେଇ ପାଦଦେଶରେ ୨୦୧୯ ଡ଼ିସେମ୍ବର ୮ ତାରିଖ ଦିନ ପାଇକ ସ୍ମାରକୀସ୍ଥଳର ଶିଳାନ୍ୟାସ କରିଥିଲେ । ସେଠାରେ ପାଇକ ସଂଗ୍ରହାଳୟ, ଶହୀଦମାନଙ୍କ ପ୍ରତିମୂର୍ତ୍ତୀ, ପାଇକ ଏକାଡ଼େମୀ, ପାର୍କ, ପାଠାଗାର, ବରୁଣେଇ ଓ ଖୋର୍ଦ୍ଧାଗଡ଼ର ବିକାଶ ନେଇ ଘୋଷଣା ହୋଇଥିଲା । ଏଥିପାଇଁ କେନ୍ଦ୍ର ସରକାର ମାଗିଥିବା ୫୦ ଏକର ଜାଗାରୁ ମାତ୍ର ୧୧.୪ଏକର ଜାଗା ଘୋଷଣା କରିଥିଲେ ହେଁ ବାସ୍ତବରେ ଇଂଚେ ବି ଜାଗା ମଡ଼ାଣ ଦିଆଯାଇନାହିଁ । ତେଣୁ ଏଥିପାଇଁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। କଳିଙ୍ଗ ପାଇକ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଭା ପୂର୍ବରୁ ପଂଚପାଇକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ବରୁଣେଇ ପୀଠରେ ପୂଜାର୍ଚ୍ଚନା ହୋଇଥିଲା । କଳିଙ୍ଗ ପାଇକ ସଂଗଠନର ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ ବିବରଣୀ ପାଠ କରିବା ସହିତ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ । କଳିଙ୍ଗ ପାଇକ ସଙ୍ଗଠନର ଅନ୍ୟତମ ଉପଦେଷ୍ଟା ଐତିହାସିକ ସତ୍ୟବାଦୀ ବଳିଆରସିଂହ ମାନ୍ୟବର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ପ୍ରଦତ୍ତଉହିନ୍ଦୀ ଭାଷଣରୁ ଉଦ୍ଧୃତ କରି କହିଥିଲେ, "ପାଇକ ବିଦ୍ରୋହ ସ୍ମାରକ କେ ବନଜାନେ ପର ୟହାଁ ଦେଶ-ବିଦେଶ ସେ ଆନେ ବାଲେ ପର୍ଯ୍ୟଟକୋ ୱର ବିଶେଷକର ୟୁବାଓଁ କୋ ପାଇକ ବିଦ୍ରୋହ ସେ ଜୁଡ଼ି ମହତ୍ୱପୂର୍ଣ୍ଣ ଜାନକାରୀ ଉପଲବ୍ଧ ହୋଗୀ" । ୧୮୧୭ ପାଇକ ବିଦ୍ରୋହ ବିଶ୍ୱ ଇତିହାସର ଏକ ବଡ଼ ଘଟଣା ହୋଇଥିବାରୁ ଏହାକୁ ବିଶ୍ୱ ଇତିହାସରେ ବିଧିବଦ୍ଧ ଭାବେ ସ୍ଥାନ ଦେବାପାଇଁ ପ୍ରୟାସ ଆରଂଭ ହେବାନେଇ ସେ ମତ ଦେଇଥିଲେ। ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ସଭାପତି ଇଂ ଶିଶିର କୁମାର ନାୟକ ୧୮୧୭ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇଁ ଦେଇଥିବା ସ୍ମାରକପତ୍ର ପଢ଼ି ଶୁଣାଇବା ସହ ପାଇକ ରେଜିମେଂଟ ପ୍ରତିଷ୍ଠା ନେଇ କେନ୍ଦ୍ରମଂତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରାଇବେ ବୋଲି କହିଥିଲେ। ନିଖିଳ ଓଡ଼ିଶା ପାଇକ ମହାସଂଘର ସଭାପତି ଅଶୋକ ପାଲଟାସିଂହ, ପ୍ରଫେସର ଡ. ଗାୟନ ସାମଲ, କଳିଙ୍ଗ ପାଇକ ସଂଗଠନର ରାଜ୍ୟ ଉପ ସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଦୋକନ୍ଦା ଦଳବେହେରା ମନୋରଞ୍ଜନ ପଣ୍ଡିମକବାଟ, ତାପଙ୍ଗ ଦଳବେହେରା ସ୍ମୃତି ପରିଷଦର ରମେଶ ଚନ୍ଦ୍ର ପାତାଳସିଂହ, ରମ୍‌ଜାନ ଖାଁ, ସଂଗ୍ରାମ କେଶରୀ ଜଗଦେବ, ଖୋର୍ଦ୍ଧା ନିଉଥିଙ୍କିଙ୍ଗ ଫୋରମ୍‌ର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ପୃଷ୍ଟି, ସମାଜସେବୀ ସଂଜୟ କୁମାର ପଟ୍ଟନାୟକ, ଖୋର୍ଦ୍ଧା ବାର ଆସୋସିଏସନ୍‌ର ସଭାପତି ଶିଶିର କୁମାର ପରିଡ଼ା, ରାମଚଣ୍ଡୀ ଦଳବେହେରା, ମୃତ୍ୟୁଞ୍ଜୟ ଛୋଟରାୟ, ଶିକ୍ଷାବିତ୍ କାଳିଚରଣ ଜୟସିଂହ, ସମାଜସେବୀ ପ୍ରଦୀପ କୁମାର ବିଶ୍ୱାଳ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, ଫ୍ଲାଇଟ ଲେଫ୍ଟନାଂଟ ବିଦ୍ୟାଧର ଲେଙ୍କା, ସୁବାସ ଚନ୍ଦ୍ର ସାମନ୍ତରାୟ, ଅବନୀକାନ୍ତ ଜେନା, ବୈଦ୍ୟନାଥ ବରାଳ, ଦାଶରଥି ରଣସିଂହ, ବେଣୁଧର ସାମନ୍ତରାୟ, ଭଗବାନ ପଣ୍ଡିମକବାଟ, ବିସ୍ମୟ ରଞ୍ଜନ ସାମନ୍ତସିଂହାର ଓ ଅମିତ ରଞ୍ଜନ ପାତାଳସିଂହ ପ୍ରମୁଖ ନିଜ ନିଜ ମତ ରଖିଥିଲେ । ଆସନ୍ତା ଜାନୁୟାରୀ ୨୭ ତାରିଖ ଦିନ ତାପଙ୍ଗ ଦଳବେହେରା ମାଧବ ରାଉତରାୟଙ୍କ ଶ୍ରାଦ୍ଧ ଦିବସ ଅବସରରେ ପାଇକ ସ୍ମାରକୀ ସ୍ଥଳରେ ପାଇକ ଆଖଡ଼ା ସମାରୋହ ହେବ ବୋଲି ଘୋଷଣା ହୋଇଥିଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ତଥା ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଜାଗା ହସ୍ତାନ୍ତର ନେଇ ଦାବିପତ୍ରରେ ଦସ୍ତଖତ ସଂଗ୍ରହ କରାଯାଇଥିଲା । ଶେଷରେ ଆଇନଜୀବୀ ହରପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ ।

# ଉତ୍ତର ଓଡ଼ିଶାରେ ଓଡ଼ିଶା ହାମର ପ୍ରଥମ କର୍ମଶାଳା

ବାରିପଦା,୯।୧୨ (ନି.ପ୍ର): ଆମେଚର ରେଡିଓ କ୍ଲବ ଭୁବନେଶ୍ୱର ତରଫରୁ ଉତ୍ତର ଓଡ଼ିଶାର ମୟୂରଭଂଜ ଜିଲ୍ଲାରେ ପ୍ରଥମ ଥର ପାଇଁ ସ୍ଥାନୀୟ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ଶିଶୁ ମନ୍ଦିର ପ୍ରାଙ୍ଗଣରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କରୋନା ମହାମାରୀର ଭୟାବହତାକୁ ଦୃଷ୍ଟିରେ ରଖି କୋଭିଡ୍-୧୯ରେ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ନିୟମ ମାନି ଉକ୍ତ କର୍ମଶାଳାଟି ଆୟୋଜିତ ହୋଇଥିଲା । ଉକ୍ତ କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲାକି ହାମ ରେଡିଓ ସାହାଯ୍ୟରେ ଜରୁରୀ କାଳୀନ ପରିସ୍ଥିତି ଯେପରି ମହାବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକମାନଙ୍କ ସହିତ ସମ୍ପର୍କ ଓ ଯୋଗାଯୋଗ ସ୍ଥାପନ କରିବା ସହିତ ସେମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରୟାସ କରିବା । ଏହାର ଏକ ପ୍ରକୃଷ୍ଟ ଉଦାହରଣ ହେଉଛି ବିଗତବର୍ଷ ମାନଙ୍କରେ ଓଡ଼ିଶାରେ ଫାଇଲିନ୍, ଫନି, ତିତିଲି ଆଦି ମହାବାତ୍ୟା ପରି ଘଡ଼ିସନ୍ଧି ମୁହୂର୍ତ୍ତରେ ହାମ ରେଡିଓ ଅପରେଟର ମାନଙ୍କ ଦ୍ୱାରା ଓଡ଼ିଶାର କେତେକ ଅଂଚଳରେ ବିଛିନ୍ନ ଲୋକମାନଙ୍କ ସହିତ ଯୋଗାଯୋଗ କରିବା ସହ ସେମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଇ ପାରିଥିଲା । ଆୟୋଜିତ କର୍ମଶାଳାରେ ଉପରୋକ୍ତ ସମସ୍ତ ବିଷୟ ଆଲୋଚନା ସହିତ ହାମ ରେଡିଓର ବ୍ୟବହାର, କୌଶଳ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ଦିଗଦର୍ଶନ ଦିଆଯାଇଥିଲା । ଉକ୍ତ କର୍ମଶାଳାରେ ଆମେଚର ରେଡିଓ ଅପରେଟର ପଙ୍କଜ ବାଗ(ଭିୟୁଟୁବିପିଜେ), ଦେବାଶିଷ ମିଶ୍ରଶ (ଭିୟୁଟୁସିଏଫଏସ), ମନୋଜ କୁମାର ନାୟକ (ଭିୟୁଟୁଓଡିଆଇ), ଓମକାର (ଏସଡବ୍ଲୁଏଲ) ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇଥିବାବେଳେ ସୁଲୋଚନା ମଙ୍ଗରାଜ, ମଂଜଳି ଦେ, ଇତିଶ୍ରୀ ପଟ୍ଟନାୟକ, ଦେବବ୍ରତ ପାତ୍ର, ବିମଳ କୁମାର ମହାପାତ୍ରଙ୍କ ସମେତ ଉଦଳା, ବାଙ୍ଗରୀପୋଷି ଆଦି ଅଂଚଳରୁ ପ୍ରଶିକ୍ଷାର୍ଥୀମାନେ ଯୋଗଦେଇଥିଲେ ।

# ଜିଲ୍ଲା ଦକ୍ଷତା କମିଟିର ପ୍ରଥମ ବୈଠକ

ଭଦ୍ରକ,୯।୧୨ (ନି.ପ୍ର): ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲା ଦକ୍ଷତା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୂତନ ଭାବେ ଗଠିତ ହୋଇଥିବା ଦକ୍ଷତା କମିଟିର ଆଭିମୁଖ୍ୟ ଏବଂ କାର୍ଯ୍ୟଧାରା ସଂପର୍କରେ ଆଲୋଚନା ହୋଇଥିଲା । କମିଟିର ସଦସ୍ୟମାନେ ଜିଲାର ଯୁବକ-ଯୁବତୀଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ନୀତି କିଭଳି କାର୍ଯ୍ୟକାରୀ କରାଇବେ, ଏବଂ ନିଜ ଭିତରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ, ସେ ସଂପର୍କରେ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଜିଲାର ଯୁବକ-ଯୁବତୀମାନଙ୍କର ଯେଉଁସବୁ କ୍ଷେତ୍ରରେ ଦକ୍ଷତାର ଅଭାବ ରହିଛି, ଏବଂ ସେସବୁର କିଭଳି ଭାବରେ ବିକାଶ ହୋଇପାରିବ, ଜିଲାପାଳ ତାହା ଉପରେ ଆଲୋକପାତ କରିଥିଲେ । ଦକ୍ଷତା ବିକାଶ କାର୍ଯ୍ୟକ୍ରମଗୁଡିକ କିଭଳି ଭାବେ ସୂଚାରୁ ରୂପେ ସଂପାଦନ ହେବ, ସେ ନେଇ ଆଲୋଚନା କରାଯାଇଥିଲା । ଜିଲା ଦକ୍ଷତା ବିକାଶ ଯୋଜନା ଓ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାକୁ କିଭଳି ସଂପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଯାଇପାରିବ, ତାହା ଉପରେ ବିବରଣୀ ରଖାଯାଇଥିଲା । ଜିଲା ଦକ୍ଷତା ବିକାଶ ଯୋଜନାକୁ ଭଲଭାବେ ତ୍ୱରାନ୍ୱିତ କରିବା ପାଇଁ ଜିଲା ଦକ୍ଷତା ଉପକମିଟି ବୈଠକ ଚଳିତ ଡିସେମ୍ବର ମାସରେ କରାଇବା ପାଇଁ ଜିଲାପାଳ ଡ. ଦାସ ଜିଲା କର୍ମ ନିୟୋଜନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଏବଂ ଜିଲାର ଅନ୍ୟ ବରିଷ୍ଠ ଅଧିକାରୀ, ଜିଲା ଶିଳ୍ପାୟନ ସଂସ୍ଥାର ପ୍ରତିନିଧି ଗଣ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏଥିରେ ରାଜ୍ୟ ଏପ୍ରେନ୍‌ଟାଇସିପ୍ ରିପ୍ରେଜେନଟେଟିଭ୍, ଡିଟିଏନ୍‌ଟି ଅଂଶଗ୍ରହଣ କରି ଜିଲାର ଯାନ୍ତ୍ରିକ ବିଦ୍ୟାରେ ତାଲିମ ନେଇ ଶିକ୍ଷାର୍ଥୀମାନଙ୍କୁ ତାଲିମ୍ ଦେବା ପରେ ଏପ୍ରେନ୍‌ଟାଇସିପ୍ କିଭଳି ଉଚିତ୍ କାର୍ଯ୍ୟରେ ନିୟୋଜନ କରିହେବ, ସେ ବିଷୟରେ ସେମାନେ ଅବଗତ କରାଇଥିଲେ । ଜିଲା କର୍ମ ନିୟୋଜନ ଅଧିକାରୀ ଅଜୟ କୁମାର ଦାଶ ଦକ୍ଷତା ବିକାଶର ଅଭିବୃଦ୍ଧି ପାଇଁ ଜିଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଆଗାମୀ ଯୋଜନା ସଂପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ ।

# ପଣ୍ଡାପଡା ଥାନା ଅଂଚଳରେ ହାତୀପଲଙ୍କ ଉପଦ୍ରବ

ହରିଚନ୍ଦନପୁର,୯।୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଓ ତହସିଲ ଅନ୍ତର୍ଗତ ବକ୍ସିବାରିଗାଁ ଗ୍ରାମ ଛେଳିଗୋଧଳି ରାସ୍ତାର କାଣିରୀ ନଦୀତଟରେ ହାତୀ ଉପଦ୍ରବ ଯୋଗୁଁ ଚାଷୀଙ୍କ ଫସଲ ନଷ୍ଟ ହୋଇଛି । ସୂଚନା ଅନୁଯାୟୀ ଏହି ହାତୀପଲ ରାତ୍ରି ସମୟରେ ବିଜେପି ରେଞ୍ଜଆଡୁ ଆସି ଜୁଙ୍ଗା ଗ୍ରାମର ଚିତ୍ରସେନ ନାଏକଙ୍କ ବଗିଚାରେ ପଶି ଅନେକ ଫଳନ୍ତା କଦଳୀ ଗଛ ଓ ବିଭିନ୍ନ ଗଛ ଖାଇବା ସହ ଭାଙ୍ଗିରୁଜି ନଷ୍ଟ କରିଦେଇଛନ୍ତି । ଅନେକ କଦଳୀ କାନ୍ଧିକୁ ଅଧା ଖାଇ ତଳେ ପକାଇ ମାଡ଼ିଦଳି କଳଦୀ ଗଛର ମଞ୍ଜ ଗୁଡିକ ଖାଇଦେଇଛନ୍ତି। ନିକଟରେ ଥିବା ଫୁଲକୋବି ସହ ବିଭିନ୍ନ ପନିପରିବାକୁ ଖାଇବା ସହ ମାଡି ନଷ୍ଟ କରିଦେଇଥିବା ଦେଖିବାକୁ ମିଳିଛି । ଏପରିକି ବଗିଚାରେ ରହିଥିବା ଘରର ରୋଷେଇ କୋଠରୀର କାନ୍ଥ ଭାଙ୍ଗି ଦେଇଥିବା ଜଣାଯାଇଛି । ଏଥିସହ ଜୁଙ୍ଗା ପଂଚାୟତର ନୂଆଗାଁ ଗ୍ରାମର ରମେଶ ମହାନ୍ତଙ୍କ ପରିବା ବାଡିରେ ପିନପରିବା ଫସଲକୁ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଏଥିପ୍ରତି ବନବିଭାଗ ଦୃଷ୍ଟି ଦେଇ ଘଟଣାର ସଠିକ୍ ତଦନ୍ତ କରାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବା ସହ ହାତୀପଲଙ୍କ ଠାରୁ ଚାଷଜମି ଗୁଡ଼ିକ ସୁରକ୍ଷିତ ରଖିବା ପାଇଁ ବିହିତ ପଦକ୍ଷେପ ନେବାକୁ ଦାବି ହୋଇଛି ।

# କନ୍ଧମାଳ ଜିଲ୍ଲାରେ ନୂଆ ୨ କରୋନା ପଜିଟିଭ୍ ଚିହ୍ନଟ

କନ୍ଧମାଳ,୯।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଆଜି ନୂଆ ୨ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ସାମାନ୍ୟ ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୫୯୧୫ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ଦୁଇ ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଫୁଲବାଣୀ ବ୍ଲକ୍ ଗଞ୍ଜୁଗୁଡ଼ା ଅଂଚଳର ୭୫ ବର୍ଷିୟ ପୁରୁଷ ଏବଂ ଅନ୍ୟ ଜଣେ କ. ନୂଆଗାଁ ବ୍ଲକ୍ ଅନ୍ତର୍ଗତ ସାରଙ୍ଗଗଡ଼ ଅଂଚଳର ୮୦ ବର୍ଷିୟା ମହିଳା ।

ଆଜି ସୁଦ୍ଧା ଜିଲ୍ଲାରେ ୫୮୭୫ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। କରୋନାଜନିତ ସକ୍ରିୟ ମାମଲା ୭ ରହିଛି । ସେହିପରି ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୩୩ ରହିଛି।

# ଦୁର୍ନୀତିରେ ଉବୁଟୁବୁ ଚମ୍ପୁଆ ଆରଏମସି : ଚାଷୀଙ୍କୁ ହତାଦାର, ଲକ୍ଷ ଲକ୍ଷ ଟଙ୍କାର ଘୋଟାଲା

କେନ୍ଦୁଝର,୯।୧୨ (ନି.ପ୍ର): ରାଜ୍ୟରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ ଏହାକୁ ଜିରୋ ଟଲୋରନ୍ସ ଭାବେ ଗୁରୁତ୍ୱ ଦେଉଥିବା ସତ୍ୱେ କେନ୍ଦୁଝର ଜିଲ୍ଲାର କିଛି ଅସାଧୁ ଅଧିକାରୀ ତଥା କର୍ମଚାରୀ କିନ୍ତୁ ଏହାକୁ ଫୁରେ ଉଡାଇ ଦେବା ପ୍ରଚେଷ୍ଟାରେ ରହିଛନ୍ତି । କେନ୍ଦୁଝର ଜିଲ୍ଲାର ଦୁର୍ନୀତି ବିଭିନ୍ନ ସମୟରେ ସମ୍ବାଦର ଶିରୋନାମା ପାଲଟୁଥିଲେ ମଧ ସେଗୁଡିକର ନିରପେକ୍ଷ ତଦନ୍ତ ପ୍ରାୟତଃ ହେଉନାହିଁ । ଏପରିକି ଅଧିକାରୀଙ୍କ ଉପରେ ଉତରଦାୟିତ୍ୱ ମଧ ଧାର୍ଯ୍ୟ କରାଯାଉନାହିଁ । ଯେଉଁଥିପାଇଁ ସ୍ୱାଭାବିକ ଭାବେ ଅସାଧୁ ଅଧିକାରୀଙ୍କର ମନୋବଳ ବୃଦ୍ଧି ପାଉଛି । ଏ କ୍ଷେତ୍ରରେ ଚମ୍ପୁଆ ଆର.ଏମ୍.ସି୍.କୁ ଏକ ଉଦାହରଣ ଭାବେ ନିଆଯାଇପାରେ । ହାଟବଜାର ଓ ନିୟମିତ ବଜାରରେ ଚାଷୀଙ୍କୁ ସୁବ୍ୟବସ୍ଥିତ ଢଙ୍ଗରେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ ବିକାକିଣାର ସୁଯୋଗ ସୃଷ୍ଟି କରିବା ସହ ବଜାରର ପରିମଳ ବ୍ୟବସ୍ଥା ସଜାଡିବା, ପାନୀୟଜଳର ବ୍ୟବସ୍ଥା ଆଦି ଯୋଗାଇ ଦେବା ପାଇଁ ଆରଏମସି (ରେଗୁଲେଟେଡ ମାର୍କେଟ କମିଟି) ବା ନିୟନ୍ତ୍ରୀତ ବଜାର ପରିଷଦର ସୃଷ୍ଟି। ସବଡିଭିଜନ ସ୍ତରରେ ଉପଜିଲାପାଳ, ଆରଏମସିର ଚେୟାରମ୍ୟାନ ରହିଥିବାବେଳେ, ବ୍ୟବସ୍ଥାର ତଦାରଖ ସହ ନିୟମିତ କାର୍ଯ୍ୟ ପରିଚାଳନା ପାଇଁ ସରକାରୀ ସ୍ତରରେ ସମ୍ପାଦକ ଓ ମହାସୁଲ ଆଦାୟ ପାଇଁ କର୍ମଚାରୀ ରହିଛନ୍ତି । କିନ୍ତୁ, ଚମ୍ପୁଆ ଆରଏମସି ତାର ମୁଖ୍ୟ ଲକ୍ଷ୍ୟରୁ ଦୂରେଇ ଯିବାରେ ଲାଗିଛି ।

ଝୁମ୍ପୁରା ଅଂଚଳର ନିୟମିତ ବଜାର ସହିତ ସାପ୍ତାହିକ ହାଟ ଏହି ଆରଏମସି ନିୟନ୍ତ୍ରଣରେ ରହିଛି । ୧୯୯୭ ମସିହାରେ ଝୁମ୍ପୁରା ବଜାରକୁ ଆର.ଏମ୍.ସି. ହାତକୁ ନେବା ପରେ ସେହି ସ୍ଥାନରେ ନିଜସ୍ୱ ଖର୍ଚ୍ଚରେ ଦୋକାନ ଘର କରି ବ୍ୟବସାୟ କରିବାକୁ ବ୍ୟବସାୟୀମାନଙ୍କୁ ୧୦/ ୧୫ ଓ ୧୨/ ୧୫ ଫୁଟର '୨୪୮ଟି ପ୍ଲଟ ଆବଣ୍ଟନ କଲା । କିନ୍ତୁ, ଆରଏମସିର ନିର୍ଦ୍ଦିଷ୍ଟ ପ୍ଲାନ ନଥିବାରୁ ବ୍ୟବସାୟୀମାନେ ଘର ନିର୍ମାଣ କରିବା ପରେ ସେଠାରେ ପରିଶ୍ରାଗାର କିମ୍ବା ଡଷ୍ଟବିନ ଆଦି ପାଇଁ ସ୍ଥାନ ରହିଲା ନାହିଁ। ଏପଟେ ଚାଷୀମାନଙ୍କ ପାଇଁ ସ୍ଥାନର ଅଭାବ ଯୋଗୁଁ ବିଭିନ୍ନ ଲୋକଙ୍କଠାରୁ ଗାଳିମନ୍ଦ ଶୁଣିମଧ ନିର୍ଲଜ ଭାବେ ବିପଦଶଙ୍କୁଳ ଅବସ୍ଥାରେ ରାସ୍ତା ପାର୍ଶ୍ୱରେ ବସି ସେମାନେ ସେମାନଙ୍କର ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାକୁ ବାଧ ହେଉଛନ୍ତି । ଆରଏମସି ତାର ମୌଳିକ ଦାୟିତ୍ୱକୁ ଏଡାଇଯାଇ କେବଳ ମହାସୁଲ ଆଦାୟ କରିବାରେ ବ୍ୟସ୍ତ ରହୁଛି। ଚାଷୀମାନେ ନ୍ୟାୟ ପାଇଁ ଆରଏମସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଗୁହାରୀ ପରେ ମଧ ସୁଫଳ ମିଳୁନାହିଁ । ଏପରିକି କର୍ମଚାରୀମାନେ ଗାଳିମନ୍ଦ କରୁଥିବା ପଙ୍କଜ ନାଏକ, ପ୍ରଶାନ୍ତ ଗିରି, ଶୁକଦେବ ମହାନ୍ତ, ଘନଶ୍ୟାମ ନାଏକ, ରୋଶନ ମୁଣ୍ଡା, ଲୋଚନ ନାଏକ, ଯୁଧିଷ୍ଠିର ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ନିରଞ୍ଜନ ନାଏକ ପ୍ରମୁଖ ଚାଷୀମାନେ ଅଭିଯୋଗ କରିଛନ୍ତି। ବ୍ୟବସାୟୀଙ୍କ ସ୍ୱାର୍ଥରକ୍ଷା ଲାଗି ଉଦ୍ଦେଶ୍ୟମୂଳକ ଭାବେ ଚାଷୀଙ୍କୁ ନ୍ୟାୟ ଦିଆଯାଉନାହିଁ । ଆରଏମସି କର୍ତ୍ତୃପକ୍ଷଙ୍କର ମନମାନୀ ଓ କୃଷକମାନଙ୍କ ପ୍ରତି ହୀନମାନ୍ୟତା ମନୋଭାବ ଯୋଗୁଁ ଚାଷୀମାନେ ହନ୍ତସନ୍ତ ହେଉଥିବା ବେଳେ ବଜାରର ପରିମଳ ବ୍ୟବସ୍ଥା ମଧ ବିଗିଡିବାରେ ଲାଗିଛି । ଚାରିଆଡେ କୁଢ କୁଢ ଆବର୍ଜନା ମାସ ମାସ ଧରି ଜମି ରହୁଛି । ଏପରିକି ଆଦାୟ ମହାସୁଲର ସିଂହଭାଗ କର୍ମଚାରୀଙ୍କ ପକେଟକୁ ଯାଉଥିବା ଅଭିଯୋଗର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବୀ କରାଯାଉଛି । ଯାହାର ଆବଶ୍ୟକ ମଧ ରହିଛି । ଆବଣ୍ଟିତ ପ୍ଲଟ ଗୁଡିକରୁ ମାସିକ ଭଡା ମଧ ଆଦାୟରେ ହେଳା କରାଯାଉନାହିଁ । ପରିତାପର ବିଷୟ ଏହି ଆରଏମସିର ପରିଚାଳନା କମିଟିରେ ଚାଷୀଙ୍କୁ ସଦସ୍ୟ ଭାବେ ନିଆଯାଉନାହିଁ । ଆରଏମସିର ବିପଣୀ ଗୃହ ଓ ପ୍ଲଟ ଆବଣ୍ଟନର ଅନିୟମିତତା ହୋଇଥିବା ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା ଅଭିଯୋଗ କରିବା ସହ ନିୟମ ଅନୁଯାୟୀ ଆରଏମସିର ବିପଣୀ ଗୃହ ବିକ୍ରି କିମ୍ବା ହସ୍ତାନ୍ତର ଯୋଗ୍ୟ ନୁହେଁ। କିମ୍ବା ତାହା ବ୍ୟକ୍ତି ବିଶେଷଙ୍କୁ ଭଡା ଦିଆଯାଇ ପାରିବ ନାହିଁ । ସରକାରଙ୍କର ଜଙ୍ଗଲଜମି ପଟ୍ଟା ଆବଣ୍ଟନର ନିୟମ ଏଠାରେ ପ୍ରଯୁଜ୍ୟ ହେବ । ହେଲେ ଝୁମ୍ପୁରାରେ ଆରଏମସି ପକ୍ଷରୁ ସମସ୍ତ ନୀତିନିୟମକୁ ଆଖିମିଟିକା ମାରି ବେନିୟମ ଭାବେ ୨୪୮ଟି ବିପଣୀ ଗୃହ ଆବଣ୍ଟନ କରାଯାଇଥିବା ବେଳେ ୫୦ରୁ ଊର୍ଦ୍ଧ୍ୱ ପ୍ଲଟର ବିକାକିଣା ମଧ ସରିଛି । ଏପରିକି ୧୦ ଲକ୍ଷ ଟଙ୍କାରୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ବିପଣୀ ଗୃହର ପ୍ଲଟ ବିକ୍ରି ହୋଇଥିବା ବେଳେ ବେନିୟମ ଭାବେ ବହୁ ପ୍ଲଟ ମଧ ଭଡ଼ାରେ ଲାଗିଛି । ଲକ୍ଷ ଲକ୍ଷ ଟଙ୍କାର ଘୋଟାଲା ହେବା ସତ୍ୱେ ଆରଏମସି କିନ୍ତୁ ସୁଧୁରିବାର ନାମ ଧରୁନାହିଁ । ପ୍ରଶାସନ ସ୍ତରରେ ସ୍ୱଚ୍ଛତାକୁ ଅଧିକ ପ୍ରାଧାନ୍ୟ ଦେଉଥିବା ରାଜ୍ୟ ସରକାର କିମ୍ବା ତାଙ୍କ ଜିଲ୍ଲା ପ୍ରଶାସନ କାହା ସୁରକ୍ଷା ଉଦ୍ଦେଶ୍ୟରେ ନିରପେକ୍ଷ ତଦନ୍ତ ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି ତାହା ମଧ ସନ୍ଦେହ ଘେରକୁ ଆସିଛି । ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପାଖରେ ୨୦୦୫/୦୬ ମସିହାରେ ସୃଷ୍ଟି କରାଯାଇଥିବା କୃଷକ ବଜାର କେବଳ ଗୋରୁ, ଗାଇ, ଛେଳି ବେପାରରେ ସିମୀତ ରହିଯାଇଥିବା ବେଳେ ଦୁର୍ଗା ପଡିଆର ପରିବା ବଜାର ଓ ସାପ୍ତାହିକ ହାଟରୁ ମଧ ମହାସୁଲ ଆଦାୟ କରୁଛି ଆରଏମସି । ଅନ୍ୟପକ୍ଷରେ କାହାସ୍ୱାର୍ଥରେ ଚଳିତବର୍ଷ ଅବସର ଗ୍ରହଣ କରିଥିବା ଜନୈକ କର୍ମଚାରୀଙ୍କ ଚାକିରୀ ପୁନର୍ବାର ୨ ବର୍ଷ ପାଇଁ ବଢାଇ ଦିଆଯାଇଛି ଯେକି ଦୁର୍ନୀତି ସେବାରେ ଲାଗିଥିବା ଚର୍ଚ୍ଚା ହେଉଛି। ସବୁଠାରୁ ବଡ କଥା ହେଉଛି ଆରଏମସି ନିୟନ୍ତ୍ରଣରେ ରଖିଥିବା ମୋଟ୍ ୨୬୪ଟି ବିପଣୀ ଗୃହ ଓ ପ୍ଲଟ ବିଧିବଦ୍ଧ ଭାବେ ତହସିଲରୁ ହସ୍ତାନ୍ତର କରାଯାଇନଥିବା ସତ୍ୱେ ଦୁର୍ଗା ପଡିଆରେ ବିପଣୀ ଗୃହ ତିଆରି କରାଯାଇ ବେନିୟମ ଆବଣ୍ଟନ କରାଯାଇଛି । ଏହି ଘଟଣାରେ ଚାଷୀ, ଉଠାଦୋକାନୀ, ଦୁର୍ଗା ପୂଜା କମିଟି ସଦସ୍ୟମାନେ ତୀବ୍ର ବିରୋଧ କରିବା ସହିତ ଲିଖିତ ଅଭିଯୋଗ କରିଛନ୍ତି। ଆବଣ୍ଟନ ପ୍ଲଟ ଗୁଡିକର ବେନିୟମ ବିକାକିଣାର ନିରପେକ୍ଷ ତଦନ୍ତ କରା ନଗଲେ ସଂଗୃହିତ ତଥ୍ୟକୁ ନେଇ ହାଇକୋର୍ଟର ଦ୍ୱାରସ୍ଥ ହେବୁ ବୋଲି ୧୭ନଂ ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ଦୁର୍ଗତୀ ନାଶିନୀ ଯୁବସଂଘର ସଭାପତି ଶଶୀଭୁଷଣ ସାହୁ ସମ୍ପାଦକ ଓ ଉଠାଦୋକାନୀ ସ୍ୱଷ୍ଟ ଭାବ ଆରଏମସି ସମ୍ପାଦକଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ ଚମ୍ପୁଆସ୍ଥିତ ଆରଏମସି ସମ୍ପାଦକ ଦିଗାମ୍ବର ପ୍ରଧାନ କିନ୍ତୁ କିଛି ମତାମତ ଦେବାକୁ ମନା କରିଦେଇଛନ୍ତି।

### କନ୍ଧମାଳର ଦାରିଙ୍ଗବାଡିରେ ଇକୋରିଟ୍ରିଟ୍ ସେଂଟର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ

ଫୁଲବାଣୀ,୯।୧୨ (ନି.ପ୍ର): ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ କନ୍ଧମାଳର ଦାରିଙ୍ଗବାଡ଼ି ସମେତ ୫ଟି ଜିଲ୍ଲାରେ ଆରମ୍ଭ ହୋଇଥିବା ଇକୋ ରିଟ୍ରିଟ୍ ସେଂଟରକୁ ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସିଂ ଜରିଆରେ ଉଦଘାଟନ କରିଛନ୍ତି । ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଅତିଉଚ୍ଚ ମାନର ଥ୍ରିଷ୍ଟାର ହୋଟେଲର ସୁବିଧା ଥିବା ତମ୍ବୁରେ ୨୫ଟି ସୁଟ୍ ନିର୍ମାଣ କରାଯାଇଛି । ପ୍ରତି ସୁଟରେ ଦୁଇ ଜଣ ପର୍ଯ୍ୟଟକଙ୍କ ରହଣି, ଖାଦ୍ୟପେୟ ଏବଂ ଦର୍ଶନୀୟ ସ୍ଥାନ ପରିଭ୍ରମଣ ସହିତ ମନୋରଞ୍ଜନ କାର୍ଯ୍ୟକ୍ରମକୁ ମିଶାଇ ମୋଟ୍ ୯୪୦୦ ଟଙ୍କାର ପ୍ୟାକେଜ୍ ରହିଛି । ସେଥିରେ ଗୋଟିଏ ରାତି ଓ ଦୁଇ ଦିନ ପାଇଁ ରହଣି ବ୍ୟବସ୍ଥା କରାଯାଇଛି । ଏହା ତିନି ମାସ ଧରି ଚାଲିବ । ଦାରିଙ୍ଗବାଡ଼ି ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ, ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର, ଜି. ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ ଏବଂ କନ୍ଧମାଳ ଜିଲ୍ଲାପାଳ ଡଃ. ବୃନ୍ଦା ଡି.ଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରିୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ଗଞ୍ଜାମ ଜିଲ୍ଲାରେ ନୂଆ ୪ କରୋନା ପଜିଟିଭ୍ ଚିହ୍ନଟ

ଗଞ୍ଜାମ,୯।୧୨ (ନି.ପ୍ର): ଗଞ୍ଜାମ ଜିଲ୍ଲାରେ ଆଜି ନୂଆ ୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଗୁରୁତର ଆକ୍ରାନ୍ତଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେହିପରି ସାମାନ୍ୟ ଆକ୍ରାନ୍ତଙ୍କୁ ହୋମ୍ ଆଇସୋଲେସନରେ ରହିବାକୁ ପରାମର୍ଶ ଦିଆଯାଇଛି । ଏଥିସହ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୧,୬୯୪ କୁ ବୃଦ୍ଧି ପାଇଛି। ଅଦ୍ୟାବଧି ଜିଲ୍ଲାରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୫୩ ରହିଛି।

# ବାରିପଦା ପୌରପରିଷଦର ସ୍ୱଚ୍ଛସାଥୀ ଓ ସୁପରଭାଇଜର ସଂଘ ଗଠିତ

ବାରିପଦା,୯।୧୨ (ନି.ପ୍ର): ସ୍ଥାନୀୟ ପାଲବଣିଠାରେ ବାରିପଦା ପୌରପରିଷଦରେ କାର୍ଯ୍ୟରତ ସ୍ୱଚ୍ଛ ସାଥୀ ଓ ସୁପରଭାଇଜର ସଂଘ ଗଠିତ ହୋଇଛି । ଏହି ପରିପ୍ରେକ୍ଷୀରେ ରେହନା ସୁଲତାନାଙ୍କ ଅଧ୍ୟକ୍ଷତା ଓ ମମତା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରପରିଷଦର ଅବସରପ୍ରାପ୍ତ କର୍ମଚାରୀ ନନ୍ଦ କୁମାର ମହାପାତ୍ର ମୁଖ୍ୟ ଅତିଥି ଓ ବରିଷ୍ଠ ସଙ୍ଗଠକ କାହ୍ନୁଚରଣ ବେହେରା ମୁଖ୍ୟ ବକ୍ତା ଏବଂ ଅବସରପ୍ରାପ୍ତ ଅଧ୍ୟାପକ ଗୋପବନ୍ଧୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ପୌରପରିଷଦରେ କାର୍ଯ୍ୟରତ ସ୍ୱଚ୍ଛ ସାତୀ ଓ ସୁପରଭାଇଜରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ପ୍ରଥମେ ସ୍ୱଚ୍ଛ ସାଥୀ ଓ ସୁପରଭାଇଜରମାନଙ୍କ ମିଳୁଥିବା ଇନସେଣ୍ଟିଭ ବା ପ୍ରୋତ୍ସାହନ ରାଶି ସେମାନଙ୍କ ବ୍ୟାଙ୍କ ଜମାଖାତାକୁ ନ ଆସି ଏସଏସଜି ଗ୍ରୁପ ଖାତାକୁ ଆସୁଛି । ଫଳରେ ସେମାନଙ୍କର ମାସକର ପରିଶ୍ରମ ବାବଦକୁ ମିଳୁଥିବା ପ୍ରୋତ୍ସାହନ ଟଙ୍କା ପାଇବା ନିମନ୍ତେ ଏସଏସଜି ଗ୍ରୁପର ଇଚ୍ଛା ଉପରେ ନିର୍ଭର କରିବାକୁ ପଡୁଛି । ସେମାନଙ୍କର ପ୍ରାପ୍ୟରାଶି ଭାୟା ମିଡ଼ିଆ ନ ହୋଇ ସିଧାସଳଖ ଭାବେ ବ୍ୟାଙ୍କ ଜମାଖାତାକୁ ଆସିବା ଉପରେ ଆଲୋଚନା ହୋଇଥିଲା । ସେହିପରି କାର୍ଯ୍ୟରତ ସ୍ୱଚ୍ଛ ସାଥୀ ଓ ସୁପରଭାଇଜରମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀଠାରୁ କମ୍ ମିଳୁଛି । ତେଣୁ କାର୍ଯ୍ୟରତ ସ୍ୱଚ୍ଛ ସାଥୀମାନଙ୍କ ଇନସେଂଟିଭ ବା ପ୍ରୋତ୍ସାହନ ରାଶିକୁ ମାସିକ ୧୨ ହଜାର ଟଙ୍କା ଓ ସୁପରଭାଇଜରମାନଙ୍କୁ ମାସିକ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯିବା ନିମନ୍ତେ ଦାବି କରାଯାଇଛି । ଶେଷରେ ବୈଠକରେ ସର୍ବସମ୍ମତି କ୍ରମେ ସଂଘର କର୍ମକର୍ତ୍ତା ଓ ସଦସ୍ୟ ମନୋନୀତ କରାଯାଇଥିଲା ଏବଂ ରେହନା ସୁଲତାନା- ସଭାପତି, ଇତିଶ୍ରୀ ମିଶ୍ର ଓ ପଦ୍ମାଳୟା ନାଥ - ଉପସଭାପତି, ମମତା ମିଶ୍ର- ସାଧାରଣ ସମ୍ପାଦିକା, ତନୁସ୍ମିତା ଦତ- ସହସମ୍ପାଦିକା, ଭାନୁପ୍ରିୟା ପାଣିଗ୍ରାହୀ- କୋଷାଧ୍ୟକ୍ଷ , ନନ୍ଦ କୁମାର ମହାପାତ୍ର, କାହ୍ନୁଚରଣ ବେହେରା ଓ ଗୋପବନ୍ଧୁଙ୍କୁ ସଂଘର ପରାମର୍ଶଦାତା ଭାବେ ମନୋନୀତ କରାଯାଇଛି । ଏଥି ସହିତ ବିନତୀ ନାଥ, ରେହାରାଣୀ ଦାସ, ସୁଜାତା ଦଳେଇ, ପ୍ରଭାବତୀ ସାହୁ, ଗାୟତ୍ରୀ ଖାତୁନ, ଅନୁପମା ନନ୍ଦ, ବାସନ୍ତୀ ମୁଖୀ, ଦମୟନ୍ତୀ କର ପ୍ରମୁଖ ୧୩ ଜଣଙ୍କୁ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମଧ ମନୋନୀତ କରାଯାଇଛି ।

### ଶ୍ରମ ବିଭାଗରେ କୋଟି କୋଟି ଟଙ୍କାର ଦୁର୍ନୀତି ମାମଲା

# ତଦନ୍ତ ଲାଗି ରାଜ୍ୟ ଭିଜିଲାନ୍ସ ରାଉରକେଲା ଏସପିଙ୍କୁ ଦାୟିତ୍ୱ ଦେଲେ

ରାଉରକେଲା,୯।୧୨ (ନି.ପ୍ର): ରାଉରକେଲା ଜିଲ୍ଲା ଶ୍ରମ ବିଭାଗରେ ଶ୍ରମିକ ମାନଙ୍କ ଲାଗି ଆସିଥିବା ବିଭିନ୍ନ ସାମଗ୍ରୀ ଓ ସେମାନଙ୍କ ଦେୟ ଲାଗି ଆସିଥିବା କୋଟି କୋଟି ଟଙ୍କାର ସାମଗ୍ରୀ ବାବଦରେ ବ୍ୟାପକ ହରିଲୁଟ୍ ହୋଇଥିବା ନେଇ ରାଜ୍ୟ ଲୋକାୟୁକ୍ତଙ୍କ ନିକଟରେ ହୋଇଥିବା ଅଭିଯୋଗ ଉପରେ ମାନ୍ୟବର ଲୋକାୟୁକ୍ତ ରାଜ୍ୟ ଭିଜିଲାନ୍ସକୁ ଏହାର ତଦନ୍ତ ଲାଗି ଦାୟିତ୍ୱ ଦେବା ପରେ ରାଜ୍ୟ ଭିଜିଲାନ୍ସ ଏନେଇ ରାଉରକେଲା ଏସପିଙ୍କୁ ପ୍ରାଥମିକ ତଦନ୍ତ ଲାଗି ଚିଠି ପଠାଇଥିବା ଏସପି ରାଉରକେଲାଙ୍କ ସୂତ୍ରରୁ ଜଣାପଡିଛି । ଗତ ୪ ତାରିଖରେ ଏହି ଚିଠି ପହଁଚିବା ପରେ ୪ଟି ଦିଗରେ ତଦନ୍ତ ଲରିବା ଲାଗି ସ୍ଥାନୀୟ ଭିଜିଲାନ୍ସ ତାର କାମ ଆରମ୍ଭ କରିଥିବା ଏସପି କହିଛନ୍ତି । ଏନେଇ ଏକ ଫାଇଲ୍ କରାଯିବା ସହ ତଦନ୍ତ ଆରମ୍ଭ ହୋଇଛି । ବିଶେଷ କରି ସାଇକେଲ, ଯନ୍ତ୍ରପାତି ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଣ, ସେଗୁଡିକର ମୂଲ୍ୟ ଆଦିକୁ ନେଇ ଯାଂଚ୍ ହେବା ସହ ଏହି ଯୋଗାଣରେ କେଉଁମାନେ ସାମିଲ୍ ଥିଲେ କେଉଁମାନଙ୍କ ପରାମର୍ଶରେ ଏସବୁ ଯୋଗାଯାଇଥିଲା, ସେହି ବ୍ୟକ୍ତି ମାନଙ୍କ ସମ୍ପର୍କରେ ସବୁଦିଗରୁ ଯାଂଚ୍ କରାଜିବା ସହ କେଉଁ ଅଫିସର ମାନେ ଏଥିରେ ସାମିଲ୍ ଥିଲେ ଓ ଆଉ ଦୁଇଟି ଦିଗରୁ ମଧ୍ୟ ଏହି ଯାଂଚ୍ ନୀରବତାର ସହ କରାଯାଇ ୩ ମାସ ଭିତରେ ଏହି ରିପୋର୍ଟ ଭିଜିଲାନ୍ସ ଡାଇରେକ୍ଟୋରେଟ ମଧ୍ୟମରେ ଲୋକାୟୁକ୍ତଙ୍କୁ ପଠାଜିବ ବୋଲି ଏସପି ସୁବାଷ ସ୍ୱାଇଁ ପ୍ରକାଶ କରିଛନ୍ତି । ନିକଟରେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ମାମଲାକୁ ମୁଖ୍ୟମନ୍ତ୍ରୀ ଲୋକାୟୁକ୍ତଙ୍କ ଦ୍ୱାରା ବିଚାର କରିବା ଲାଗି ପ୍ରଥମ ଥର ଲାଗି ଦେବା ପରେ ସାଧାରଣରେ ଲୋକାୟୁକ୍ତଙ୍କ ଉପରେ ଯାହାକିଛି ଭରଷା ଥିଲା ତାହା ଅଧିକ ବଢି ସାରିଛି । ଏଭଳି କ୍ଷେତ୍ରରେ ରାଉରକେଲା ଶ୍ରମ ବିଭାଗରେ ହୋଇଥିବା ଦୁର୍ନୀତି ଅଭିଯୋଗକୁ ଭିଜିଲାନ୍ସ ନିଶ୍ଚୟ ଗୁରତର ସହ ନେବା ସହ ଏଥିରେ ଥିବା କେତେକ କାଗଜ ପତ୍ର ଭିଜିଲାନ୍ସକୁ ଅଧିକ ସହାୟକ ହେବ ବୋଲ ଖବର ମିଳିଛି । ଖାଲି ସେତିକି ନୁହେଁ ୨୦୧୯ ମସିହାରେ ଏହି ମାମଲା ଆରଟିଆଇରୁ ଆଣି ଶ୍ରୀ ରଶ୍ମି ରଂଜନ ପାଢୀ ଲୋକାୟୁକ୍ତକୁ ଜିବା ପରେ ପୁଣି ରାଉରକେଲା ଏସପିଙ୍କ ନିକଟରେ ଶ୍ରମ ବିଭାଗ ବିରୋଧରେ ଆଉ ଏକ ଦୁର୍ନୀତି ଅଭିଯୋଗ ଆଣିଥିଲେ, ସେଥିରେ ମଧ କୋଟି କୋଟି ଟଙ୍କାର ହରିଲୁଟ୍ ଅଭିଯୋଗ ହୋଇଥିଲା । ତେବେ ଏହି ମାମଲାରେ ରାଉରକେଲା ଭିଜିଲାନ୍ସ ତାର ତଦନ୍ତ ବହୁ ଆଗକୁ ନେବା ସହ ଶେଷ ପର୍ଯ୍ୟାୟରେ ପହଁଚିଛି । ଉଭୟ ମାମଲାକୁ ମିଶାଇ ଭିଜିଲାନ୍ସ ଏକ ରିପୋର୍ଟ କରି ସେ ରିପୋର୍ଟକୁ ଲୋକାୟୁକ୍ତଙ୍କ ଦେବ ବୋଲି ଏସପି କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ସାଇକେଲ, ଯନ୍ତ୍ରପାତି, ଲକଡାଉନ ସମୟରେ ଆସିଥିବା ୧୫୦୦ ଟଙ୍କା, ଜାଲ ଶ୍ରମିକ କାର୍ଡ ଆଦି ମାମଲାକୁ ମିଶାଇ ପ୍ରାୟ ୩୦ କୋଟି ଟଙ୍କାର ହରିଲୁଟ୍ ହୋଇଥିବା ନେଇ ଶ୍ରୀ ପାଢି ଦୁଇଟି ଅଭିଯୋଗ ପତ୍ରରେ ଭିନ୍ନ ଭିନ୍ନ ଭାବେ ଦର୍ଶାଇଥିଲେ । ଏନେଇ କେତେକ ଶ୍ରମିକ ସଂଗଠନର ନେତା ମାନଙ୍କର ହଡକମ୍ପ ଆରମ୍ଭ ହୋଇଥିବା ଖବର ହସ୍ତଗତ ହୋଇଛି ।

# ମଦ୍ୟପାନ ଜୀବନ ନାଶର କାରଣ

ମଦ୍ୟପାନ ଏକ ସାମାଜିକ ବ୍ୟାଧି । ଆର୍ଥିକ, ମାନସିକ, ପାରିବାରିକ, ସାମାଜିକ ଓ ଦୁର୍ଘଟଣା ଇତ୍ୟାଦି ବହୁ ସମସ୍ୟା ଏହି ବ୍ୟାଧି ସହିତ ଜଡ଼ିତ । ଏହାର ସମାଧାନ ପାଇଁ ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ଆପଶ୍ୟକ ହୋଇଥାଏ । ମଦ୍ୟପାନ ଦ୍ୱାରା ଶରୀରର ପ୍ରତ୍ୟେକ ଅଙ୍ଗ ଧିରେ ଧିରେ ଅଜାଣତରେ ରୋଗଗ୍ରସ୍ତ ହୋଇଥାଏ । ମଦ୍ୟପାନର ପ୍ରଥମ ବିଷଦୃଷ୍ଟି ଯକୃତ ଉପରେ ପଡ଼ିଇଥାଏ । ଯକୃତରେ ଚର୍ବି ଜମିଯାଏ, ରୋଗୀକୁ ଜଣ୍ଡିସ୍ ହୁଏ, ରୋଗୀ ଲିଭର ସିରୋସିସ୍‌ରେ ଆକ୍ରାନ୍ତ ହୁଏ ବେଳେବେଳେ ଲିଭର କ୍ୟାନସର ମଧ ହୋଇଥାଏ । ମଦ୍ୟପାନ ସହିତ ହେପାଟାଇଟିସ୍ ବିଓ ହେପାଟାଇଟିସ୍ ସି ମିଶାଟାଇ ଯକୃତତକୁ ଅତ୍ୟଧିକ କ୍ଷତି କରନ୍ତି ।
ଦୈନିକ ୬୦ ଗ୍ରାମରୁ ଅତ୍ୟଧିକ ମଦ ପିଇଲେ ତାହା ଯକୃତର କୋଷକୁ ନଷ୍ଟ କରି ଫାଇବ୍ରୋସିସ୍ କରେ । ୮ବର୍ଷରୁ ଅଧିକ ମଦ୍ୟାପନ କଲେ ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ । ମହିଳାମାନେ ୨୦ ଗ୍ରାମରୁ ଅଧିକ ଓ ପୁରୁଷମାନେ ୬୦ ଗ୍ରାମରୁ ମଦ୍ୟପାନ କଲେ ସେମାନଙ୍କୁ ସିରୋସିସ୍ ରୋଗ ହୋଇଥାଏ । ମହିଳାମାନେ ପୁରୁଷମାନଙ୍କ ଅପେକ୍ଷା ମଦ୍ୟପାନ ଦ୍ୱାରା ୩ଗୁଣ କ୍ଷତିଗ୍ରସ୍ତ ହୁଅନ୍ତି । ପୃଥିବୀରେ ଉତ୍ପାଦିତ ସବୁ ପ୍ରକାର ମଦର ଏକ ପଞ୍ଚମାଂଶ ଭାରତୀୟମାନେ ପିଇଥାନ୍ତି । ସେହିପରି ଏକ ଗବେଷଣକାରୀ ସଂସ୍ଥାର ତଥ୍ୟ ଅନୁଯାୟୀ ଭାରତ ବର୍ଷରେ ବ୍ୟବହୃତ ମଦର ଦୁଇ ତୃତୀୟାଂଶ ଚୋରା ମଦ କାରବାରରୁ ଆସିଥାଏ । ଭାରତ ବର୍ଷରେ ୧୫ଲକ୍ଷ କୋଟି ଟଙ୍କାର ବିୟର, ୱାଇନ ଓ ଅନ୍ୟାନ୍ୟ ମଦ ବିକ୍ରି ହୋଇଥାଏ । ପୃଥିବୀରେ ପାନ କରାଯାଉଥିବା ହ୍ୱିସ୍କି ମଦ ବଜାରରେ ଭାରତର ସ୍ଥାନ ଏକ ନମ୍ବର । ସେହିପରି ସୂଚନା ପ୍ରଯୁକ୍ତିର ବ୍ୟପକତା, ଅର୍ଥନୈତିକ ଉନ୍ନତି, ଦୃଢ଼ ସହରୀକରଣ, ଜୀବନଭ୍ୟାସରେ ପରିବର୍ତ୍ତନ, ସାମାଜିକ ଚାହିଦା ଓ କୌଣସି ପ୍ରକାର ମାନସିକ ଅବସାଦ କାରଣରୁ ଦିନକୁ ଦିନ ବିଶେଷକରି ଯୁବକମାନେ ଏହାପ୍ରତି ଆକୃଷ୍ଟ ହେଉଛନ୍ତି । ବିଭିନ୍ନ ମହାନଗର ମଦ କିଣୁଥିବା ବ୍ୟକ୍ତିମାନଙ୍କ ଭିତରୁ ୩୨ ପ୍ରତିଶତଙ୍କ ବୟସ ୧୭ବର୍ଷରୁ ୨୫ବର୍ଷ ହୋଇଥିବା ବେଳେ ୧.୫ ପ୍ରତିତଙ୍କ ବୟସ ୧୬ବର୍ଷରୁ କମ । ମଦ କିଣୁଥିବା ୪୫ ପ୍ରତିଶତ ଲୋକଙ୍କର ବୟସ ୨୬ରୁ ୫୦ ବର୍ଷ ଭିତରେ । ଲିଭର ଫାଇବ୍ରୋସ୍କାନ ଯନ୍ତ୍ରର ଆବଶ୍ୟକତା ରହିଛି । ଖାଇବା ସମୟ ବାଦ ଦେଇ ଅଲଗା ସମୟରେ ମଦ୍ୟପାନ କଲେ ଲିଭର ୨ରୁ ୩ଗୁଣ କ୍ଷତିଗ୍ରସ୍ତ ହୋଇଥାଏ । ବିଂଜ୍ ମଦ୍ୟପାନ ଦ୍ୱାରା ଲିଭର ଆହୁରି ବିଶେଷ ଭାବରେ ଆକ୍ରାନ୍ତ ହୁଏ । ଅତ୍ୟଧିକ ଚର୍ବିଯୁକ୍ତ ଖାଦ୍ୟ ଓ ମଦ ଏକା ସାଙ୍ଗରେ ଖାଇଲେ ଯକୃତର ଅଧିକ କ୍ଷତି ହୁଏ । ଛାତିରେ ପାଣି ଜମିଯାଏ ଓ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ହୁଏ । ମଦ୍ୟପାନ ଯୋଗୁଁ ଜଣ୍ଡିସ୍ ହେଲେ ବେଳେ ରୋଗୀ ଚେତାଶୂନ୍ୟ ହୋଇଯାଏ, ପେଟରେ ପାଣି ଜମିଯାଏ, ରକ୍ତବାନ୍ତି ଓ କଳା ଝାଡ଼ା ହୁଏ, ପରିସ୍ରା କମିଯାଏ ଓ ବୃକ୍କ୍ ମଧ ଆକ୍ରାନ୍ତ ହୁଏ । ହୃତପିଣ୍ଡ, ଅଗ୍ନାଶୟ, ବୃକ୍କ୍ ମସ୍ତିଷ୍କ, ସ୍ନାୟତନ୍ତ୍ରୀ ଇତ୍ୟାଦି ଅଙ୍ଗ ମଦ୍ୟାପନ ଦ୍ୱାରା ଆକ୍ରାନ୍ତ ହୁଏ । ମଦ୍ୟପାନ ବନ୍ଦ ହେଉଛି ଏହି ବ୍ୟାଧିର ଏକମାତ୍ର ଚିକିତ୍ସା ।
ସରକାରୀର ସ୍ତରରେ ୧୯୫୬ ମସିହାରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଚେଷ୍ଟାରେ ମଦ ନିବାରଣ ନିୟମକୁ ମାନ୍ୟବର ରାଷ୍ଟ୍ରପତି ମହୋଦୟ ଅନୁମୋଦନ କରିଛନ୍ତି । ନିଶା ନିବାରଣକୁ ଦୃଷ୍ଟିରେ ରଖି ମଦ ଦୋକାନର ସଂଖ୍ୟା ହ୍ରାସ କରାଯାଇଛି । ୨୦୧୩-୧୪ ବର୍ଷ ଆରମ୍ଭରେ ରାଜ୍ୟରେ ମୋଟ ୪୦୩୪ ଗୋଟି ବିଭିନ୍ନ କିସମର ମଦ ଦୋକାନ ପ୍ରଚଳିତ ଥିଲା । ୨୦୧୩-୧୪ ବର୍ଷର ଶେଷ ଆଡ଼କୁ ତଥା ୨୦୧୪-୧୫ ବର୍ଷ ଆରମ୍ଭରେ ମୋଟ ୩୬୭୦ ବିଭିନ୍ନ ପ୍ରକାରର ମଦ ଦୋକାନ ରାଜ୍ୟରେ ପ୍ରଚଳିତ ଥିଲା । ଅବକାରୀ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ନୀତି ନିର୍ଦ୍ଧାରଣ କମିଟିର ପ୍ରଚେଷ୍ଟାରେ ଓ ମାନ୍ୟବର ଉଚ୍ଚନ୍ୟାୟାଳର ହସ୍ତକ୍ଷେପ ଫଳରେ ୩୬୪ଟି ମଦ ଦୋକାନକୁ ବନ୍ଦ କରାଯାଇଛି । ମହିଳାମାନଙ୍କୁ ବାର ଗୁଡ଼ିକରେ ନିୟୋଜିତ ନ କରିବା ନିମନ୍ତେ ଅବକାରୀ ଆଇନ ଅନୁସାରେ କାର୍ଯ୍ୟନୁଷ୍ଠାନ ଗ୍ରହଣ ନିମନ୍ତେ ସରକାର ବିଚାର କରୁଛନ୍ତି । ଜାତୀୟ ରାଜପଥରେ ଘଟୁଥିବା ସଡ଼କ ଦୁର୍ଘଟଣା ଗୁଡ଼ିକ ପାଇଁ ନିଶାଗ୍ରସ୍ତ ଚାଳକମାନେ ଅନେକାଂଶରେ ଦାୟୀ । ତେଣୁ ସଡ଼କ ଦୁର୍ଘଟଣା ଏଡ଼େଇବା ପାଇଁ ଜାତୀୟ ରାଜପଥର ଓ ରାଜ୍ୟ ରାଜପଥର ୫୦ ମିଟର ମଧରେ ଥିବା ବିଦେଶୀ ଠିପି ବନ୍ଦ, ବିଦେଶୀ ଠିପି ଖୋଲା, ଦେଶୀ ତଥା ବାହାର ଭାଟି (ମହୁଲି) ମଦ ଦୋକାନ ଗୁଚଡ଼ିକୁ ସ୍ଥାନାନ୍ତରିତ ପାଇଁ ଓଡ଼ିଶା ସରକାର ନିର୍ଦ୍ଦେଶ ଦେଇଛନ୍ତି । ଅବକାରୀ ଧରପଗଡ଼କୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଜିଲ୍ଲା ସ୍ତରରେ ସ୍କୁଆର୍ଡ ଗଠନ କରାଯାଇଛି । ଓଡ଼ିଶାର ମୁଖ୍ୟତଃ ୮ଗୋଟି ଜିଲ୍ଲା ଯଥା ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଗଜପତି, କନ୍ଧମାଳ, ବୌଦ୍ଧ, ମାଲକାନାଗିରି ଓ ରାୟଗଡ଼ା ଜିଲ୍ଲାର ଘଞ୍ଚ ଜଙ୍ଗଲ ଓ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ବେଆଇନ ଗଞ୍ଜେଇ ଗଛକୁ ନଷ୍ଟ କରାଯାଉଛି । ନାରୀ ସଶକ୍ତିକରଣ ମାଧମରେ ମଦ ମୃତ୍ୟୁ ବିଭୀଷିକାକୁ ବହୁ ପରିମାଣରେ ରୋକାଯାଇ ପାରିବ । ଗୁଜୁରାଟ, ମଣିପୁର, ମୃତ୍ୟୁ ବିଭୀଷିକାକୁ ବହୁ ପରିମାଣରେ ରୋକାଯାଇ ପାରିବ । ଗୁଜୁରାଟ, ମଣିପୁର, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଓ ବର୍ତ୍ତମାନ ବିହାରରେ ସମ୍ପୂର୍ଣ୍ଣ ମଦ ନିବାରଣ କରାଯାଇଛି ।













## ଅଁଳା ଆଚାର




**ପ୍ରସ୍ତୁତି ସାମଗ୍ରୀ:** ଅଁଳା ୧କିଲୋ, କାଗିଜିଲେମ୍ବୁ ୪ଟି, ଗୋଲମରିଚ ୨ଚାମଚ, ଲୁଣ ବିଟଲୁଣ ପରିମାଣ ମୁତାବକ ।
**ପ୍ରଣାଳୀ:** ଅଁଳା ଏବଂ କଗିଜିଲେମ୍ବୁରୁ ମଞ୍ଜି ବାହାର କରି ନେଇ ଖରାରେ ଶୁଖାଇ ଦିଅନ୍ତୁ । ଏହା ପୁଚରା ଖଡ଼ ଖଡ଼ ହୋଇଗଲେ । ଏହାକୁ ଶିଳ କିମ୍ବା ହେମଦସ୍ତାରେ କୁଟି ଭଲଭାବେ ଗୁଣ୍ଡ କରିନିଅନ୍ତୁ । ଅଁଳାଚୁରା, ବିଟଲୁଣ, ଗୋଲମରିଚ ଚୁରା ଓ ଲେମ୍ବୁ ରସ ମିଶାଇ ଖରାରାରେ ଶୁଖାଇବେ । ଏହା ପୁରା ଶୁଖିଗଲେ ଏହାକୁ ପୁଣିଥରେ ଶିଳରେ ଚୁରିନେଇ, ବୋତଲରେ ରଖିଷବ । ଭାତ ଖାଇବା ପୂବରୁ ଏହାକୁ ୧ଚାମଚ ଖାଇଲେ ଏହା ହଜମ ଶକ୍ତି ବୃଦ୍ଧି କରିଥାଏ ।

## ଆଖି



- ଆଖିର କୋମଳ ତ୍ୱଚାରେ କଳାଦାଗର ସମସ୍ୟା ଦେଖିଦେଲେ ରାତିରେ ଶୋଇବା ସମୟରେ ପ୍ରତିଦିନ ବାଦାମ ତେଲ କିମ୍ବା ଆଇସ୍କ୍ରିମ୍ ଘଷନ୍ତୁ ।
- ବ୍ୟାୟାମ ଦ୍ୱାରା ଆଖିର ସୌନ୍ଦର୍ଯ୍ୟ ବଢ଼ାଯାଇପାରେ । ଏଥିପାଇଁ କିଛି ସମୟ ଆଖି ବନ୍ଦ କରି ଆଖିର ଡୋଳାକୁ ବିଭିନ୍ନ ଭାବେ ବୁଲାନ୍ତୁ । ଆଖିକୁ ଆରାମ ମିଳିବ ।
- ପଢ଼ିବା ସମୟରେ ବହି ଏବଂ ଆଖି ମଧରେ ଦୂରତା ସର୍ବନିମ୍ନ ଅଧ ଫୁଟରୁ ଅଧିକ ରହିବା ଉଚିତ ।
- ଆଖି ପୋଡ଼ିଲେ କିମ୍ବା କୁଣ୍ଡେଇ ହେଲେ ଆଖିର ନମଳି ଥଣ୍ଡା ପାଣି ମାରନ୍ତୁ ଏବଂ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଅଧିକ ସମୟ ଖରାରେ ରୁହନ୍ତୁ ନାହିଁ ଏବଂ ଠିକ୍ ଭାବେ ଶୁଅନ୍ତୁ ।
- ବାହାରକୁ ବାହାରିବା ସମୟରେ ଚଷମା ଲଗାନ୍ତୁ ।
- କମ୍ପ୍ୟୁଟରରେ କ୍ରମାଗତ କାମ କରନ୍ତୁ ନାହିଁ । ମଝିରେ ଆଖିକୁ ଆରାମ ଦିଅନ୍ତୁ ।

## ପିଲାଙ୍କୁ ଦିଅନ୍ତୁ ନାହିଁ ଫ୍ରୁଟ ଜୁସ୍

ସ୍ୱଜାରରେ ବିକ୍ରି ହେଉଥିବା ପ୍ୟାକେଡ ଫ୍ରୁଟ ଜୁସରେ ସୁଗରମାତ୍ରା ଅଧିକ ରହିଥିଲା ବେଳେ ଏଥିରେ ପୋଷାକ ତତ୍ତ୍ୱ ମଧ କମ ଥାଏ । ତେଣୁ ଅଭିଭାବକମାନଙ୍କୁ ପିଲାଙ୍କୁ ଏଥିରୁ ଦୂରେଇ ରଖିବା ଦରକାର । ଆମେରିକାର ଏକ ସଂସ୍ଥା ପକ୍ଷରୁ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ଦେଶରେ ବିକ୍ରି ହେଉଥିବା ୪୫ଟି ପ୍ରତିଷ୍ଠିତ ବ୍ରାଣ୍ଡର ଫ୍ରୁଟ ଜୁସରେ ଶରୀରକୁ ପ୍ରଭାବିତ କରୁଥିବା ଅନେକ ଜୁସରେ ଶରୀରକୁ ପ୍ରଭାବିତ କରୁଥିବା ଅନେକ ତତ୍ତ୍ୱ ଯଥା- କାଡମିୟମ, ଇନ୍ ଆର୍ଗାନିକ୍ ଆର୍ସେନିକ, ସିସା ଆଦି ରହୁଛି । ଯାହା ଶରୀର ପାଇଁ ବିଶେଷ କରି ମସ୍ତିଷ୍କ ପାଇଁ କ୍ଷତିକାରକ । ପ୍ୟାକିଂ କ୍ଷେତ୍ରରେ ମଧ ଆବଶ୍ୟକତୀୟ ଦିଗକୁ ଦୃଷ୍ଟି ଦିଆଯାଇଥିବାରୁ ଏହା ପିଲାଙ୍କ ଉପରେ ବଡ଼ ପ୍ରଭାବ ପକାଇବାର ସମ୍ଭାବନା ଥିବା ବିଷୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ, ଜୁସରେ ଥିବା ମେଟାଲ ପିଲାଙ୍କ ମସ୍ତିଷ୍କକୁ ସଠିକ୍ ଭାବେ ବିକଶିତ ହେବାକୁ ଦେଇନଥାଏ । ଏଥିସହ ନର୍ଭସ ସିଷ୍ଟମକୁ ମଧ କ୍ଷତି ପହଞ୍ଚାଇଥାଏ ।









## ସମ୍ପର୍କରେ ସମସ୍ୟାର ଶେଷ ଉପାୟ ଛାଡ଼ପତ୍ର ନୁହେଁ

ଆପଣଙ୍କ ସମ୍ପର୍କର ଯଦି ନିୟମିତ ସମସ୍ୟା ଓ ବାଧା ସୃଷ୍ଟି ହେଉଛି, ତେବେ ବ୍ରେକ୍‌ଅପ୍ ବୁଦ୍ଧମାନର କାର୍ଯ୍ୟ । ହେଲେ ଏହିଭଳି ସ୍ଥିତିରେ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ନେବାର ବଡ଼ ସମ୍ଭାବନା ମଧ ଥାଏ । ସମ୍ପର୍କ ମଧରେ ପ୍ରତିଟି ସମସ୍ୟାର ଶେଷ ଉପାୟ ଛାଡ଼ପତ୍ର ନୁହେଁ । ତେଣୁ ହୋଇପାରେ ଅନେକ ସମୟରେ ଏହି ଘଟଣାକୁ ନେଇ ପଶ୍ଚାତାପ ହେବାକୁ ପଡ଼ିଥାଏ । ତେଣୁ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ ଅନେକ ପ୍ରଶ୍ନ ନିଜକୁ ମଧ ପଚାରିବା ଦରକାର ।



ନିଷ୍ପତ୍ତି ନେବା ପୂର୍ବରୁ ଥଣ୍ଡା ମନରେ ନିଜକୁ ପଚାରନ୍ତୁ ଏବଂ ଆଗାମୀ ୫ ବର୍ଷକୁ ମଧ ଦୃଷ୍ଟିରେ ରଖି ବିଚାର କରନ୍ତୁ । ମନକୁ ପଚାରନ୍ତୁ ଏହି ସମସ୍ୟାର କ'ଣ କିଛି ସମାଧାନ ନାହିଁ ? ସତରେ କ'ଣ ଯେଉଁ ଘଟଣାକୁ ନେଇ ବିବାଦ ସୃଷ୍ଟି ହେଉଛି ତାହା କ'ଣ ଯଥାର୍ଥ ? ତାହା କ'ଣ ସତରେ ଗମ୍ଭୀର ? ଅନେକ ସମୟରେ ଭାବନା ସାଗରରେ ବୁଡ଼ିଯାଇ ନିଷ୍ପତ୍ତି ନିଆଯାଇଥାଏ । ତେଣୁ ଏହାକୁ ମଧ ବିଚାର କରିବା ଦରକାର ।
ନିଷ୍ପତ୍ତି ନେବା ପୂର୍ବରୁ ଚିନ୍ତା କରିବା ଦରକାର ଯେ ସତରେ କ'ଣ ପାର୍ଟନର ନିଜ ପ୍ରତି ସମର୍ପିତ ଥିଲେ ନା ନଥିଲେ ? ସେ ଭଲ ପାଉଥିଲେ ନା ଭଲ ପାଉନଥିଲେ ? ତାଙ୍କୁ ନେଇ ଯେଉଁ ସମସ୍ୟା ସୃଷ୍ଟି ହେଉଛି ସେଥିରେ ଖାଲି ତାଙ୍କର ଭୂମିକା ଅଛି ନା ଅନ୍ୟ କାହାର । ବର୍ତ୍ତମାନ ବି ସେ ଭଲ ପାଉଛନ୍ତି ନା ନାହିଁ ? କେଉଁ ପରିସ୍ଥିତି ତାଙ୍କୁ ଏଭଳି ଆଚରଣ କରିବା ପାଇଁ ବାଧ କରୁଛି ସେଥିପ୍ରତି ମଧ ସତର୍କତାର ସହ ବିଚାର କରିବା, ବୁଦ୍ଧିମାନର ସହ ଆଲୋଚନା କରିବା ଦରକାର ।

## ୨୪ପ୍ରତିଶତ ମହିଳା ଚାହାଁନ୍ତି ଦ୍ୱିତୀୟ ସନ୍ତାନ

ଭାରତର ମାତ୍ର ୨୪ ପ୍ରତିଶତ ବିବାହିତ ମହିଳା ଦ୍ୱିତୀୟ ସନ୍ତାନ ଚାହାଁନ୍ତି । ଏକ ସର୍ଭେରୁ ଏହା ଜଣାପଡ଼ିଛି । ସରକାରୀ ତଥ୍ୟ ଅନୁସାରେ ଗତ ୧୦ବର୍ଷ ମଧରେ ଏଥିରେ ୬୮ ପ୍ରତିଶତର ହ୍ରାସ ଦେଖିବାକୁଚ ମିଳିଛି । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରଣାଳୟ ନ୍ୟାସନାଲ ଫ୍ୟାମିଲି ହେଲଥ ସର୍ଭେରୁ ଏହା ଜଣାପଡ଼ିଛି । ୧୫ ରୁ ୪୯ ବର୍ଷ ବୟସର ବିବାହିତ ମହିଳାଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା । ଏହି ମହିଳାଙ୍କ ମଧରୁ ମାତ୍ର ୨୪ ପ୍ରତିଶତ ମହିଳା ଦ୍ୱିତୀୟ ସନ୍ତାନ ଚାହୁଁଥିଲା ବେଳେ ୨୭ ପ୍ରତିଶତ ପୁରୁଷ ଦ୍ୱିତୀୟ ସନ୍ତାନ ଚାହୁଁଥିବା ଜଣାପଡ଼ିଛି । ବିଶେଷଜ୍ଞମାନଙ୍କ ମତରେ ଏହାର କାରଣ ହେଉଛି ଭଲ କ୍ୟାରିୟର, ସୁନ୍ଦର ଭାବେ ଜୀବନ ବିତାଇବା ଏବଂ ବିଳମ୍ବରେ ମାଆ ହେବା । ସହରରରେ ରହୁଥିବା ଦମ୍ପତ୍ତିମାନେ ୩୦ରୁ ୪୦ ବର୍ଷ ମଧରେ ଡାକ୍ତରଙ୍କ ପାଖକୁ ଯାଇ ସନ୍ତାନ ଜନ୍ମର ପ୍ଲାନିଂ କରିଥାନ୍ତି । ଅନେକ ମହିଳା ବିଳମ୍ବରେ ସନ୍ତାନ ଜନ୍ମ ଦେବାକୁ ପସନ୍ଦ କରିଥାନ୍ତି । କାରଣ ସେମାନେ ନିଜ କ୍ୟାରିୟର ଉପରେ ଅଧିକ ଜୋର ଦେଇଥାନ୍ତି । ଆଉ ବିଳମ୍ବରେ ବିବାହ କରିବାର ନିଷ୍ପତ୍ତି ନେଇଥାନ୍ତି । ୨୦୧୧ ଜନଗଣନା ଅନୁସାରେ ଭାରତରେ ୫୪ ପ୍ରତିଶତ ମହିଳାଙ୍କର ଦୁଇଟି ସନ୍ତାନ ଥିଲାବେଳେ ୨୫ରୁ ୨୯ ବର୍ଷ ମଧରେ ୧୬ ପ୍ରତିଶତ ମହିଳାଙ୍କର ଗୋଟିଏ ବି ସନ୍ତାନ ନଥିଲା । ସେହିପରି ପିଲାଙ୍କ ଭଲ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅନେକ ମହିଳା ଦ୍ୱିତୀୟ ସନ୍ତାନ ଚାହୁଁନଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



## ଫିଟ୍‌ନେସ୍ ମୂଳମନ୍ତ୍ର ୱାକ୍

ବିଶେଷଜ୍ଞ ଜୋନେଥନ ମୀୟର୍ସ ଦ୍ୱାରା କରାଯାଇଥିବା ଏକ ଗବେଷଣା ଅନୁସାରେ ଯଦି ଆପଣ ପାଦରେ ଚାଲୁଥାନ୍ତି ତେବେ ନା କେବଳ ଉଚ୍ଚ ରକ୍ତଚାପ, ମଧୁମେହ, ଧୂମ୍ରପାନ , ମୋଟାପା ଓ ହୃଦୟ ରୋଗକୁ ରକ୍ଷା ପାଇଥାନ୍ତି ତା ନୁହେଁ ଏହାଦ୍ୱାରା ନିଜ ବୟସ ମଧ ବୃଦ୍ଧି କରିଥାନ୍ତି । ଏହି ଅଧୟନ ୬ବର୍ଷ ରୁ ୫୯ ବର୍ଷ ବୟସ ବିଶିଷ୍ଟ ପ୍ରାୟ ୬୦୦୦ପୁରୁଷଙ୍କ ଉପରେ କରାଯାଇଥିଲା ଏବଂ ଦେଖାଯାଇଥିଲା ଯେ ଯେଉଁ ବ୍ୟକ୍ତି ଅଧିକ ଚାଲିଥାନ୍ତି ସେମାନେ ଶାରିରୀକ ରୂପରେ ଫିଟ୍ ରହିଥାନ୍ତି ଏବଂ କମ୍ ରୋଗର ଶୀକାର ହୋଇଥାନ୍ତି ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୦ ଡିସେମ୍ବର ୨୦୨୦, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଏକଛତ୍ରବାଦୀ ନୀତି...

ଆମର ଚତୁଃପାର୍ଶ୍ୱରେ ରହିଥିବା ଦେଶସମୂହ ସହିତ ଉତ୍ତମ ପ୍ରତିବେଶୀ ସମ୍ପର୍କ ରକ୍ଷାପାଇଁ ବରାବର ପ୍ରୟାସ ଚାଲୁ ରହିଛି। ମାତ୍ର କେତୋଟିକୁ ଛାଡ଼ିଦେଲେ ଅନ୍ୟ ଦେଶଗୁଡ଼ିକ ଆମ ଦେଶ ସହ ଭଲ ସମ୍ପର୍କ ରଖିବା ଚାହାଁନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ, ପ୍ରତିପତ୍ତି ବଢ଼ାଇବା ଲକ୍ଷ୍ୟ ନେଇ ଚୀନ୍ ଭଳି ବୃହତ୍ ଶକ୍ତି ଅନ୍ୟମାନଙ୍କ ଉପରେ ଚାପ ପକାଇ ଭାରତ ସହ ବୈରତା ଆଚରଣ କରୁଛି। ଏହା ପ୍ରମାଣିତ କରିବାକୁ ଦୃଷ୍ଟାନ୍ତର ଅଭାବ ନାହିଁ। ପାକିସ୍ତାନ ଓ ବାଂଲାଦେଶ ଉପରେ ଚୀନର ଚାପ ପ୍ରୟୋଗର ପୃଷ୍ଠଭୂମି ସମସ୍ତଙ୍କୁ ଜଣା। କେତେବେଳେ ଅର୍ଥ ତ' ଆଉ କେତେବେଳେ ଅସ୍ତ୍ର ଯୋଗାଣ କରି ସେହି ଦେଶଗୁଡ଼ିକୁ ନିଜର କରଗତ କରିବା କୌଶଳ ଚୀନ୍ ନେତୃତ୍ୱକୁ ଜଣା। ଆମେରିକା ସହ ବାଣିଜ୍ୟ ଯୁଦ୍ଧରେ ବ୍ୟାପୃତ ଚୀନ୍ ତାହାର କୌଶଳ ପ୍ରୟୋଗ କରି କେବଳ ଏସିଆ କ୍ଷେତ୍ରରେ ନୁହେଁ, ବିଶ୍ୱବ୍ୟାପୀ କର୍ତ୍ତୃତ୍ୱ ବିସ୍ତାର ପାଇଁ ଲାଳସା ରଖିଛି। ଭୌଗୋଳିକ ବିସ୍ତାର ବାବଦରେ ବିଶ୍ୱାସ ରଖିଥିବା ଚୀନ୍ ଆମ ଦେଶର ଅରୁଣାଚଳ ପ୍ରଦେଶକୁ ତିବ୍ବତ ଭଳି କରଗତ କରିବା ସକାଶେ ଅସୁସ୍ଥ ନୀତି ଆପଣେଇ ଚାଲିଛି। ଚୀନ୍ କେବେକେବେ କହୁଛି କି, ଅରୁଣାଚଳ ହେଉଛି ତିବ୍ବତର ଦକ୍ଷିଣଭାଗ ରୂପେ ମୂଳଭୂଖଣ୍ଡର ଏକ ଅଂଶ। କିଛି ଦିନ ଭିତରେ ଅରୁଣାଚଳ ନେଇ ବିବାଦ ଛିଡ଼ା କରିବାକୁ ପଛେଇ ନାହିଁ ଚୀନ୍। ଅରୁଣାଚଳ ସୀମାକ୍ଷେତକୁ ଲାଗିକରି ଥିବା ଅଂଚଳର ଚୀନ୍ ୩ଟି ଗ୍ରାମ ସ୍ଥାପନ କରିସାରିଛି। ଏହା ଆମ ଦେଶ ସହ ସମ୍ପର୍କକୁ ଅଧିକ ତିକ୍ତ କରିବା ଲକ୍ଷ୍ୟରେ ଚୀନ୍ ଏହା କରିଛି। ଚୀନ୍-ଭୂଟାନ-ଭାରତରେ ମିଳନ ସ୍ଥଳରେ ଥିବା ରୁମ୍ ପାସଠାରୁ ମାତ୍ର ପାଂଚ କିଲୋମିଟର ଦୂରରେ ଚୀନ୍ ଏହି ତିନି ଗ୍ରାମ ସ୍ଥାପନ କରି ବିବାଦ ସୃଷ୍ଟି କରିଛି। ଏହି ତିନିଗ୍ରାମ ସ୍ଥାପନ ଜରିଆରେ ତିବ୍ବତୀୟଙ୍କ ବସତି କରି ଅରୁଣାଚଳ ଇଲାକାକୁ ତିବ୍ବତୀୟ କ୍ଷେତ୍ରର ଅଂଶବିଶେଷ ବୋଲି ଦାବି ରଖିବାକୁ ଫନ୍ଦି ଖୋଜୁଛି। ଚୀନ୍ ସବୁଦିନେ ବିସ୍ତାରବାଦୀ ନୀତିରେ ବିଶ୍ୱାସ ରଖିଆସିଛି। ଅନ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ମାମଲାରେ ମୁଣ୍ଡ ଖେଳାଇବା ନୀତି ଆନ୍ତର୍ଜାତିକ କୂଟନୀତିର ପରିପନ୍ଥୀ। ତାହା ଜାଣି ସୁଦ୍ଧା ଅଜଣା ହୋଇ ଚୀନ୍ ନେତୃତ୍ୱ ଅନ୍ୟ ଦେଶର ମାମଲାରେ ନାକ ଗଳାଇ ଚାଲିଛି। ଏହା ତାହାର ଅନ୍ୟ ଏକ ପ୍ରମାଣ। ୨୦୧୭ରେ ସୀମାନ୍ତବର୍ତ୍ତୀ ଡୋକ୍‌ଲାମ ନେଇ ଭାରତ ଓ ଚୀନ୍ ଭିତରେ ମୁହାଁମୁହିଁ ପରିସ୍ଥିତି ଦେଖାଦେଇଥିଲା। ସେହି ବିବାଦ ଏବେ କିଛି ଦିନ ତଳେ ଚୀନ୍ ଉଖାରିବା ଫଳରେ ସୀମାନ୍ତରେ ସଂଘର୍ଷ ହୋଇଥିଲା। କେଇମାସ ଭିତରେ ଗଲୱାନ୍ ଉପତ୍ୟାକା ଏବଂ ପେଙ୍ଗଆଙ୍ଗ ହ୍ରଦ ନେଇ ମାଲିକାନା ଦାବି କରୁଥିବା ଚୀନ୍ ଉପରେ ଆସି ତାହାର ଅବତାର ବଦଳାଉଛି। ଯେଉଁ ତିନିଟି ଗ୍ରାମ ଚୀନ୍ ସ୍ଥାପନ କରିଛି, ସେଗୁଡ଼ିକ ଡୋକଲାମର ଖୁବ୍ ନିକଟରେ। ଉପଗ୍ରହ ଚିତ୍ରରୁ ଏହା ସ୍ପଷ୍ଟ ହୋଇଯାଇଛି। କିନ୍ତୁ ଚୀନ୍ ଚତୁରତା ଦେଖାଇ ଏହି ଗ୍ରାମ ପୁଂଜକୁ ନିଜ ଭୂଖଣ୍ଡର ଅଂଶବିଶେଷ ବୋଲି ଦର୍ଶାଇ ଚାଲିଛି। ତାହାର ଉପଗ୍ରହ ରାଷ୍ଟ୍ରରୂପେ ପରିଚିତ ନେପାଳ ଉପରେ କୂଟନୈତିକ ଚାପ ପକାଇ ତାହାର ରାଜନୈତିକ ମାନଚିତ୍ର ବଦଳାଇବାରେ ସକ୍ଷମ ହୋଇଛି। ଉତ୍ତରାଖଣ୍ଡରେ କେତେକ ଅଂଶକୁ ନେପାଳର ସଂଶୋଧିତ ମାନଚିତ୍ରରେ ଦର୍ଶାଯିବା ଚୀନ୍ ଦ୍ୱାରା କଂଟାବାଡ଼ରେ ଲୁଗା ପକାଇ କଳି କରିବା ଭଳି ନ୍ୟାୟ ହୋଇଛି। ଜାଣିଶୁଣି ବିବାଦ ସୃଷ୍ଟି କରିବା ଏବଂ ବିଶ୍ୱ ମଂଚରେ ତାହାକୁ ଯଥାର୍ଥ ବୋଲି କହିବା ଦ୍ୱାରା ଚୀନ୍ ବିଶ୍ୱ ଜନମତକୁ ଭ୍ରମିତ କରିଚାଲିଛି। ମାତ୍ର ଏହା ଚୂଡ଼ାନ୍ତ ସତ୍ୟ ହୋଇନପାରେ। ମିଳିତ ଜାତିସଂଘରେ ପାକିସ୍ତାନ ବରାବର ଅପଦସ୍ଥ ହେବା ସତ୍ତ୍ୱେ ଭାରତ-ବିରୋଧୀ କାର୍ଯ୍ୟକଳାପରେ ଚୀନ୍ ତାହାକୁ ସାଥ୍ ଦେଇ ଚାଲିଛି। ଭାରତ ସହ କେତେବେଳେ ନରମ ତ' ଆଉ କେତେବେଳେ ଗରମ ନୀତି ଚୀନ୍ ପ୍ରୟୋଗ କରିଚାଲିଥିବାରୁ ତାହାର କୂଟନୈତିକ ଗୋଟିଚାଳନା ନେଇ କିଛି ଆଗୁଆ ଠଉରେଇବା ମୁସକିଲ୍ ହେଉଛି। ତାହାର ଭିତରେ ଚୀନ୍ ନିଜର ସାର୍ବଭୌମତ୍ୱ ସୀମାରେଖାକୁ ଅତିକ୍ରମ କରି ଯେଉଁ ଭୁଲ୍ କରିଚାଲିଛି, ତାହାକୁ ବିଶ୍ୱ ସମୁଦାୟ ଗ୍ରହଣ କରିପାରୁନାହାଁନ୍ତି। କିନ୍ତୁ ବିଲେଇ ଆଖିବୁଜି କ୍ଷୀର ପିଇବା ଭଳି ବିଶ୍ୱ ସମୁଦାୟକୁ ଦୂରେଇ ରଖି ଚୀନ୍ ଯାହାକିଛି କରୁଛି, ତାହା ସମସ୍ତଙ୍କ ନଜରକୁ ଚାଲିଆସୁଛି। ବିସ୍ତାରବାଦୀ ନୀତି ପରିହାର କରି ପଡ଼ୋଶୀଙ୍କ ସହ ସହଜ ସମ୍ପର୍କ ରକ୍ଷା ନକଲେ ଦିନେ ତାହାକୁ ମହଙ୍ଗା ମୂଲ୍ୟ ଦେବାକୁ ପଡ଼ିପାରେ।




### ଅସହାୟର ସ୍ୱରଲିପି...

**ସୁଧାକର ରାଉତ**

କିଏ କହେ ମୋତେ ବାରବୁଲା ବୋଲି  
କିଛି କାମ ନାହିଁ ଯାର  
କିଏ କହେ ପିତୃମାତୃ ହୀନ ବୋଲି  
ବୁଲେ ଯୋଇ ଯାଯାବର।  
କିଏ କହେ କେତେ ଅସନା ଦିଶୁଚି  
ଚାଟେ ଅଇଁଠା ପତର  
କିଏ କହେ ଯାର ସଂସାରରେ ନାହିଁ  
ବଂଚିବାର ଅଧିକାର।  
କିଏ କହେ ଏଇମାନେ ତ ଅଟନ୍ତି  
ବୋଝ ପରି ସମାଜର  
କିଏ କହେ କଳଙ୍କ ଗୁଡ଼ାଙ୍କୁ  
ଶୀଘ୍ର ପରିଷ୍କାର କର।  
କିଏ କହେ କୁମ୍ଭୀର କାନ୍ଦଣା କାନ୍ଦି  
ଭବିଷ୍ୟତ ଏ ଦେଶର  
କେ କହେ ଯାଙ୍କର ଜୀବନେ ଉନ୍ନତି  
ହେବା ନିଶ୍ଚେ ଦରକାର।  
କିଏ କହେ ଇଏ ଆଲୋକ ବର୍ତ୍ତିକା  
ମାତ୍ର ସାଥୀ ଅନ୍ଧକାର  
କିଏ କହେ ଯାଙ୍କ ଅବସ୍ଥା ନିମିତ୍ତ  
ଦାୟୀ ଏକା ସରକାର।  
କିଏ କହେ ଇଏ ଟିକି ଟିକି ଫୁଲ  
ଏ ଦୁନିଆ ବଗିଚାର  
କେ କହେ ଶୈଶବ କାନ୍ଦୁଅଛି ଏଠି  
କର ଯାର ପ୍ରତିକାର।  
କେ କହେ ଶିଶୁଟି ହସିଲେ ଜଗତେ  
ଜୁଆର ଉଠେ ହସର  
ମୁଁ କିନ୍ତୁ ସଂଗ୍ରାମ କରେ ଦିନ ରାତି  
ରାହା ଖୋଜି ବଂଚିବାର।

+ପ୍ରତାପ ନଗରୀ, କଟକ  
ମୋ:୮୨୪୯୯୩୨୭୯୨

**ଅକ୍ଷୟ କୁମାର ରାଉତ**

# ଆଲ୍‌ଫ୍ରେଡ୍ ବର୍ନହାର୍ଡ ନୋବେଲ୍



୧୮୩୩ ମସିହା ଅକ୍ଟୋବର ମାସ ୨୧ ତାରିଖ ଦିନ, ସୁଇଡେନ୍ ରାଷ୍ଟ୍ରର ଷ୍ଟକହୋମ୍‌ସ୍ଥିତ ନରମାନସ୍‌ଗାଟାନ୍‌ରେ ମାତା ଆଣ୍ଡ୍ରିଏଟିଙ୍କ ଠାରୁ ଆଲ୍‌ଫ୍ରେଡ୍ ବର୍ନହାର୍ଡ ନୋବେଲ ଜନ୍ମଗ୍ରହଣ କରିଥିଲେ। ପିତା ଇମ୍ମାନୁଏଲ୍ ନୋବେଲଙ୍କ ପାରିବାରିକ ଅବସ୍ଥା ବିଶେଷ ସ୍ୱଚ୍ଛଳ ନଥିଲା। ଆଲଫ୍ରେଡ୍ ନୋବେଲ ଜନ୍ମରୁ ଦୁର୍ବଳ ଆଉ ରୁଗ୍‌ଣ ଥିଲେ। ତାଙ୍କର ଉଚ୍ଚତା ମଧ କମ୍ ଥିଲା। ମାତା ଆଣ୍ଡିଏଟିଙ୍କ ଭଲ ପାଇବା ଓ ଯତ୍ନ ଯୋଗୁଁ ଆଲ୍‌ଫ୍ରେଡ ଆଜି ବିଶ୍ୱରେ ବନ୍ଦନୀୟ। ତାଙ୍କର ବୈଜ୍ଞାନିକ ପିତା କରତଗୁଣ୍ଡ ଓ ଅଠାର ମିଶ୍ରଣରୁ ପ୍ଲାଇଉଡ୍ ଉଦ୍‌ଭାବନ କରିଥିଲେ। ଫିନ୍‌ଲ୍ୟାଣ୍ଡରେ ବ୍ୟବସାୟ ଆରମ୍ଭକରି ପ୍ରଚୁର ଅର୍ଥ ରୋଜଗାର କଲେ। ଇମ୍ମାନୁଏଲ୍ ଏକ ବିସ୍ଫୋରକ ଦ୍ରବ୍ୟର ଖଣି ଆବିଷ୍କାର କରିଥିଲେ। ଇମ୍ମାନୁଏଲ୍ ଋଷିଆର ଜାରଙ୍କଠାରୁ ଇମ୍ପେରିଆଲ ସ୍ୱର୍ଣ୍ଣପଦକ ପାଇବାର ଗୌରବ ଅର୍ଜନ କଲେ। ଆଲ୍‌ଫ୍ରେଡ୍ ପିତାଙ୍କ ସହିତ ମିଶି ନାଇଟ୍ରୋଗ୍ଲିସେରିନ୍ ଉପରେ ଅନେକ ପରୀକ୍ଷା ନିରୀକ୍ଷା ଚଳାଇଲେ। ୧୮୬୩ ଅକ୍ଟୋବର ୧୪ ତାରିଖ ନାଇଟ୍ରୋଗ୍ଲିସେରିନ୍‌ର ପ୍ରଥମ ପ୍ୟାଟେର୍ଣ୍ଟ ପାଇଥିଲେ। ଦିନେ ଗବେଷଣାଗାରରେ ନୋବେଲ ନଥାନ୍ତି। ଏତିକିବେଳେ ତାଙ୍କ ଗବେଷଣାଗାରରେ ବିସ୍ଫୋରଣରେ ତାଙ୍କ ସାନଭାଇ ଅସ୍କାର ଏମିଲ୍ ମୃତ୍ୟୁବରଣ କଲେ। ସମଗ୍ର ମାନବ ଜାତିର ପ୍ରଗତି ପାଇଁ ନିଜ ଜୀବନ କୁ ବାଜି ଲଗାଇ ତରଳ ନାଇଟ୍ରୋଗ୍ଲିସେରିନ୍‌କୁ କଠିନ ଖଣ୍ଡରେ ପରିଣତ କରିବା ପ୍ରୟାସ ଜାରିରଖିଲେ। ୧୮୭୨ ମସିହାରେ ପିତାଙ୍କ ମୃତ୍ୟୁପରେ ଆଲ୍‌ଫ୍ରେଡ୍ ଇଉରୋପ୍ ସାରା ବୁଲି ତାଙ୍କ ନାଇଟ୍ରୋଗ୍ଲିସେରିନ୍ ବ୍ୟବସାୟର ପ୍ରସାର ପାଇଁ ପ୍ରୟାସ ଚଳାଇଥାନ୍ତି। ରେଳଲାଇନ୍ ତିଆରି ଓ ଖଣିରୁ ଧାତୁ ଦ୍ରବ୍ୟ ବାହାର ପାଇଁ ନାଇଟ୍ରୋଗ୍ଲିସେରିନ୍‌ର ବ୍ୟବହାର କରାଯାଉଥିଲା। ତରଳ ନାଇଟ୍ରୋଗ୍ଲିସେରିନ୍ ଜାହାଜରେ ଜର୍ମାନୀର ଏକ ମାଟି କରତ ଗୁଣ୍ଡ ସ୍ଥାନର ଭୁଲ୍‌ବଶତଃ ରହିଥିବାରୁ, ତରଳ ନାଇଟ୍ରୋଗ୍ଲିସେରିନ୍ ମାଟି ସହିତ ମିଶି ଛୋଟ ଛୋଟ ଦାନାରେ ପରିଣତ ହେଲା। ଗବେଷକ ଆଲଫ୍ରେଡ୍ ଏହି ଦାନାକୁ ବିଦ୍ୟୁତ୍ ଶକ୍ ଦେବାରୁ ବିସ୍ଫୋରିତ ପ୍ରତିକ୍ରିୟା ପ୍ରକାଶ ପାଇଲା। ଏହି ନୂତନ ମିଶ୍ରଣ ନାଇଟ୍ରୋଗ୍ଲିସେରିନ୍ ଠାରୁ ଅଧିକ ଫଳପ୍ରଦ ହେବାରୁ ଏହାର ନାମ ନୋବେଲ୍ ନିରାପଦ ଗୁଣ୍ଡ। ଏହି ନୋବେଲ୍ ନିରାପଦ ଗୁଣ୍ଡ ଡିନାମାଇଟ୍ ନାମରେ ନାମିତ ହେଲା। ଡିନାମାଇଟ୍ ତିଆରି ପାଇଁ ଏକ ଭାଗ କିଜେଲଗୁର ମାଟି ସହିତ ତିନିଭାଗ ତରଳ ନାଇଟ୍ରୋଗ୍ଲିସେରିନ୍ ମିଶ୍ରଣ କରାଯାଇଥାଏ। ୧୮୬୭ ମସିହାରେ ନୋବେଲ୍ ଆଣ୍ଡ କମ୍ପାନୀ ଡିନାମାଇଟ୍ ରପ୍ତାନୀ ଆରମ୍ଭ କଲେ। ସେହିଦିନ ଠାରୁ ଯୁଦ୍ଧ ସାମଗ୍ରୀ ରପ୍ତାନୀକାରୀ ହିସାବରେ ଆଲ୍‌ଫ୍ରେଡ୍ ପରିଚିତ ହେଲେ। ୧୮୬୮ ମସିହାରେ ସୁଇଡେନ୍‌ର ବିଜ୍ଞାନ ଏକାଡେମୀ ଆଲ୍‌ଫ୍ରେଡ୍‌ଙ୍କୁ ତାଙ୍କର ବିଜ୍ଞାନର ମୌଳିକ ଅବଦାନ ପାଇଁ ସ୍ୱର୍ଣ୍ଣପଦକ ପ୍ରଦାନ କରିଥିଲେ। ନୋବେଲ୍‌ଙ୍କର ଡିନାମାଇଟ୍ ପ୍ରସ୍ତୁତି କାରଖାନା ଆମେରିକା, ପ୍ୟାରିସ ଓ ବ୍ରିଟେନ୍ ପ୍ରଭୃତି ଦେଶରେ ଦେଖାଦେଲା। ନୋବେଲ୍ ବ୍ରିଟେନ୍‌ର ଆରଡର୍ ଠାରେ ସ୍ଥାପନ କଲେ ପୃଥିବୀର ସର୍ବବୃହତ ଡିନାମାଇଟ୍ କାରଖାନା। ଅର୍ଥ, ଜ୍ଞାନ ଓ ଗବେଷଣା ଥିଲା ତାଙ୍କ ଜୀବନର ପ୍ରଧାନଧାରା। ସେ ପ୍ରତି କ୍ଷେତ୍ରରେ ମନ ପ୍ରାଣ ଢ଼ାଳି ନିଷ୍ଠାର ସହିତ କାର୍ଯ୍ୟ କରୁଥିଲେ। ତାଙ୍କର କୌଣସି ଫ୍ୟାକ୍ଟ୍ରୀରେ ଧର୍ମଘଟ କି ତାଲବନ୍ଦ ହୋଇନଥିଲା। ତାଙ୍କର ନିଃସଙ୍ଗ ଜୀବନ ମଧରେ ସେ ଥରେ ନିଜର ଜଣେ ବନ୍ଧୁଙ୍କ ପାଖକୁ ଚିଠି ଦେଇଥିଲେ। କାହାନ୍ତି ସେମାନେ? ମୋର ସମସ୍ତ ବନ୍ଧୁ ଗଲେ କୁଆଡେ? ପାଣିମୟ ସନ୍ତସନ୍ତିଆ ସ୍ଥାନ ରୂପକ ମିଥ୍ୟା ଭ୍ରାନ୍ତିର କର୍ଦ୍ଦମାକ୍ତ ଭୂମିରେ ସେମାନେ କଣ ଫଶିଗଲେ? ନା ଅଟକିଗଲେ ଅର୍ଥ ଉପାର୍ଜନ ପଙ୍କିଳ ଭୂମିରେ। ମୁଁ ତୁମକୁ କହିରଖୁଛି ସେ ଅଧିକାଂଶ ବନ୍ଧୁ କେବଳ କୁକୁର ମାନଙ୍କ ଭିତରେ ଦେଖିବାକୁ ମିଳନ୍ତି। ଯେଉଁମାନଙ୍କୁ ଆମେ ଅନ୍ୟପ୍ରାଣୀଙ୍କ ମାଂସ ଖୁଆଇଥାଉ। ଏମିତି ବହୁତ ବନ୍ଧୁ ଅଛନ୍ତି, ଯେଉଁମାନେ ଆମ ନିଜ ମାଂସରେ ପାଳିତ। ବିପୁଳ ଯଶଃ ଅର୍ଥ ଓ ଐଶ୍ୱର୍ଯ୍ୟ ମଧରେ ରହି ମଧ ସେ ଶାନ୍ତି ପ୍ରିତି ଓ ସାହିତ୍ୟ ଅନୁରାଗି ଥିଲେ। ତାଙ୍କ ଗ୍ରନ୍ଥାଗାରଟିରେ ପ୍ରାୟ ପନ୍ଦରଶହଟି ମୂଳ ଭାଷାରେ ଲିଖିତ ପୁସ୍ତକ ରହିଥିଲା। ଆଲ୍‌ଫ୍ରେଡ୍ ବହୁ କବି, ଗାଳ୍ପିକ, ଔପନ୍ୟାସିକ ଓ ନାଟ୍ୟକାରଙ୍କ ସହିତ ସମ୍ପର୍କ ରଖିଥିଲେ। ଭୋଲଟାୟାର ଓ ରୁଷୋଙ୍କ ଦର୍ଶନ ତାଙ୍କୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ଚାର୍ଲସ୍ ଡାରଉଇନ୍‌ଙ୍କ ବିବର୍ତନ ବାଦର ସେ ଥିଲେ ବଡ ସମର୍ଥକ। ଆଲଫ୍ରେଡ୍‌ଙ୍କ ସ୍ୱାସ୍ଥ୍ୟହାନି ଯୋଗୁଁ ସେ ବୈଜ୍ଞାନିକ ଗବେଷଣା ତଥା ପରୀକ୍ଷା ନିରୀକ୍ଷାରୁ ବିରତ ହୋଇ ଲେଖାଲେଖିରେ ମନନିବେଶ କଲେ। ତାଙ୍କ ଦ୍ୱାରା ରଚିତ ଉପନ୍ୟାସ 'ଇନ୍ ବ୍ରାଇଟେଷ୍ଟ ଆଫ୍ରିକା' ଓ 'ସିଷ୍ଟାର୍ନୀ'। ସେ 'ଦି ପ୍ୟାଟେଣ୍ଟ ବ୍ୟାସିଲସ୍' ନାମକ ପୁସ୍ତକରେ ଅମଲାତନ୍ତ୍ରର ଔଦ୍ଧତ ଓ ନିଜର ଅନୁଭୂତିକୁ ହାସ୍ୟରସାତ୍ମକ ଭାବେ ବର୍ଣ୍ଣନା କରିଛନ୍ତି। ତାଙ୍କର ଅନ୍ୟ ଏକ ନାଟ୍ୟ ପୁସ୍ତକ ନାମ ଥିଲା 'ନେମେସିସ୍'। ଜ୍ଞାନ, ବିଜ୍ଞାନ, ବିଶ୍ୱାସ, ଯୁଦ୍ଧ ବିଗ୍ରହ ଓ ଶାନ୍ତିସ୍ଥାପନ ସଂକ୍ରାନ୍ତରେ ତାଙ୍କର ଅନେକ ଲେଖା ସଂଗ୍ରହାଳୟରେ ସଂରକ୍ଷିତ। ପ୍ରଗତିପନ୍ଥୀ ନୋବେଲ୍ ଧାରଣ ଥିଲା ଯେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାର ବିକାଶରେ ହିଁ ମାନବ ଜାତିର ସମୃଦ୍ଧି ହେବ। ଜ୍ଞାତି ବନ୍ଧୁ ବିହୀନ ନିଃସଙ୍ଗ ଜୀବନ ଥିଲା ବର୍ନହାର୍ଡ ନୋବେଲଙ୍କର। ୧୮୯୬ ମସିହା ଡିସେମ୍ବର ମାସ ୧୦ ତାରିଖ ଦିନ ଅଲ୍‌ଫ୍ରେଡ୍ ବର୍ନହାର୍ଡ ନୋବେଲ୍ ଅଫିସ୍ ଟେବୁଲ ପାଖରେ ବସି କାମ କରୁଥିବା ସମୟରେ ଚିରନିଦ୍ରାରେ ଶୋଇ ଯାଇଥିଲେ। ତାଙ୍କ ମୃତ୍ୟୁବେଳକୁ ପାଖରେ କେହି ନଥିଲେ। ତାଙ୍କ ଟେବୁଲ ଡ୍ର' ଭିତରୁ ମିଳିଲା ଅନ୍ତିମ ଇଚ୍ଛାପତ୍ର ଓ ଶାନ୍ତି ସନନ୍ଦ। ନୋବେଲ୍‌ଙ୍କ ଶେଷ ଇଚ୍ଛାପତ୍ର ୧୮୯୫ ମସିହା ନଭେମ୍ବର ମାସ ୨୭ ତାରିଖରେ ପ୍ୟାରିସ୍‌ଠାରେ ସ୍ୱାକ୍ଷରିତ ହୋଇଥିଲା। ଉଇଲ୍‌ର ସର୍ତ ଅନୁଯାୟର ଗଠିତ ହେଲା 'ନୋବେଲ୍ ଫାଉଣ୍ଡେସନ୍'।

ନୋବେଲ୍‌ଙ୍କର ସମ୍ପତିର ବିକ୍ରିବଟାରୁ ପ୍ରାପ୍ତ ଅର୍ଥ ଓ ଗଚ୍ଛିତ ଅର୍ଥକୁ ମିଶାଇ ଏକ ସ୍ଥାୟୀ ପାଣ୍ଠିରେ ଜମା ରଖାଗଲା। ଏହି ଜମା ଅର୍ଥର ସୁଧରୁ ନୋବେଲ ପୁରସ୍କାର ବାବଦରେ ଖର୍ଚ୍ଚ ପାଇଁ ବ୍ୟବସ୍ଥା ହେଲା। ପୁରସ୍କାର ପ୍ରଦାନର ଦାୟିତ୍ୱ ନୋବେଲ୍ ଫାଉଣ୍ଡେସନ୍ ଉପରେ ନ୍ୟସ୍ତ ହେଲା। ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ମୃତ୍ୟୁ ଦିବସକୁ 'ନୋବେଲ୍ ଦିବସ' ରୂପେ ପାଳନ କରାଯାଏ। ୧୯୦୧ ମସିହାଠାରୁ ନୋବେଲ ଫାଉଣ୍ଡେସନ୍, ଚାରିଟି ପୁରସ୍କାର ପ୍ରଦାନକାରୀ ସଂସ୍ଥାଦ୍ୱାରା ୫ଟି ବିଭାଗ ପାଇଁ ପୁରସ୍କାର ପ୍ରଦାନକରି ଆସୁଅଛି। ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଶରୀର ତତ୍ୱ ତଥା ଭେଷଜ ବିଜ୍ଞାନ, ସାହିତ୍ୟ ଓ ଶାନ୍ତି ପାଇଁ ମହାନ୍ ବ୍ୟକ୍ତିମାନଙ୍କୁ ନୋବେଲ୍ ପୁରସ୍କାର ଦିଆଯାଇଥାଏ। ବ୍ୟାଙ୍କ ଅଫ୍ ସୁଇଡେନ୍ ୧୯୬୮ ମସିହାରେ ନୋବେଲ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ଅର୍ଥନୀତି ବିଜ୍ଞାନ ଶାଖାରେ ନୋବେଲ ପୁରସ୍କାର ଦେବାର ବ୍ୟବସ୍ଥା କଲେ ଓ ୧୯୬୯ ମସିହାଠାରୁ ଏହା ପ୍ରଦତ ହେଲା। ନୋବେଲ ପୁରସ୍କାର ଲାଭ କରିଥିବା ବ୍ୟକ୍ତିକୁ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥାଏ ଗୋଟିଏ ସ୍ୱର୍ଣ୍ଣ ପଦକ, ଏକ ପ୍ରମାଣ ପତ୍ର ଓ ଅର୍ଥ ରାଶି।

+ପାରାଦ୍ୱୀପଗଡ଼  
ମୋବାଇଲ୍ : ୯୯୩୭୬୯୧୪୭୫

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ**

# ଲେଉଟା ଢେଉ



୧୬୫୯ ମସିହା ସେପ୍ଟେମ୍ବର ୧୦ ତାରିଖ, ଭାରତ ଇତିହାସରେ ଏକ ସ୍ମରଣୀୟ ଦିବସ। ୭୧୨ ମସିହାରୁ ଆରବ ମୁସଲିମ ମାନଙ୍କ ଦ୍ୱାରା ବିଦେଶୀ ଆକ୍ରମଣର ଯେଉଁ ଅପ୍ରତିହତ ଢେଉ ଦେଶରେ ମାଡିଚାଲିଥିଲା, ଏହି ଦିନ ଛତ୍ରପତି ଶିବାଜୀଙ୍କ ଦ୍ୱାରା ତାହାର ଲେଉଟାଣି ପର୍ବ ଆରମ୍ଭ ହେଲା। ପ୍ରଥମ ଥର ପାଇଁ ବିଦେଶୀ ମୁସଲମାନ ଶାସକ ମାନେ ପରାଜୟର ସ୍ୱାଦ ଚାଖିଲେ ଓ ଭାରତରେ ମୋଗଲ ସାମ୍ରାଜ୍ୟର ଶେଷ ଶିଖା ନିର୍ବାପିତରେ ସେହି ଲେଉଟାଣୀ ଧାରା ସମାପ୍ତ ହୋଇଥିଲା। ସେଦିନ ପଶ୍ଚିମ ଘାଟର ଶୀର୍ଷରେ ଥିବା ପ୍ରତାପଗଡ ଦୁର୍ଗର ପାଦ ଦେଶରେ ଛଅ ଫୁଟ୍ ସାତ ଇଂଚର ବିପୁଳ ଦେହୀ, ବିଜାପୁର ଆଦିଲଶାହୀ ରାଜ୍ୟର ଶକ୍ତିଶାଳୀ ସେନାପତି, ଆଫଜଲ ଖାଁ, ୫ ଫୁଟ୍ ଉଚ୍ଚ ଓ ମାତ୍ର ୫୦ କିଲୋ ଓଜନର ଖର୍ବକାୟ ମରାଠା ବୀର ଶିବାଜୀଙ୍କ ଦ୍ୱାରା ଦ୍ୱନ୍ଦ ଯୁଦ୍ଧରେ ନିହତ ହେଲେ। ଦୁଃଖର କଥା ଏଭଳି ଏକ ସ୍ମରଣୀୟ ଘଟଣାକୁ ଜାତୀୟ ସ୍ତରରେ କୌଣସି ପ୍ରଚାର ପାଇଁ ଚେଷ୍ଟା କରାଯାଇ ନାହିଁ କିମ୍ବା ଦେଶର ଲୋକମାନଙ୍କୁ ଅବଗତି କରାଯାଇନାହିଁ। ଅଥଚ ସିନ୍ଧୁ ଜୟ କରିଥିବା ମହମ୍ମଦ ବିନ କାଶିମକୁ ପାକିସ୍ତାନ ସରକାର ପ୍ରଥମ ପାକିସ୍ତାନୀର ମାନ୍ୟତା ଦେଇଛି। ୧୬୫୯ ମସିହା ବେଳକୁ ଦିଲ୍ଲୀରେ ଶାହାଜାହାନ ମୋଗଲ ସମ୍ରାଟ ଥାଆନ୍ତି। ଦାକ୍ଷିଣାତ୍ୟର ସୁବେଦାର ଥାଆନ୍ତି ତାଙ୍କର ତୃତୀୟ ପୁତ୍ର ଆଉରଙ୍ଗଜେବ। ବର୍ତ୍ତମାନର କର୍ଣ୍ଣାଟକ ଓ ମହାରାଷ୍ଟ୍ରକୁ ନେଇ ପ୍ରାଚୀନ ବିଜୟନଗର ରାଜ୍ୟର କିଛି ଅଂଶରେ ଶକ୍ତିଶାଳୀ ବିଜାପୁର ଆଦିଲସାହୀ ରାଜ୍ୟ ବିସ୍ତାର ଲାଭ କରିଥିଲା। ଶିବାଜୀଙ୍କ ପିତା ଶାହାଜୀ ରାଜେ ବିଜାପୁର ଅଧିନରେ ଜଣେ ସେନାପତି ଥିଲେ। ଆଜିର ପୁନେ ଓ ତାର ଆଖପାଖ ଅଂଚଳ ତାଙ୍କର ଜାଗିର ଥିଲା। ଶାହାଜୀ, ପୁତ୍ର ଶିବାଜୀଙ୍କୁ ପୁନାର ଶାସନ ସ୍ୱାଧିନ ଭାବେ କରିବାକୁ ଅନୁମତି ଦେଇଥିଲେ। ସେ ସମୟରେ ହିନ୍ଦୁ ମାନଙ୍କ ଉପରେ ନାନା ଅତ୍ୟାଚାର କରା ଯାଉଥିଲା। ଶିବାଜୀ ଙ୍କର ଜଣେ ସଂପର୍କୀୟାକୁ ନାସିକ ମନ୍ଦିରରୁ ଜଣେ ମୁସଲମାନ ସେନାପତି ଅପହରଣ କରିନେଲା। ତାଙ୍କ ମାମୁଁ ଓ ଅଜା ମାନଙ୍କୁ ନିଜାମ ଶାହୀ ଦରବାରରେ ହତ୍ୟା କରାଗଲା। ପୁନାର ଆଖ ପାଖରେ ଅନେକ ଗିରିଦୁର୍ଗ ରହିଥିଲା। ସେଗୁଡିକ କେତେବେଳେ ମୋଗଲ ତ କେତେବେଳେ ବିଜାପୁର ଅଧିନ କୁ ଯାଉଥିଲା। ଏହିଗୋଳମାଳ ର ସୁଯୋଗ ନେଇ ଶିବାଜୀ ଅନେକ ଗୁଡିଏ ଦୁର୍ଗ ଅଧିକାର କରିନେଲେ। ନିଜର ଏକ ଶକ୍ତିଶାଳୀ ସୈନ୍ୟ ବାହିନୀ ତିଆରି କଲେ। ପ୍ରତାପ ଗଡ ଓ ରାଜଗଡ ଠାରେ ସୁଦୃଢ ଦୁର୍ଗ ମାନ ପ୍ରତିଷ୍ଠା କଲେ। ବିଜାପୁରର ସ୍ଥାନୀୟ ଶାସକ ମାନେ ତାଙ୍କୁ ଦମନ କରିପାରିଲେ ନାହିଁ।

ଶେଷରେ ବିଜାପୁରର ସୁଲତାନ ଶିବାଜୀ ଙ୍କୁ ଦମନ ପାଇଁ ତାଙ୍କର ସବୁଠାର ଶକ୍ତିଶାଳୀ ସେନାପତି, ଆଫଜଲ ଖାଁ କୁ ଆଦେଶ ଦେଲେ। ଆଫଜଲ ଖାଁ ଜଣେ ଅତ୍ୟନ୍ତ ବିଶାଳବପୁ ବ୍ୟକ୍ତି ଥିଲେ। ଗୋଟା ଗୋଟା କମାଣକୁ ସେ ହାତରେ ଟେକି ପାରୁଥିଲା, ଯାହା ଦଶଜଣ ବି ପାରିବେ ନାହିଁ। କଥିତ ଅଛି ଯାତ୍ରା ପୂର୍ବରୁ ସେ ଅନେକ ଅଶୁଭ ସଙ୍କେତ ପାଇଥିଲା ଓ ସେଥିପାଇଁ ନିଜର ସମସ୍ତ ୭୦ ଜଣ ରକ୍ଷିତା ବେଗମ ମାନଙ୍କୁ ହତ୍ୟାକରି, ପ୍ରାୟ ତିରିଶ ହଜାର ସୈନ୍ୟ ଓ କମାଣ ସହ ଅଭିଯାନରେ ବାହାରି ଥିଲା। ଆଫଜଲ ଶିବାଜୀ ଙ୍କର ବଂଶ ଶତ୍ରୁ ଥିଲା। ତାର ଚକ୍ରାନ୍ତରୁ ଶିବାଜୀଙ୍କ ବଡଭାଇ ଶମ୍ଭୁଜୀ ନିହତ ହୋଇଥିଲେ। ବାପା ଶାହାଜୀ ଗିରଫ ହୋଇ ବିଜାପୁର ବନ୍ଦୀଶାଳରେ ଅନେକ ଦିନ ଥିଲେ। କସ୍ତୁରି ରଙ୍ଗା ନାମକ ଜଣେ ରଜାଙ୍କୁ ଶାନ୍ତି ଆଲୋଚନା ବେଳେ ଆଫଜଲ ହତ୍ୟା କରିଥିଲେ। ଅଭିଯାନରେ ବାହାରି ସେ ହିନ୍ଦୁ ମାନଙ୍କର ପବିତ୍ର ସ୍ଥଳୀ ପାନ୍ଧାର ପୁର ଓ ତୁଳଜା ଭବାନୀ ଙ୍କ କ୍ଷେତ୍ର କୁ ଗୋ-ରକ୍ତରେ ଅପବିତ୍ର କରିଥିଲା। ସେ ଆଗରୁ ସେ ଅଂଚଳର ଶାସକ ଥିଲା। ପାହାଡ, ନାଳ, ଜଙ୍ଗଲ ମଣ୍ଡିତ ଦୁର୍ଗମ ମାଭେଲ ଅଂଚଳର ରାସ୍ତାଘାଟ ସହ ପରିଚିତ ଥିଲା। ଆଫଜଲ ମହାବାଳେଶ୍ୱର ନିକଟସ୍ଥ କୋୟାନା ନଦୀ କୂଳରେ ୱାଇ-ଜାଭେଲି ଠାରେ ଶିବିର ପକାଇ ଆକ୍ରମଣର ସୁବିଧାରେ ରହିଲା। ଶିବାଜୀ ପ୍ରତାପଗଡ ଦୁର୍ଗରେ ଅବରୁଦ୍ଧ ହୋଇ ରହିଲେ। ଏକ ସୁଦୃଢ ଦୁର୍ଗକୁ ଜୟ କରିବା ସହଜ ନଥିଲା। ବର୍ଷା ଦିନ ଆସିଗଲେ ସେ ଅଂଚଳ ଶତଶତ ଖରସ୍ରୋତା ନାଳରେ ପୂର୍ଣ୍ଣ ହୋଇଯିବ, ସୈନ୍ୟ ଚାଳନା ଅସମ୍ଭବ ହୋଇପଡିବ। ତେଣୁ ଶିବାଜୀଙ୍କୁ ବାହାରକୁ ଆଣି ହତ୍ୟା କରିବା ଯୋଜନାରେ ଆଫଜଲ ତାର ଦୂତ କୃଷ୍ଣଭଟ ଙ୍କୁ ପଠାଇଲା ଓ ସେ ଶିବାଜୀଙ୍କ ପିତା ସାହାଜୀ ଙ୍କ ବନ୍ଧୁ ବୋଲି ମନେ ପକାଇଦେଲା। ଶିବାଜୀ ଦୂତକୁ ଲାଂଚ ଓ ସ୍ୱଧର୍ମ ଦ୍ୱାହି ଦେହି ବଶ କରି ଆଫଜଲର ମନୋଭାବ ଅବଗତ ହେଲେ ଓ ସେ ଆଫଜଲ ଙ୍କୁ ଭୀଷଣ ଡରି ଯାଇଛନ୍ତି ବୋଲି କହିବାକୁ କହିଲେ। ପ୍ରତାପଗଡ ଦୁର୍ଗ ପାଖ କୁ ଆସିଲେ ସେ ଆତ୍ମ ସମର୍ପଣ କରିଦେବେ ବୋଲି ପ୍ରକାଶ କଲେ। ନିଜର ଶକ୍ତି ଉପରେ ଅଗାଧ ବିଶ୍ୱାସ ଯୋଗୁ ଆଫଜଲ ନିଜର ସହକର୍ମୀ ଙ୍କ ନିଷେଧ ସତ୍ୱେ, ସର୍ତରେ ରାଜି ହୋଇଗଲା।

ଶିବାଜୀଙ୍କର ଦୂତ ଗୋପିନାଥ ପନ୍ତ ଅନେକ ମୂଲ୍ୟବାନ ଉପହାର ନେଇ ଆଫଜଲର ଶିବିରରେ ପହଂଚିଲେ। ଆଲୋଚନା ପରେ ସ୍ଥିର ହେଲା, ମାତ୍ର ଦୁଇଜଣ ଦେହରକ୍ଷୀ ନେଇ ଆଲୋଚନା ସ୍ଥଳକୁ ଉଭୟ ଯିବେ। ଅନ୍ୟ ଦଶ ଜଣ ସୈନ୍ୟ ତୀର ମାରିବା ଦୂରତ୍ୱରେ ରହିବେ। ଶିବାଜୀଙ୍କର ଅନୁଚର ମାନେ ଆତଙ୍କିତ ହେଲେ ମଧ୍ୟ ଶିବାଜୀ ନିଜ ନିଷ୍ପତିରେ ଦୃଢ ଥିଲେ। ନିଜର ସେନାପତି ନେତାଜି ପାଲେକର, ତ୍ର୍ୟମ୍ବକ ପନ୍ତ ଓ କାହ୍ନୋଜି ଜେଧାଙ୍କୁ ଡକାଇ ଦୁର୍ଗର ପ୍ରତିରକ୍ଷା ଦାୟିତ୍ୱ ଦେଲେ। ଅରଣ୍ୟର ବିଭିନ୍ନ ସ୍ଥାନରେ ସୈନ୍ୟ ମାନଙ୍କୁ ରଖାଇ ସଙ୍କେତ ପାଇଲା ସଙ୍ଗେ ସଙ୍ଗେ ଆକ୍ରମଣ କରିବାକୁ ଆଦେଶ ଦେଲେ। କଥିତ ଅଛି ନିଜର ଆରାଧ୍ୟ ଦେବୀ ଭବାନୀ ରାତିରେ ସ୍ୱପ୍ନରେ ଆସି ତାଙ୍କୁ ଅଭୟ ଦେଇଗଲେ। ନିଜକୁ ଲୌହ ବର୍ମରେ ଆବୃତ କଲେ। ହାତରେ ବାଘନଖ, ବିଛା ନାମକ ତୀକ୍ଷ୍ଣ ଅସ୍ତ୍ର ଲୁଚାଇ ରଖି, ଦୁଇଜଣ ଦକ୍ଷ ବିଶ୍ୱାସୀ ରକ୍ଷୀ ଜିଭା ମହଲା ଓ ଶମ୍ଭାଜୀ କାଭାଜୀ ଙ୍କ ସାଙ୍ଗରେ ସାକ୍ଷାତ ସ୍ଥଳ କୁ ଯିବା ପାଇଁ ପ୍ରସ୍ତୁତ ହେଲେ। ଯିବା ବେଳେ କହିଗଲେ, "ମୁଁ ମରେ କି ବଂଚେ ସଂଗ୍ରାମ ଚାଲୁରହିବ........"

ସାକ୍ଷାତ ସ୍ଥଳ ଟି ମୂଲ୍ୟବାନ ପରଦା, ଗାଲିଚା, ସାମିଆନା ଓ ରୁପାର ସିଂହାସନ ଦ୍ୱାରା ସଜା ଯାଇଥିଲା। ପ୍ରତାପ ଗଡ ଠାରୁ ଅଳ୍ପ ଦୂରରେ ଏକ ମୁଣ୍ଡିଆ ଉପରେ ପାର ନାମକ ଗ୍ରାମରେ ଶିବିର ପ୍ରସ୍ତୁତ ହେଲା। ଏକ ରୂପା ପାଲିଙ୍କିରେ ଆଫଜଲ ଆସି କିଛି ଦୂରରେ ଓହ୍ଲାଇଲା। ସେଠାରେ ଅପେକ୍ଷା କରିଥିବା ମଧ୍ୟସ୍ଥ ମାତ୍ର ଦୁଇଜଣଙ୍କୁ ସାଙ୍ଗରେ ନବା ପାଇଁ ଅନୁରୋଧ କଲା। ଟିକେ ହସି ଆଫଜଲ ସୟଦ ବନ୍ଦା ଓ ଅନ୍ୟଜଣ କ ସହ ସାକ୍ଷାତ ସ୍ଥାନରେ ପହଂଚି ଆଡମ୍ବରପୂର୍ଣ୍ଣ ବ୍ୟବସ୍ଥା ଦେଖି ସନ୍ତୋଷ ହେଲା। ସଙ୍କେତ ପାଇ ଶିବାଜୀ ନିଜ ଦେହରକ୍ଷୀ ସହ ସେଠାରେ ପହଂଚି ଗଲେ। ସାଙ୍ଗେ ସାଙ୍ଗେ ଆଫଜଲ ଉଠିପଡି ଶିବାଜୀ ଙ୍କୁ ଆଲିଙ୍ଗନ ଆଳରେ ତାଙ୍କ ମୁଣ୍ଡ ନିଜର ବିଶାଳ କାଖରେ ପୁରାଇ ଚିପି ଦେବାକୁ ଚେଷ୍ଟା କଲା। ପାଖରେ ଥିବା ଛୁରି ମଧ୍ୟ ଶିବାଜୀ ଙ୍କ ପିଠିରେ ଭୁଷି ଦେଲା। ଲୁହାର ଆବରଣ ଥିବାରୁ ଶିବାଜୀ ରକ୍ଷା ପାଇଗଲେ। ନିଜର ହାତରେ ଥିବା ବାଘନଖ କୁ ଆଫଜଲର ପେଟରେ ଜୋର କରି ଭୁଷିଦେଲେ। ତାର ଅନ୍ତନାଳୀ ବାହାରି ପଡିଲା। ରକ୍ତ ବହି ତଳ ଭିଜିଗଲା। ଏହାଦେଖି ସୟଦ ବନ୍ଦା ଶିବାଜୀଙ୍କ ଶିରକୁ ଲକ୍ଷ୍ୟକରି ତରବାରୀ ଉଠାଇଲା ବେଳେ, ଶିବାଜୀଙ୍କ ଶିରରେ ଲୁହାଟୋପି ଥିବାରୁ କିଛି ହେଲା ନାହିଁ। ବାନ୍ଦା ଦେହରକ୍ଷୀ ଜିଭା ମହଲା ଦ୍ୱାରା ନିହତ ହେଲା। ବିକଳରେ ଆଫଜଲକୁ ପାଲିଙ୍କି ରେ ବସାଇ ତାର ଦେହରକ୍ଷୀ ମାନେ ପଳାଇବାକୁ ଚେଷ୍ଟା କଲା ବେଳେ, ଶମ୍ଭାଜୀ କାଭାଜୀ ର ତରବାରୀରେ ତାର ମୁଣ୍ଡ ଗଣ୍ଡି ଅଲଗା ହୋଇଗଲା। ଲୁଚିଥିବା ମରାଠା ସୈନ୍ୟ ମାନେ ବାହାରି, ଅନ୍ୟ ମୁସଲମାନ ସୈନ୍ୟ ମାନଙ୍କୁ ଗୋଡାଇ ଗୋଡାଇ ମାରିଲେ। ଶିବାଜୀ ଦ୍ରୁତଗତିରେ ଦୁର୍ଗ ଭିତରକୁ ଚାଲିଗଲେ। କମାଣ ଫୁଟାଯାଇ ଅନ୍ୟ ମାନଙ୍କୁ ସଙ୍କେତ ଦିଆଗଲା।

ଏଣେ ସେନାପତି ନେତାଜୀ ପାଲେକାର ଓ କାହ୍ନେଜୀ ଜେଧା, ତ୍ର୍ୟମ୍ବକ ପନ୍ତ ବିଜାପୁର ର କୋୟାନା ନଦୀ କୂଳରେ ଥିବା ମୁଖ୍ୟ ଶିବିର ଉପରେ ଆକ୍ରମଣ କଲେ। ସୈନ୍ୟ ମାନେ ଭୟରେ ସାଜ, ସରଞ୍ଜାମ ଛାଡି ପଳାୟନ କଲେ। ଶିବିରର ହାତି, ଘୋଡା, ତମ୍ବୁ, ଖାଦ୍ୟ, ଅସ୍ତ୍ରଶସ୍ତ୍ର, ସୁନାରୁପା, ଟଙ୍କା ଶିବାଜୀଙ୍କ ହସ୍ତଗତ ହେଲା। ପ୍ରାୟ ୬ ହଜାର ବିଜାପୁର ସୈନ୍ୟ ନିହତ ହେଲେ। ଆଫଜଲ ର ଦୁଇପୁଅ ବନ୍ଦୀ ହେଲେ। ଆଫଜଲର ମୃତ ଶରୀର ଦୁର୍ଗକୁ ସସମ୍ମାନେ ନିଆଗଲା। ତା ମୁଣ୍ଡକୁ ରାଜଗଡ ଦୁର୍ଗରେ ଥିବା ମାଆ ଜିଜାବାଈ ଙ୍କ ପାଖକୁ ପଠାଗଲା ଓ ଦୁର୍ଗ ଦ୍ୱାର ନିକଟରେ ପୋତାଗଲା। ଦେହ କୁ ସସମ୍ମାନେ ତାର ପୁଅ ମାନଙ୍କୁ ଦିଆଗଲା। ସେମାନେ ଯେଉଁଠି ସେ ମଲେ, ସେଠାରେ କବର ଦେଲେ। ଏପର୍ଯ୍ୟନ୍ତ ତାହା ଦେଖାଯାଏ ଓ ତାହାଏକ ପିର ରୂପରେ ପୂଜା ପାଆନ୍ତି।

(ପୃଷ୍ଠା ୭ର ଅବଶିଷ୍ଟାଂଶ)




### ଅସମ୍ଭବ...

**ଶ୍ରୀମାନ ଅମରନାଥ ବାରିକ୍**

ଗୋଲାପି କାଗଜ ନିଜଜ ଲଫାପରେ  
ଲେଖାଥିବା କଳା ଅକ୍ଷର  
ଏଯାଏଁ ବଂଚିଛି ପ୍ରେମଫୁଲ ହୋଇ  
ସରିନାହିଁ ବାସ ତାହାର।

ଆଜିବି ସାଇତି ରଖିଛି ପାଖରେ  
ତୁମ ହାତଲେଖା ଚିଠିକୁ  
ନିରୋଳାରେ ବସି ଖୋଲି ପଢ଼େ ସବୁ  
ପ୍ରତିଟି ଦରଦୀ ଭାଷାକୁ।

ଭାସି ଆସେ ଆମ ପ୍ରେମ କାହାଣୀର  
ପୁରୁଣା ସେ ସ୍ମୃତି ଲହରି  
କହିଯାଏ କାନେ ବିରହୀ ପ୍ରେମିକ  
ତୁମେ ତ ଯାଇଛ ହାରି।

ପ୍ରିୟାଟି ତୁମର ଥିଲା ସେ ମିଛେଇ  
ଲେଖୁଥିଲା ମିଛ ବାରତା  
ପ୍ରତାରଣା ଭରା ପ୍ରତି ଫର୍ଦ୍ଦପରେ  
ରଚି ଛଳନାର କବିତା।

ଦିଅ ଚିରି ଏହି ଖ୍ୟାତି ପୁରାତନ  
କାହିଁକି ବା କର ବିଳମ୍ବ  
ଗଲା ଚାଲି ଯିଏ ଜୀବନରେ କେବେ  
ଫେରିବାଟା ନୁହେଁ ସମ୍ଭବ।

ଘଟିଯାଇଥିବା ପଛ ଦିନ ଯଦି  
ପକାଇବ ମନେ ଏମିତି  
ଭବିଷ୍ୟତ ହେବ ଘନ ଅନ୍ଧକାର  
ଜଳୁଥିବ ସେମିତି ନିତି।

+ କୟାଁ, ମଙ୍ଗଳପୁର, ଯାଜପୁର  
ଓଡ଼ିଶା-୭୫୫୦୧୧  
ମୋ:୯୫୪୦୩୦୮୦୯୫

### ସମୟ ଚକ୍ର...

**ନିରଂଜନ ସାହୁ**

ସମୟ ନଈର ସ୍ରୋତ ବେଗବତୀ  
କିଏ ଅଟକାଇ ପାରେ  
ଦିବସ, ସପ୍ତାହ, ମାସ, ବର୍ଷ ଯାଏ  
କିଏ ଜିତେ କିଏ ହାରେ।

କେତେ କେତେ ରଥୀ ଅବା ମହାରଥୀ  
କରୁଥିଲେ ଉପଦ୍ରବ  
ସମୟ ଆସିଲା ସବୁ ହରିନେଲା  
ପାଲଟିଲେ ଦିନେ ଶବ  
ସମୟର ନଈ ସବୁ କରିଥାଇ  
ତାରେ ଅବା ସିଏ ମାରେ।

ସମୟ ରଙ୍କକୁ ରାଜା କରିପାରେ  
ରାଜାକୁ ଫକୀର କରେ  
ସମୟ ଅଟଇ ବଡ଼ ବଳବାନ  
ଭଙ୍ଗାଗଢ଼ା ଦୁନିଆରେ  
ସମୟର ଶେଷ ସୀମା ନିର୍ଦ୍ଧାରଣ  
ସାମର୍ଥ୍ୟ କେ' କଳିବାରେ।

+ ନିହଲପ୍ରସାଦ, ଗନ୍ଦିଆପାଟଣା  
ଢ଼େଙ୍କାନାଳ-୭୫୯୦୧୬  
ମୋ: ୯୯୩୮୭୪୧୫୮୩

### ଅନୁମତି ଦେଲେ...

**ପ୍ରଶାନ୍ତ କୁମାର ନାଥ**



ଅନୁମତି ଦେଲେମନରମାଟିରେ  
ପ୍ରେମଗଛଟିଏସାଜିବି  
ତୁମେ ଯଦି ଦେବ ପ୍ରୀତିଜଳଟିକେ  
ଫୁଲଟିଏହୋଇ ଫୁଟିବି।  
ପ୍ରେମରସୁବାସ ଦେହ ଅଗଣାରେ  
ସବୁଦିନ ପାଇଁବିଞ୍ଚିବି  
ସେନେହକରୁଣାସେହି ଗଛ ଡାଳେ  
ସବୁଦିନ ପାଇଁସଞ୍ଚିବି।  
ଅନୁମତି ଦେଲେ ମନ ଆକାଶରେ  
ବରଷାଟିକିଏସାଜିବି  
ଚାହିଁବ ଯଦି ମୁଁବେଳ ଅବେଳରେ  
ପ୍ରୀତିରବରଷାଢାଳିବି।  
ଭିଜେଇବି ନିତିପ୍ରେମବରଷାରେ  
ଅନୁମତି ଯଦି ପାଇବି  
ସବୁଦିନ ପରାତୁମରି ପାଇଁକି  
ତୁମରିହୋଇମୁଁରହିବି।  
ଅନୁମତି ଦେଲେପ୍ରେମପୋଖରୀରେ  
ତୁଠପଥର ମୁଁସାଜିବି  
ଯେତେଘଷିମାଜିହୋଇବସେଇଠି  
ତଥାପିତୁମକୁଖୋଜିବି।  
ଖସିବନିକେବେ ପାଦଟାତୁମର  
ତୁମକୁମୁଁସାହାହୋଇବି  
ଅନୁମତି ଦେଲେତୁମରିମନରେ  
ସବୁଦିନ ପାଇଁରହିବି।

+ ସୁନ୍ଦରପୁର, ଉତ୍ତରକୂଳହାଟ୍,  
ପ୍ରୀତିପୁର, ଯାଜପୁର।  
ମୋ-୦୮୩୧୦୩୨୮୩୪୫

# ମୁକ୍ତ ଓ ଅବାଧ ନିର୍ବାଚନ

ଶ୍ରୀକୃଷ୍ଣ ସାମଲ

ଭାରତ ଏକ ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର । ଏଠାରେ ସୁଦୃଢ ଗଣତନ୍ତ୍ର ଶାସନ ଗ୍ଭଲିଛି । ହେଲେ କ୍ଷୋଭର ବିଷୟ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଏଠାରେ ମୁକ୍ତ ଓ ଅବାଧ ନିର୍ବାଚନ ହୋଇ ପାରି ନାହିଁ । ଏହାର ଅର୍ଥ ନୁହେଁ ଯେ ନିର୍ବାଚନ ବେଳେ ଭୋଟର ମାନଙ୍କୁ ଭୟଭୀତ କରାଯାଇ ସେମାନଙ୍କୁ ଭୋଟ ଦାନରୁ ବଞ୍ଚିତ କରାଯାଉଛି । ଅବଶ୍ୟ ଏପରି ଘଟଣା ନିର୍ବାଚନ ବେଳେ ଘଟେ ହେଲେ ଏହା ଅତି ନଗଣ୍ୟ । ଅସଲ କଥା ହେଲା ନିର୍ବାଚନ ପୂର୍ବରୁ ଜନସାଧାରଣଙ୍କ ନିମନ୍ତେ କିଛି ପ୍ୟାକେଜ ଘୋଷଣା କରିବା, ନିଶାଶକ୍ତ ଓ ଆକଣ୍ଠ ରାଜକୀୟ ଭୁରୀ ଭୋଜନ ଦେଇ ଆପାୟିତ କରିବା, ବିଭିନ୍ନ ପ୍ରକାର ପ୍ରଲୋଭନ, ଅର୍ଥ ଓ ଉପଢୌକନ ଦେଇ ଭୋଟର ମାନଙ୍କୁ ପ୍ରଭାବିତ କରିବା ଇତ୍ୟାଦି ଦ୍ୱାରା ଭୋଟ ହାସଲ କରିବାର ପ୍ରକ୍ରିୟା ଏଯାଏଁ ଏକ ସୁଦୃଢ ଗଣତନ୍ତ୍ର ରାଷ୍ଟ୍ର ଭାରତ ବର୍ଷରୁ ଲୋପ ପାଇ ନାହିଁ । ବରଂ ଏହା ଆହୁରି ବଢି ବଢି ଗ୍ଭଲିଛି । ବର୍ତ୍ତମାନ ଶିକ୍ଷାର ଉତୁଙ୍ଗ ଶିଖରରେ ପର୍ଦାପଣ କରିଥିବା ସଚେତନ ନାଗରିକ ମାନେ ଏହାକୁ ଆଦୌ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ । ଅବଶ୍ୟ ଦେଶର ସଚେତନ ନାଗରିକ ମାନେ ଏହାକୁ ଆଦୌ ପ୍ରଶ୍ରୟ ଦିଅନ୍ତି ନାହିଁ । ହେଲେ ସ୍ଥଳ ବିଶେଷରେ ପାରିବାରିକ ଗ୍ରୁପ ହେଉ ଅଥବା ଅନ୍ୟ କୈଣସି କାରଣ ବଶତଃ ହେଉ ସଚେତନ ନାଗରିକମାନେ ଉତ୍କୋଚ ଓ ଉପଢୌକନ ଗ୍ରହଣ କରୁଥିଲେ ମଧ୍ୟ ସେମାନେ ଯୋଗ୍ୟ ପ୍ରାର୍ଥୀଙ୍କୁ ହିଁ ଭୋଟ ଦିଅନ୍ତି । ଏଠାରେ ସଚେତନ ନାଗରିକମାନେ ଚିନ୍ତା କରିବା ଉଚିତ୍ ଯେ ସ୍ୱାଧୀନ ଭାବେ ଲଢୁଥିବା ଯୋଗ୍ୟ ପ୍ରାର୍ଥୀ ଅଥବା ଯୋଗ୍ୟ ଦଳର ପ୍ରାର୍ଥୀଙ୍କୁ ହିଁ ମତଦାନ କରିବା ଉଚିତ୍ । ନ ହେଲେ ସେମାନଙ୍କର ଭୋଟ ମୂଲ୍ୟହୀନ ହୋଇଯିବ । ତେବେ ସଚେତନ ନାଗରିକମାନଙ୍କୁ ଛାଡି ଦେଲେ ପ୍ରାୟ ଦାରିଦ୍ର୍ୟର ସୀମାରେଖା ତଳେ ଥିବା ଅଧିକାଂଶ ଭାରତୀୟ ନାଗରିକ ଉତ୍କୋଚ ଓ ଉପଢୌକନର ପ୍ରଭାବିତ ହୋଇ ଯୋଗ୍ୟ, ଅଯୋଗ୍ୟ କିମ୍ବା ଦଳ ଇତ୍ୟାଦିକୁ ବିଗ୍ଭର ନ କରି ମତଦାନ ସାବ୍ୟସ୍ତ କରନ୍ତି । ଏହା ଗଣତନ୍ତ୍ର ପ୍ରତି ବିପଦ । ଏହା ହେଲେ ଏକ ସୁଦୃଢ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହୋଇ ପାରେ ନାହିଁ । ଦେଶ ୫ ବର୍ଷ ପାଇଁ ଅନିଶ୍ଚିତତା ଭିତରେ ଗତି କରେ । ଦେଶର ବିପୁଳ କ୍ଷତି ହୁଏ । ପଡୋଶୀ ସୂତ୍ରୁ ଓ ଦେଶଦ୍ରୋହୀ ମାନେ ସଜାଗ ହୋଇ ଉଠନ୍ତି ।

ଏବେ ଦେଖା ଯାଉଛି ନିର୍ବାଚନରେ ପରାଜିତ ହେଉଥିବା ପ୍ରାର୍ଥୀମାନେ ଗଣତନ୍ତ୍ରକୁ ଭଣ୍ଡୁର କରିବା ପାଇଁ ମିଥ୍ୟା ମୋକର୍ଦ୍ଦମାର ଆଶ୍ରୟ ନେଉଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ପ୍ରାର୍ଥୀ ମାନଙ୍କର କ୍ଷମତା ଲିପ୍ସା ଓ ପଦମର୍ଯ୍ୟାଦାର ଲୋଭ ହିଁ ଏକମାତ୍ର ଦାୟୀ । ଏହା ଗଣତନ୍ତ୍ର ପ୍ରତି ବିପଦ । ଏପରିକି ଶାସନ କ୍ଷମତାରେ ଥିବା ଦଳର ପ୍ରାର୍ଥୀ ବି ଯଦି ପରାଜୟ ବରଣ କରେ ତେବେ ସେ ମଧ୍ୟ ଇଭିଏମ୍, ଡିଷ୍ଟେମ୍ପରିଂ ପ୍ରଶାସନିକ ତ୍ରୁଟି ଇତ୍ୟାଦି ଦର୍ଶାଇ ମୋକର୍ଦ୍ଦମା ରୁଜୁ କରେ । ଏହା ଅତ୍ୟନ୍ତ ହାସ୍ୟାସ୍ପଦ କଥା । ଏହା ଦ୍ୱାରା ଗଣତନ୍ତ୍ର ବାଟବଣା ହୋଇ ଯିବାର ଯଥେଷ୍ଟ ସମ୍ଭାବନା ରହିଛି । ତେବେ ନ୍ୟାୟଳୟ ଓ ଆଇନ ବିଭାଗ ଏ ଦିଗରେ ପ୍ରଭାବିତ ନ ହେଲେ ଗଣତନ୍ତ୍ର ପ୍ରତି ଆଦୌ ବିପଦ ନାହିଁ । ଏବେ ପୃଥିବୀର ଶକ୍ତିଶାଳୀ ରାଷ୍ଟ୍ର ଆମେରିକାରେ ଏ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଏଠାରେ କ୍ଷମତା ଲିପ୍ସା ଓ ପଦମର୍ଯ୍ୟଦା ପାଇଁ ଗଣତନ୍ତ୍ର ଉପରେ ରୋକ ଲଗାଇବାର ପ୍ରଚେଷ୍ଟା ହେଉଛି ବୋଲି ମନେ ହୁଏ ।

+ଶ୍ରୀକୃଷ୍ଣ ନିବାସ
କରଂଜିଆ, ମୟୂରଭଂଜ
ମୋ-୯୪୩୭୩୨୦୬୭୯

# ବେସନ ମସଲା ରୋଟି

ରୁଟି ଏବଂ ପରଟା ପ୍ରାୟ ସମସ୍ତଙ୍କ ଘରେ ପ୍ରସ୍ତୁତ ହୁଏ । କିନ୍ତୁ ସ୍ଥାନ ଅନୁସାରେ ଏହାର ତିଆରି ଶୈଳୀ ଏବଂ ସ୍ୱାଦ ମଧ୍ୟ ଭିନ୍ନ ଥାଏ । ରୁଟି କେବଳ ଗହମରୁ ନୁହେଁ ବାଜରା, ମକା, ମଇଦା ଏବଂ ବେସନରୁ ମଧ୍ୟ ପ୍ରସ୍ତୁତ ହୋଇଥାଏ । ରୁଟିକୁ ଆମେ ସାଧାରଣତଃ ତରକାରୀ, ଭଜା ସହିତ ମିଶାଇ ଖାଉ । କିନ୍ତୁ ବେସନ ମସଲା ରୁଟିକୁ ଖାଲି ମଧ୍ୟ ଖିଆ ଯାଇପାରେ । ଏହା ଭିତରେ ଥିବା ମସଲା ପାଟିକୁ ଭିନ୍ନ ସ୍ୱାଦ ଦେଇଥାଏ । ଏହି ସଂଖ୍ୟାର ଡିସ୍ ହରିୟାଣାର ଲୋକପ୍ରିୟ ଖାଦ୍ୟ । ହରିୟାଣାକୁ କୁହାଯାଏ ଲ୍ୟାଣ୍ଡ ଅଫ୍ ରୋଟି । ଏଠାରେ ବାଜରା, ମକା ଏବଂ ଗହମରୁ ବିଭିନ୍ନ ଶୈଳୀରେ ସ୍ୱାଦିଷ୍ଟ ରୁଟି ପ୍ରସ୍ତୁତ ହୁଏ । ସେଥିରୁ ଗୋଟିଏ ହେଉଛି ବେସନ ମସଲା ରୋଟି । କୌଣସି ସ୍ୱତନ୍ତ୍ର ଅବସରରେ ନୁହେଁ ବରଂ ଏହାକୁ ସବୁ ସମୟରେ ପ୍ରସ୍ତୁତ କରି ଖିଆଯାଇପାରେ । ବେସନ ମସଲା ରୋଟି ତିଆରି କରିବା ବହୁତ ସହଜ । କାରଣ ଏହାକୁ ମଧ୍ୟ ରୋଟି ପରି ଚକଟା ଯାଇ ଗୋଲାକାର ବେଲାଯାଏ । କିନ୍ତୁ ଏଥିରେ ମସଲା ଭର୍ତ୍ତି ରହୁଥିବାରୁ ଅଧିକ ସୁଆଦିଆ ଲାଗିଥାଏ ଖାଇବାକୁ । ଏଥିରେ ବଟର ଏବଂ ଦହି ଦେଇ ଚକଟା ଯାଉଥିବାରୁ ନରମ ହୋଇଥାଏ । ଆସନ୍ତୁ ଜାଣିବା ଏହାର ପ୍ରସ୍ତୁତି ସମ୍ପର୍କରେ ।




**ପ୍ରସ୍ତୁତି :**
ବେସନ ମସଲା ରୋଟି ତିଆରି ପାଇଁ ୧ କପ ବେସନ, ୧ କପ ଅଟା, ଅଧ ଚାମଚ ହଳଦୀ ପାଉଡର, ୧ ଚାମଚ ଜୁଆଣୀ, ୧ ଚାମଚ ଲୁଣ, ଅଧ କପ ଦହି, ୧ ଚାମଚ ଦେଶୀ ଘିଅ କିମ୍ବା ବଟର ଏବଂ ଆବଶ୍ୟକ ଅନୁସାରେ ପାଣି । ମସଲା ପାଇଁ ଅଧ ଚାମଚ ଶୁଖିଲା ଲଙ୍କା ଗୁଣ୍ଡ, ଅଧ ଚାମଚ ଜିରା ପାଉଡର, ଅଧଚାମଚ ଧନିଆ ପାଉଡର, ୨ଟା ବଡ଼ ପିଆଜ (କଟା), ୨ଟି କଞ୍ଚା ଲଙ୍କା(କଟା) । ପ୍ରଥମେ ଗୋଟିଏ ପାତ୍ରରେ ବେସନ ଏବଂ ଅଟା ନେଇ ଲୁଣ, ଜୁଆଣୀ ଏବଂ ହଳଦୀ ପକାଇ ଭଲ ଭାବେ ମିଶାଇ ଦିଅନ୍ତୁ । ଏହାପରେ ସେଥିରେ ଦହି ଦିଅନ୍ତୁ । ଏବେ ଏଥିରେ ଅଳ୍ପ ପାଣି ଦେଇ ହାତରେ ଚକଟନ୍ତୁ । ପାଣି ଅଧିକ ହୋଇଗଲେ ସମାନ ପରିମାଣର ଅଟା ଏବଂ ବେସନ ପକାଇ ଚକଟି ଦିଅନ୍ତୁ । ଅଟା ଗୁଳା ପ୍ରସ୍ତୁତ ହେବା ପରେ ନରମ ହେବା ପାଇଁ ଏହାକୁ ୨୦ ମିନିଟ୍ ପାଇଁ ଛାଡ଼ିଦିଅନ୍ତୁ । ଆଉ ଗୋଟିଏ ପାତ୍ରରେ ଧନିଆ ପାଉଡର, ଲଙ୍କା ପାଉଡର, ଜିରା ପାଉଡର, ପିଆଜ, ଲଙ୍କା ଏବଂ ଲୁଣ ନିଅନ୍ତୁ । ଏଥିରେ ଅଳ୍ପ ପାଣି ଦେଇ ସବୁତକ ମସଲାକୁ ଗୋଳାଇ ଦିଅନ୍ତୁ । ମସଲା ଯେମିତି ପାଣିଆ ହୋଇନଯିବ । ଏବେ ଚକଟା ଅଟାରେ ଛୋଟ ଛୋଟ ଗୁଳା ପ୍ରସ୍ତୁତ କରନ୍ତୁ । ଏହାକୁ ବେଲି ଦେଇ ତା' ଭିତରେ ମସଲା ଷ୍ଟଫ୍ ଦିଅନ୍ତୁ । ଆପଣ ଚାହିଁଲେ ତିନିକୋଣିଆ କରିପାରିବେ ନହେଲେ ଗୋଲାକାର । ତା' ପରେ ଗ୍ୟାସ ଲଗାଇ ତାୱା ଗରମ କରନ୍ତୁ । ଗରମ ହେଲା ପରେ ରୁଟି ସେକିବା ଆରମ୍ଭ କରନ୍ତୁ । ରୁଟି ସେକି ହୋଇ ଆସିଲେ ଦେଶୀ ଘିଅ କିମ୍ବା ବଟର ଲଗାଇଇ ଏପଟସେପଟ କରି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ବେସନ ମସଲା ରୁଟି । ଆଚାର କିମ୍ବା ଚଟଣି ସହିତ ଖାଇପାରିବେ ।

# ଫୁଡ୍ ପଏଜନିଂର ଘରୋଇ ଉପଚାର

ବେଳେବେଳେ କିଛି ଭୁଲ ଖାଦ୍ୟ ଖାଇବା କାଣରୁ କିଛି ବ୍ୟକ୍ତି ଫୁଡ୍ ପଏଜନିଂର ଶିକାର ହୋଇଥାନ୍ତି । ଯେଉଁଥିପାଇଁ ସ୍ଥିତି ବହୁତ ଗମ୍ଭୀର ହୋଇଥାଏ । ସେଥିପାଇଁ ସମୟ ପୂର୍ବରୁ ଚିକିତ୍ସା କରିବା ନିହାତି ଆବଶ୍ୟକ । ତେବେ ଆସନ୍ତୁ ଜାଣିବା ନିହାତି ଆବଶ୍ୟକ । ତେବେ ଆସନ୍ତୁ ଜାଣିବା ଫୁଡ୍ ପଏଜନିଂର ଘରୋଇ ଉପଚାର ସମ୍ପର୍କରେ...

ଦହିର ପ୍ରୟୋଗ:- ଫୁଡ୍ ପଏଜନିଂ ଲାଗି ଦହି ବେଶ୍ ଉପଚାରୀ । ତେଣୁ ଦହିରେ କିଛି ପାଣି ଚିନି ମିଶାଇ ଲସି ପ୍ରସ୍ତୁତ କରନ୍ତୁ । ଏବଂ ଫୁଡ୍ ପଏଜନିଂ ହେବା ସମୟରେ ଏହି ଲସିକୁ ପିଇଦିଅନ୍ତୁ ।

ଲେମ୍ବୁର ପ୍ରୟୋଗ:- ସାଧାରଣତଃ ଲେମ୍ବୁରେ ଆଣ୍ଟି- ଭାଇରାଲ ଗୁଣ ନିହିତ ଥାଏ । ଯାହାକି ଫୁଡ୍ ପଏଜନିଂର ବ୍ୟାକ୍ଟେରିଆକୁ ଦୂର କରି ଆପଣଙ୍କୁଚ ମୁକ୍ତି ଦେଇଥାଏ । ଆପଣ ଏକ କପ୍ ଗରମ ପାଣି ନେଇ ସେଥିରେ କିଛି ମାତ୍ରାରେ ଲେମ୍ବୁର ରସ ଓ ମହୁକୁ ମିଶ୍ରଣ କରି ଖାଲି ପେଟରେ ପିଇଦିଅନ୍ତୁ। ଏହା ଦ୍ୱାରା ଆପଣଙ୍କର ଫୁଡ୍ ପଏଜନିଂ ଜନିତ ସମସ୍ୟା ଦୂର ହୋଇଥାଏ ।

# ଛୋଟ ଶିଶୁଙ୍କ ପାଇଁ ଆଣ୍ଟିବାୟୋଟିକ ବିପଜ୍ଜନକ



୨ ବର୍ଷରୁ କମ୍ ବୟସର ଶିଶୁ ଅଧିକ ମାତ୍ରାରେ ଆଣ୍ଟିବାୟୋଟିକ ସେବନ କଲେ ଭବିଷ୍ୟତରେ ସେମାନଙ୍କ ନିକଟରେ ଆସ୍ଥମା, ମୋଟାପଣ ଏବଂ ଏକ୍‌ଜିମା ଭଳି ରୋଗ ଦେଖା ଯାଇପାରେ । ଆମେରିକା ମେଓ କ୍ଲିନିକ ରିସର୍ଚ୍ଚ ସେଣ୍ଟରର ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି । ବିଶେଷଜ୍ଞଙ୍କ ମୁତାବକ, ଆଣ୍ଟିବାୟୋଟିକ ଶରୀରକୁ କ୍ଷତି ପହଞ୍ଚାଉଥିବା ବ୍ୟାକ୍ଟେରିୟାର ବିନାଶ କରେ । କିନ୍ତୁ କେତେକ କ୍ଷେତ୍ରରେ ଏହା ଶରୀର ପାଇଁ ଆବଶ୍ୟକ ଥିବା ବ୍ୟାକ୍ଟେରିଆଙ୍କୁ ମଧ୍ୟ ନଷ୍ଟ କରିଦିଏ । ଯାହା ଫଳରେ ସଂକ୍ରମଣ ସହ ଲଢ଼ିବାର କ୍ଷମତା ହ୍ରାସ ପାଏ । ୧୪,୫୦୦ ଶିଶୁଙ୍କୁ ନେଇ ଏହି ଅଧ୍ୟୟନ ହୋଇଥିଲେ । ଏମାନଙ୍କ ମଧ୍ୟରୁ ୭୦ ପ୍ରତିଶତ ଶିଶୁ ୨ ବର୍ଷରୁ କମ୍ ବୟସରେ ଆଣ୍ଟିବାୟୋଟିକ ସେବନ ଆରମ୍ଭ କରି ଦେଇଥିଲେ । ଫଳରେ ସେମାନଙ୍କ ନିକଟରେ ଆସ୍ଥମା, ମୋଟାପଣ, ଫ୍ଲୁ, ଏକାଗ୍ରତାରେ ଅଭାବ, ଚିଡିଚିଡ଼ାପଣ ଭଳି ସମସ୍ୟା ଦେଖିବାକୁ ମିଳିଥିଲା । ଏଣୁ ୨ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଯଥାସମ୍ଭବ କମ୍ ଆଣ୍ଟିବାୟୋଟିକ ଦେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଆଣ୍ଟିବାୟୋଟିକ୍ ସେବନ ବଦଳରେ ଶରୀର ମଧ୍ୟରେ ପ୍ରାକୃତିକ ଭାବେ ରୋଗ ସହ ଲଢ଼ିବାର କ୍ଷମତା ସୃଷ୍ଟି ହେଲେ ଏହା ଭବିଷ୍ୟତରେ ଶିଶୁ ପାଇଁ ଅଧିକ ମଙ୍ଗଳକାରୀ ସାବ୍ୟସ୍ତ ହେବ ବୋଲି କୁହାଯାଇଛି ।

# ମେକ୍ ଅପ୍ ଟିପ୍ସ

ଅନେକ ଚଷମାକୁ ମହିଳାଙ୍କ ସୌନ୍ଦର୍ଯ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ମନେକରନ୍ତି । ତେବେ, ଏହି ଧାରଣା ଭ୍ରମାତ୍ମକ । ଚମଷମା ପିନ୍ଧୁଥିଲେ ବି ମେକ ଅପ୍ ନେବାରେ କୌଣସି ସମସ୍ୟା ନାହିଁ । ଆଖିରେ ଦୁଇ ପରସ୍ତ ମସକରା ସହ ଆଇଲେସ୍ ବ୍ୟବହାର କରନ୍ତୁ । ନିୟମିତ ବ୍ୟବଧାନରେ ଭ୍ରୁଲତାର ଥ୍ରେଡିଂ କରାନ୍ତୁ । ମୋଟା ଫ୍ରେମବାଲା ବଡ଼ ଚଷମା ପିନ୍ଧୁଥିଲେ, ଭ୍ରୁଲତା ପତଳା କରନ୍ତୁ ଏବଂ ବିପରୀତ ପିନ୍ଧୁଥିବା ମହିଳାଙ୍କ ଆଖି ତଳେ, କଡ଼ରେ କଳା ଦାଗ ଦିଶିବା ସାଧାରଣ । ଏହା ଦ୍ୱାରା ବିଚଳିତ ନ ହୋଇ କନସିଲର ବ୍ୟବହାର କରନ୍ତୁ । କଳା ପେନସିଲ ଲାଇନର ପାଖରେ ରଖନ୍ତୁ । ଚଷମାବାଲୀମାନେ ଲିପଷ୍ଟିକ୍, ଲିପଗ୍ଲସ ଓ ବ୍ଲସର ବ୍ୟବହାର କରିବାକୁ ଭୟ କରନ୍ତୁନାହିଁ ।



# ତ୍ୱଚାର ସୌନ୍ଦର୍ଯ୍ୟ ଚର୍ଚ୍ଚା

**ଶୀତଦିନେ ତ୍ୱଚା ଶୁଷ୍କ ହେବା ମୁଖ୍ୟ ସମସ୍ୟା । ଭଲରେ ଯତ୍ନ ନ ହେଲେ ତ୍ୱଚାକୁ ପୋଷଣ ମିଳେନାହିଁ, ଯାହା କାରଣରୁ ଚମକ ମଧ୍ୟ ହରାଏ । ସରଳ ଉପାୟରେ ତ୍ୱଚାର ଯତ୍ନ ନେବା ଏଇଦିନେ ଆବଶ୍ୟକ ।**

♦ଶୁଦ୍ଧ ମହୁକୁ ସ୍ନାନ ପୂର୍ବରୁ ତ୍ୱଚାରେ ଲଗାଇବା ଭଲ । ବେସନ, ଚିମୁଟାଏ ହଳଦୀରେ ମଧ୍ୟ ମହୁକୁ ମିଶାଇ ହାତ, ପାଦରେ ଲଗାଇପାରିବେ । ତ୍ୱଚା ପାଇଁ ଏହା ପ୍ରାକୃତିକ ମଏଶ୍ଚରାଇଜର୍ ପରି କାମ କରେ ।

♦ଫାଳେ ପାଚିଲା କଦଳୀକୁ ଭଲରେ ଚକଟି ସେଥିରେ କଞ୍ଚା ଖିର ମିଶାଇ ତ୍ୱଚାରେ ଲଗାଇ ୧୫ ମିନିଟ୍ ପରେ ଧୋଇବେ । ଏହି ପ୍ୟାକ୍ ତ୍ୱଚା କଣ୍ଡିସନିଂ



କରିବାରେ କାମ କରେ ।

♦ତ୍ୱଚା ଶୁଷ୍କତାରୁ ରକ୍ଷା ପାଇବା ନିମନ୍ତେ ପେସ୍ତାବାଦାମ ଗୁଣ୍ଡ ୧ ଚାମଚରେ ଦହି ମିଶାଇ ଲଗାଇଲେ ଦାଗ, ବ୍ରଣ ଦୂର ହୋଇଥାଏ । ଶୀତଦିନରେ ତ୍ୱଚା ପାଇଁ ଏହା ଏକ ଭଲ ପ୍ୟାକ୍ ଭଳି କାମ କରେ ।

♦ଅଧିକ ଥଣ୍ଡା କିମ୍ବା ଗରମ ପାଣିରେ ତ୍ୱଚା ଧୁଅନ୍ତୁ ନାହିଁ । ନଖ ଉଷୁମ ପାଣିରେ ତ୍ୱଚା ଧୋଇବା ପରେ ମଏଶ୍ଚରାଇଜର୍ କିଛି ସମୟ ପାଇଁ ତ୍ୱଚାରେ ଲଗାଇବା ଭଲ ।

♦ପାଚିଲା ଅମୃତଭଣ୍ଡା ଫାଳେକୁ ଭଲରେ ବାଟି ସେଥିରେ କଞ୍ଚାଖିର ମିଶାଇ ତ୍ୱଚାରେ ଲଗାଇ କିଛି ସମୟ ପରେ ଧୋଇନେବେ । ଶୀତରେ ଏହି ପ୍ୟାକ୍ ତ୍ୱଚାକୁ ପୋଷଣ ଯୋଗାଇଥାଏ ।

# କରୋନା ପାଇଁ ବଢୁଛି ଅନ୍-ଲାଇନ୍ ଠକେଇ



ମହାମାରୀ ସମୟରେ ସତର୍କ ରହିଲେ ହିଁ ଜୀବନ ସୁରକ୍ଷିତ ରହିବ । ଘରେ ରହି ଅନ୍‌ଲାଇନ୍ ସପିଙ୍ଗ୍ କରିବାକୁ ବିଶ୍ୱର ପ୍ରମୁଖ ରାଷ୍ଟ୍ରମୁଖ୍ୟମାନେ ପରାମର୍ଶ ଦେଇଚାଲିଛନ୍ତି । ଆମ ଦେଶରେ ଅନ୍-ଲାଇନ୍ କିଣାବିକା ଗତ କିଛି ବର୍ଷ ମଧ୍ୟରେ ବଢ଼ିଥିବାବେଳେ ବିଦେଶୀ ଦେଶର ଲୋକ ଏଇ ପ୍ରଣାଳୀରେ ଜିନିଷ କିଣାରେ ସମ୍ପୂର୍ଣ୍ଣ ଅଭ୍ୟସ୍ତ । ବ୍ରିଟେନ୍, ଆମେରିକା, ଅଷ୍ଟ୍ରେଲିଆ ଆଦି ଦେଶରେ ଉନ୍ନତମାନର ସାମଗ୍ରୀ ଉଭୟ ଦୋକାନ, ଅନ୍-ଲାଇନ୍‌ରେ ମିଳେ । ହେଲେ ଏଇ କରୋନା ସେଠା ବ୍ୟବସାୟୀଙ୍କୁ ଠକାମିର ବାଟ ଶିଖାଇଛି କହିଲେ ଭୁଲହେବନି । ଗତ କିଛି ମାସ ମଧ୍ୟରେ ସେଠାରେ ଅନ୍-ଲାଇନ୍ ସପିଙ୍ଗ୍‌ରେ ଶତାଧିକ ଲୋକ ଠକେଇର ଶିକାର ହେଉଥିବାର ଅଭିଯୋଗ ଆସିଛି । କେହି ବିବାହ ପୋଷାକ ବରାଦ୍ ଦେଇ ତ' ଅନ୍ୟ କେହି ଅତ୍ୟାବଶ୍ୟକ ସାମଗ୍ରୀ କିଣି ଅସନ୍ତୋଷ ଜାହିର୍ କରିଛନ୍ତି । ସପିଙ୍ଗ୍ ମଲ୍, ଷ୍ଟୋର୍ ନ ଯାଇ ଲୋକେ ଘରୁ ଅନ୍-ଲାଇନ୍ ଏବେ କେଉଁ ଭରସାରେ କରିବେ, ଏହାର ପ୍ରଶ୍ନ ସେଠା ପ୍ରଶାସନକୁ ପଚାରିଛନ୍ତି । ଫ୍ଲୋରିଡା ନିବାସୀ ୩୭ ବର୍ଷୀୟା ପିଙ୍କିଙ୍କର ମଧ୍ୟ ସମାନ ଅଭିଯୋଗ । ସେଠା ମେୟର୍ ଏକ ଭିଡିଓ ଜରିଆରେ ସ୍ଥାନୀୟ ଲୋକଙ୍କୁ ସମସ୍ତ ସାମଗ୍ରୀ, ପୋଷାକ ଇତ୍ୟାଦି ଅନ୍-ଲାଇନ୍‌ରେ ବରାଦ କରିବାକୁ ଅନୁରୋଧ କରିଥିଲେ । ଫ୍ଲୋରିଡାର ଉତ୍ତର-ପ୍ରାନ୍ତରେ ଥିବା ଏଇ ଛୋଟ ସହରର ଲୋକସଂଖ୍ୟା ମଧ୍ୟା ମେୟର୍‌ଙ୍କ ଉପଦେଶ ମାନିଲେ । ଅନ୍-ଲାଇନ୍ କମ୍ପାନୀଗୁଡ଼ିକ ଭଲ ରିଆତି ଦେବା ସହ ଯଥା ସମୟରେ ଗ୍ରାହକଙ୍କୁ ହୋମ୍ ଡେଲିଭରୀ ଦେଉଥିଲେ । ଏସବୁ ଭିତରେ ଠକାମି କିନ୍ତୁ ବନ୍ଦ ନଥିଲା । ଛୋଟ ସାମଗ୍ରୀରେ ଠକେଇ ହେଲେ ଲୋକେ ସେସବୁକୁ ଦୃଷ୍ଟି ଦେଉନଥିଲେ । ବଡ଼ଧରଣର ଠକାମିର ଶିକାର ହେବା ପରେ ସ୍ଥାନୀୟ ଲୋକ ସ୍ୱର ଉତ୍ତୋଳନ କରିଛନ୍ତି । ପିଙ୍କି ୧୦ ସପ୍ତାହ ତଳେ ୨୭ହଜାର ଟଙ୍କା ପଇଠ କରି ଅନ୍-ଲାଇନ୍ ସାଇଟ୍‌ରୁ ଏକ ସୁନ୍ଦର ସୋଫା ବରାଦ୍ କଲେ । ଏହାର ମୂଲ୍ୟ ୫୫ ହଜାର ଟଙ୍କା ଥିବାବେଳେ 'ଧନ୍ୟବାଦ ଜ୍ଞାପନ ଦିବସ' ପାଇଁ ସୋଫାର ଦର ୨୭ହଜାର ଟଙ୍କା ଥିଲା । ଯଥା ସମୟରେ ଘରେ ପହଞ୍ଚିଥିଲା ସୋଫା, ଏହାର ପ୍ୟାକିଂ ଦେଖି ସେ ତାଙ୍କ ସ୍ୱାମୀ ଆଶ୍ଚର୍ଯ୍ୟ ହେଲେ । କାରଣ ସୋଫାର ଆକାର ବହୁତ ଛୋଟ ଥିଲା । ଠକାମିର ଶିକାର ହୋଇଥିବା ଜାଣି ସେମାନେ ଗ୍ରାହକ ସେବା ସହ ଯୋଗାଯୋଗ କଲେ, କର୍ମଚାରୀ କିନ୍ତୁ ପାଲଟା ଯୁକ୍ତି କଲେ । ପିଙ୍କି ଓ ତାଙ୍କ ସ୍ୱାମୀ ଏ ବାବଦରେ ଏତଲା ଦେବାକୁ କହିବାରୁ ଗ୍ରାହକ ସେ ବା ଭୁଲ୍ ସ୍ୱୀକାର କରି ଟଙ୍କା ଫେରସ୍ତ କରିବାକୁ ରାଜି ହୋଇଥିଲେ । ଆଗାମୀ ଦିନରେ ଲୋକେ କିଭଳି ଜିନିଷ କିଣିବେ, ସେ ନେଇ ଚିନ୍ତାରେ ପଡ଼ିଗଲେଣି ।



# ବାସ୍ତୁଶାସ୍ତ୍ରର ନିୟମ

ଘରର ସୁଖ ସମୃଦ୍ଧି ତଥା ପରିବାର ସଦସ୍ୟଙ୍କ ଆପୋଷ ବୁଝାମଣା ନିମନ୍ତେ ମୁରବିମାନେ ଅପେକ୍ଷାକୃତ ଅଧିକ ସଚେତନ । ଯେ କୌଣସି ପରିସ୍ଥିତିରେ ମଧ୍ୟ କଳିଝଗଡ଼ା ଅବା ଅଶାନ୍ତି ନ ଉପୁଜୁ, ଏଥି ନିମନ୍ତେ ବର୍ତ୍ତମାନ ପରିସ୍ଥିତିରେ ଲୋକେ ବାସ୍ତୁଶାସ୍ତ୍ରର ନିୟମକୁ ସାଦରେ ଗ୍ରହଣ କରୁଛନ୍ତି ।



ବାସ୍ତୁବିତ୍‌ଙ୍କ ମତରେ ଘର ତିଆରି ସମୟରେ ଦକ୍ଷିଣ ଓ ପଶ୍ଚିମ ପାଖର କାନ୍ଥ ଓ ପାଚେରି ପୂର୍ବ ଓ ଉତ୍ତର ପାଖଠାରୁ ଅଧିକ ମୋଟା ଓ ଉଚ୍ଚ ହେବା ଦରକାର । ଏହା ପରିବାର ସଦସ୍ୟଙ୍କ ନିମନ୍ତେ ସୌଭାଗ୍ୟ ଆଣିଥାଏ ।

ଫ୍ଲାଟ କିମ୍ବା ଘର କିଣୁଥିଲା ବେଳେ ଦୃଷ୍ଟିରେ ରଖିବେ ଯେ ଯେପରି ରାସ୍ତା ତୁଳନାରେ ଆର୍ଥିକ ଅସୁବିଧା ସହ ଘରେ ନିୟମିତ କଳିଝଗଡ଼ା ଉପୁଜିଥାଏ ।

ବିପଦ ଟାଳିବାକୁ ଚାହୁଁଥିଲେ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଚାରାରୋପଣ କରନ୍ତୁ । ବୃକ୍ଷ ଘରେ ସ୍ଥିରତା ଆଣିବା ସହ ଦୁର୍ଭାଗ୍ୟ ଟାଳିଥାଏ ବୋଲି ବାସ୍ତୁବିତଙ୍କ ମତ ।

ଘରର ମୁଖ୍ୟ ଦୁଆରକୁ ସବୁବେଳେ ପରିଷ୍କାର ପରିଚ୍ଛିନ୍ନ ରଖିବା ଜରୁରୀ । ଏହା ନକରାତ୍ମକ ଶକ୍ତି ଦୂର କରିଥାଏ ।

# ନିୟନ୍ତ୍ରିତ ବଜାର କମିଟି ପରିସରରେ ଦୈନିକ ପରିବା ମଣ୍ଡି ଉଦ୍‌ଘାଟନ

କେନ୍ଦ୍ରାପଡ଼ା,୯।୧୨ (ନି.ପ୍ର): କେନ୍ଦ୍ରାପଡା ର ଯମଧର ଠାରେ ଥିବା ନିୟନ୍ତ୍ରିତ ବଜାର କମିଟିର କାର୍ଯ୍ୟାଳୟ ପରିସର ରେ ଦୈନିକ ମଡେଲ ପରିବା ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ପରିବା ଚାଷୀ ମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ୍ ଦରରେ ବିକ୍ରୟ ହେବା ଓ ଖାଉଟୀ ମାନଙ୍କୁ ସୁଲଭ ମୂଲ୍ୟରେ ତଟକା ପରିବା ଯୋଗାଇବା ପାଇଁ ନିଆଯାଇ ଥିବା ନିଷ୍ପତି କ୍ରମେ ଦୈନିକ ଏହି ପରିବା ମଣ୍ଡି ପରିଚାଳନା କରାଯିବ । ପରିବା ଚାଷୀମାନେ ଏହି ବଜାର କମିଟି ମାଧମରେ ସେମାନଙ୍କ ଉତ୍ପାଦିତ ପରିବା ବିକ୍ରୟ କରି ଉଚିତ୍ ମୁଲ୍ୟ ପାଇବା ସହ ପରିବା ବ୍ୟବସାୟୀଙ୍କ ଶୋଷଣରୁ ରକ୍ଷା ପାଇବେ ବୋଲି ଏହି ନୂଆ ବ୍ୟବସ୍ଥା କରାଯାଇଛି । ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ନିୟନ୍ତ୍ରିତ ବଜାର କମିଟିର ସଭାପତି ତଥା ଉପ ଜିଲ୍ଲାପାଳ ଜ୍ୟୋତି ଶଙ୍କର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଉତ୍ପାଦକ ଚାଷି ଓ ଉପଭୋକ୍ତା ଖାଉଟିଙ୍କ ମଧ୍ୟରେ ସିଧାସଳଖ ବ୍ୟବସାୟ କରାଯାଇ ଉଭୟ ଚାଷୀ ଓ ଖାଉଟି ଲାଭାନିତ୍ୱ ହେବେ ବୋଲି ଆଶା ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଅଜୟ କୁମାର ରାଉତ, ଉପ ସଭାପତି ବିଜୟ କୁମାର ପରିଡାଙ୍କ ସମେତ ଦିନବନ୍ଧୁ ସ୍ୱାଇଁ, ତ୍ରିଲୋଚନ ମିଶ୍ର ଓ ଅନ୍ୟ ସଭ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହାସହ କେନ୍ଦ୍ରାଡା ବଣିକ ସଂଘର ୨୦୦ ରୁ ଉର୍ଦ୍ଧ୍ୱ ବ୍ୟବସାୟୀଙ୍କ ସମେତ ୧୦୦୦ ରୁ ଉର୍ଦ୍ଧ୍ୱ ଚାଷୀ ଏଥିରେ ଯୋଗଦେଇ ନିଜ ନିଜର ସାମଗ୍ରି ବିକ୍ରୟ କରିଥିଲେ । ତେବେ ଚାଷି ମାନଙ୍କ ପନିପରିବା ବିକ୍ରୟ ସୁବିଧା ପାଇଁ ଦେକାନ ଗୃହ ଓ ପିଣ୍ଡି ଯୋଗାଇ ଦେବାକୁ ଆଲୋଚନା କରାଯାଇ ଥିଲା । ଏହା ସହ ଚାଷୀ, ବ୍ୟବସାୟୀ ଏବଂ ସାଧାରଣ ଖାଉଟି ମାନଙ୍କ ପାଇଁ ନିୟନ୍ତ୍ରିତ ବଜାର କମିଟି ପରିସର ରେ ଆଲୋକ , ପାନୀୟ ଜଳ, ଯାନବାହନ ରଖିବା ପାଇଁ ସ୍ଥାନ ଯୋଗାଇ ଦିଆଯିବ ବୋଲିସଂପାଦକ ଶ୍ରୀ ରାଉତ ସୂଚନା ଦେଇଥିଲେ । ଏହି ଅବସର ରେ ସମସ୍ତ ଚାଷି ଓ ବ୍ୟବସାୟୀଙ୍କୁ ମାସ୍କ , ସାନିଟାଇଜର ବଣ୍ଟନ କରାଯାଇ ଥିଲା

# ଦୁର୍ଘଟଣାରେ ବାଇକ ଆରୋହୀଙ୍କ ମୃତ୍ୟୁ

ଧର୍ମଶାଳା,୯।୧୨ (ନି.ପ୍ର): ଗତ କାଲି ଅପରାହ୍ନରେ ସାଇକେଲକୁ ଧକ୍କା ଦେଲା ବାଇକ । ଫଳରେ ୨ ଜଣ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିଲେ । ରସୁଲପୁର ବ୍ଲକ ବରୁଆଁ-ବାଲିଚନ୍ଦ୍ରପୁର ମୁଖ୍ୟ ରାସ୍ତା ବାଲିଆଘାଇ ନିକଟରେ ଘଟଣା ଘଟିଥିଲା । ତେବେ ଆଜି ମଧ୍ୟାହ୍ନରେ ସାଇକେଲ ଆରୋହୀ ହରିହର ବଟ(୭୦)ଙ୍କର କଟକ ବଡ ମେଡିକାଲରେ ମୃତ୍ୟୁ ହୋଇଯାଇଛି । ଯାହାଂକୁ ନେଇ ସ୍ଥାନୀୟ ଅଂଚଳରେ ଶୋକରଛାୟା ଖେଳିଯାଇଛି । ମୃତ୍ୟୁ ଖବର ଜଣାପଡିବା ପରେ ହରିହରଙ୍କ ଶବବ୍ୟଛେଦ କରାଯାଇଥିବା ଜଣାପଡିଛି । ଏନେଇ ବ୍ରହ୍ମବରଦା ଫାଣ୍ଡି ପୋଲିସ ଏକ ଅପମୃତ ମାମଲା ରୁଜୁ କରିଛି । ସୂଚନା ଥାଉକି ଗତ କାଲି ଅପରାହ୍ନରେ ବ୍ରହ୍ମବରଦା ପଂଚାୟତ ନିକଟସ୍ଥ ବାଲିଆଘାଇ ନିକଟରେ ବ୍ରହ୍ମବରଦା ଗ୍ରାମର ହରିହର ବଟ(୭୦) ସାଇକେଲ ଯୋଗେ ଘରକୁ ଫେରୁଥିଲେ । ତେବେ ସେହି ସମୟରେ ପଛପଟୁ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା । ଫଳରେ ହରି ଗୁରୁତର ହୋଇଥିବା ବେଳେ ବାଇକରେ ଥିବା ବରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆ ପଂଚାୟତସ୍ଥ ବାଙ୍କସାହି ଗ୍ରାମର ଗୋକୁଳ ମଳିକଙ୍କ ପୁଅ କୁଳମଣୀ(୧୯) ଓ ସନାତନ ମଳିକଙ୍କ ପୁଅ ବନୋଜ(୨୦) ଆହତ ହୋଇଥିଲେ । ତେବେ ସେମାନଙ୍କ ମଧ୍ୟରୁ ବନୋଜର ଅବସ୍ଥା ଗୁରୁତର ଥିବା ଜଣାପଡିଛି । ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଯାଜପୁର ମେଡିକାଲକୁ ପଠାଇଥିଲେ । ସେଠାରେ ବନୋଜଙ୍କ ଅବସ୍ଥା ଅତି ଶୋଚନୀୟ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଗତ କାଲି ବିଳମ୍ବିତ ରାତିରେ ହରିହରଙ୍କ ଅବସ୍ଥା ଶେଚନୀୟ ହେବା ଫଳରେ ତାଙ୍କ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ତେବେ ଆଜି ତାଙ୍କର ପରଲୋକ ହୋଇଯାଇଥିବା ଜଣାପଡିଛି ।

# ସୂଚନା ଅଧିକାର କର୍ମୀଙ୍କ ଦ୍ୱାରା ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ କୁଶପୁତ୍ତଳିକା ଦାହ

ଧର୍ମଶାଳା,୯।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବରିଷ୍ଠ ସୂଚନା ଅଧିକାର କର୍ମୀ ତଥା ଦଳିତ ନେତା ରଞ୍ଜନ କୁମାର ଦାସଙ୍କ ହତ୍ୟାକାଣ୍ଡ ୧୧ ମାସ ବିତିଯାଇଥିଲେ ମଧ ପୋଲିସ ଏପର୍ଯ୍ୟନ୍ତ ହତ୍ୟାକାରୀଙ୍କୁ ଧରିପାରି ନାହିଁ । କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ବ୍ଲକର ଅନେକ ସରକାରୀ ଦୁର୍ନୀତକୁ ରଞ୍ଜନ ଲୋକଲୋଚନକୁ ଆଣିଥିବାରୁ ଏ ହତ୍ୟାକାଣ୍ଡର ପଛରେ ସ୍ଥାନୀୟ ବିଧାୟକଙ୍କ ଷଡଯନ୍ତ୍ର ରହିଥରବା ହେତୁ ପୋଲିସ ଆଜି ପର୍ଯ୍ୟନ୍ତ ହତ୍ୟାକରୀଙ୍କୁ ଧରୁ ନାହିଁ । ଏହି ଘଟଣାଟିକୁ ବିଜେଡିରୁ ବହିସ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହି ଗଣମାଧମ ଆଗରେ ପ୍ରକାଶ କରିବା ପରେ ବିଧାୟକଙ୍କୁ ଗିରଫ କରିବାକୁ ସୂଚନା ଅଧିକାର କର୍ମମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରିଥିଲେ । ଯାଜପୁର ଜିଲ୍ଲା ସୂଚନା ଅଧିକାର ଅଭିଯାନ ତରଫରୁ ଆଜି ଚଣ୍ଡିଖୋଲ ବୁଦ୍ଧମୂର୍ତି ନିକଟରେ ଜିଲ୍ଲା ଆବାହକ ସର୍ବେଶ୍ୱର ବେହୁରାଙ୍କ ନେତୃତ୍ୱରେ ଏକ ବିକ୍ଷୋଭ କରାଯାଇ ବିଧାୟକଙ୍କ କୁଶ ପୁତଳିକା ଦାହ କରାଯାଇଥିଲା । ବୀଧାୟକ ଓ ରାଜ୍ୟ ସରକାରଙ୍କ ବିରୋଧରେ କର୍ମୀମାନେ ବିଭିନ୍ନ ପ୍ରକାର ସ୍ଲୋଗାନମାନ ଦେଇଥିଲେ । ଏହି ବିକ୍ଷୋଭରେ ରାଜ୍ୟ ଆବାହକ ଶ୍ରୀଯୁକ୍ତ ପ୍ରଦୀପ ପ୍ରଧାନ, କଟକ ଜିଲ୍ଲା ଆବାହକ ଜିତେନ୍ଦ୍ର ସାହୁ ଓ ସ୍ମୃତିରଞ୍ଜନ ବାରିକ, ଶୁଶାନ୍ତ ବେହେରା, ଧନେଶ୍ୱର ବାହାଲିଆ, ବଳରାମ ଦାସ, ମନୋଜ ଦାସ, ପ୍ରଶାନ୍ତ ଜେନା, ଦୁସ୍ମନ୍ତ ପଣ୍ଡା ଓ ବାବୁଲି ସେଠୀ ପ୍ରମୁଖ ଯୋଗ ଦେଇଥିଲେ ।

# ଶିଶୁଙ୍କ ପାଇଁ ଆ ଖେଳିବା ଆ ଶିଖିବା ଶିକ୍ଷା ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୮ ଡିସେମ୍ବର (ହି.ସ.)- ରିଖ, ଶିଶୁ ମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ଓ ଅବିଭାବକ ମାନଙ୍କୁ ସଚେତନ କରିବା ନିମନ୍ତେ "ଆ' ଖେଳିବା ଆ' ଶିଖିବା" ନାମକ ଏକ ଶିକ୍ଷା ରଥ ଆନ୍ତର୍ଜାତୀୟ ଅନୁଷ୍ଠାନ ସେଭ୍ ଦି ଚିଲ୍‌ଡ୍ରେନ୍ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ତରଫରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ଅଂଚଳରେ ବୁଲି ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରୟାସ କରାଯାଉଅଛି । ନଭେମ୍ବର ୨୦ ତାରିଖରେ ବିଶ୍ୱ ଶିଶୁ ଦିବସ ଅବସରରେ ଭୁବନେଶ୍ୱରରେ ଓଡ଼ିଶା ରାଜ୍ୟ ଶିଶୁ ଆୟୋଗଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ଡଃ ଅଚ୍ୟୁତ ସାମନ୍ତଙ୍କ ଏହି ରଥର ଶୁଭାରମ୍ଭ କରିଛନ୍ତି । ଓଡ଼ିଶାର ବିଭିନ୍ନ ଜିଲ୍ଲା ଅତିକ୍ରମ କରିବା ପରେ କନ୍ଧମାଳ ଜିଲ୍ଲାରେ ଟିକାବାଲି ଗୋଷ୍ଠୀ ଉନ୍ନୟନ ଅଧିକାରି ଫକିର ଚରଣ ପରିଡ଼ା, ଜିଲ୍ଲା ପରିଷଦ ସଦସ୍ୟ ପ୍ରଦୀପ କୁମାର ଦିଗାଳ, ଗୁଟିଙ୍ଗିଆ ସରପଂଚ ହୃଦୟ କୁମାର ପ୍ରଧାନ, ସ୍ଥାନୀୟ ଅଙ୍ଗନୱାଡି ସୁପରଭାଇଜର, ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା । ଏହି ରଥ ପରିଭ୍ରମଣ ଦ୍ୱାରା ଶିଶୁ ମାନଙ୍କ ଶିକ୍ଷାପ୍ରତି ଆଗ୍ରହ ଉପୁଯିବା ସହିତ ଅବିଭାବକମାନେ ସଚେତନ ହୋଇପାରିବେ ବୋଲି ସ୍ଥାନୀୟ ଶିକ୍ଷାବିତ୍ ମାନେ ମତ ପ୍ରକାଶ କରିବା କରିଛନ୍ତି । ଏହି ରଥରେ ଶିଶୁ ମାନଙ୍କ ନିମନ୍ତେ ବିଭିନ୍ନ ପ୍ରକାରର ଶିକ୍ଷଣୀୟ ସାମଗ୍ରୀ ତଥା ଗୀତ ମାଧ୍ୟମରେ ଶିଶୁ ମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ପ୍ରୟାସ କରାଯାଇଅଛି । ସ୍ୱାତୀ ଓ ସେଭ୍ ଦି ଚିଲ୍‌ଡ୍ରେନ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଶିକ୍ଷା ପ୍ରକଳ୍ପ ଅଂଚଳରେ ରଥଟି ବୁଲି ଜନସଚେତନତା ସୃଷ୍ଟି କରିବ ବୋଲି ସ୍ୱାତୀ ଅନୁଷ୍ଠାନର ସମ୍ପାଦକ ଇଂ ହରିଶଙ୍କର ରାଉତ କହିଛନ୍ତି । ଅନୁଷ୍ଠାନର କର୍ମୀମାନେ ରଥ ପରିଭ୍ରମଣରେ ସହଯୋଗ କରିଥିଲେ ।

# ଆଶ୍ରମ ବିଦ୍ୟାଳୟ ଶିକ୍ଷକମାନଙ୍କ ୭ ଦିନିଆ କର୍ମଶାଳା ଉଦ୍‌ଯାପିତ

ବାରିପଦା,୯।୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଏସଏସଡ଼ି ବିଭାଗର ଆଶ୍ରମ ବିଦ୍ୟାଳୟ ଶିକ୍ଷକମାନଙ୍କ ୭ ଦିବସୀୟ ଶିକ୍ଷା ଅଧିକାର ଆଇନ ଓ ଶିକ୍ଷଣ କାର୍ଯ୍ୟ ଭିତିକ ଶ୍ରେଣୀ କୋଠରୀ ଶିର୍ଷକ କର୍ମଶାଳା ସ୍ଥାନୀୟ ଡ଼ିଆଇଇଟି ପରିସରରେ ଉଦଯାପିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ଜିଲ୍ଲା ସମୂହ ଶିକ୍ଷା ମଣ୍ଡଳାଧୀଶ ଚନ୍ଦ୍ରଭାନୁ ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ବିଦ୍ୟାଳୟସ୍ତରରେ କାର୍ଯ୍ୟକାରୀ କରାଇବା ପାଇଁ ଗୁରୁତ୍ୱାରୋପ ଦେଇଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ଶୀକ୍ଷକ ପ୍ରଶିକ୍ଷକ ବିଦ୍ୟାଧର ଜେନା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କେଶବ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ । ଶିକ୍ଷକ ସୁଜିତ ହୋତା, ରଶ୍ମୀତା ଜେନା, ଇତିଶ୍ରୀ ସାସମଲ, ପ୍ରଦୀପ କୁମାର ପାତ୍ର, ପ୍ରଶିକ୍ଷକ ରତ୍ନା ବେନାର୍ଜୀ, ନାରାୟଣ କିଙ୍କର ଦତ, ହରେନ୍ଦ୍ର ମହାନ୍ତ ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ସେମାନଙ୍କର ୭ ଦିନିଆ କର୍ମଶାଳାର ଅନୁଭୂତି ଓ ସଫଳତାର କାହାଣୀକୁ ନେଇ ସୁଚିନ୍ତିତ ମତ ପ୍ରଦାନ କରିଥିଲେ । ଜିଲ୍ଲା ଶିକ୍ଷା ନିରୀକ୍ଷକ ତଥା କର୍ମଶାଳାର ଆବାହାକ ଓ ଆୟୋଜକ କମଳାକାନ୍ତ ପ୍ରହରାଜ କର୍ମଶାଳା ଆୟୋଜର ଆଭିମୁଖ୍ୟ ଓ ଏହାକୁ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟଗୁଡ଼ିକରେ କିପରି ଭାବେ ପ୍ରଚଳନ କରି ଶିକ୍ଷାର ମାନଦଣ୍ଡରେ ଉନ୍ନତି ଅଣାଯାଇ ପାରିବ ସେ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ । କାର୍ଯ୍ୟାଳୟର କର୍ମଚାରୀ ସତୀଶ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀନାରାୟଣ ଖଣ୍ଡେଲୱାଲ, ଶୁକ୍ରା ସିଂ, ପ୍ରମୋଦ ବେହେରା, ସୁରେନ୍ଦ୍ର ନାଥ ସାମଲ ଓ ସେରାଳ ହାଁସଦାଃ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସୂଚନା ଯୋଗ୍ୟ ଯେ, ଉକ୍ତ କର୍ମଶାଳାରେ ଜିଲ୍ଲାରୁ ମୋଟ ୩୫ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀ ଯୋଗ ଦେଇଥିବା ସମୟରେ ୧୨ ଜଣ ଅଭିଜ୍ଞ ପ୍ରଶିକ୍ଷକ ଚତୁର୍ଥରୁ ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମର ଓଡ଼ିଆ, ଇଂରାଜୀ, ସାଧାରଣ ବିଜ୍ଞାନ, ଗଣିତ ଓ ସାମାଜିକ ବିଜ୍ଞାନ ଆଦି ବିଷୟକୁ ଅଧିକ ସୁଗମ , ସୁବୋଧ ଓ ସରଳ କରାଇ ଛାତ୍ରଛାତ୍ରୀମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବା ସହ ବିଷୟ ବସ୍ତୁ ଉପରେ ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ସୃଷ୍ଟି କରାଇବା ପାଇଁ ବିଭିନ୍ନ ଶିକ୍ଷଣ କାର୍ଯ୍ୟ ଭିତିକ ଶ୍ରେଣୀ କୋଠରୀ ପାଠ୍ୟଦାନ ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା । ସେହିପରି ଲେସନ ପ୍ଲାନ, ଲେସନ ନୋଟ, ଟିଏଲଏମ ନିର୍ମାଣ ଓ ହାର୍ଡ଼ ସ୍ୱଟ୍ ଉପରେ ମଧ ଆଲୋଚନା କରାଯାଇଥିଲା ।

# ପେଟ୍ରୋଲ ପକାଇ ନିଆଁ ଲଗାଇବା ଘଟଣା: ଦୁଇ ଜଣ କୋର୍ଟ ଚାଲାଣ

ଧର୍ମଶାଳା,୯।୧୨ (ନି.ପ୍ର): ବଡଚଣା ଥାନା ଧାନମଣ୍ଡଳ ଫାଣ୍ଡି ଅଧିନସ୍ଥ ଧାନମଣ୍ଡଳ ଗ୍ରାମରେ ବାକି ପଇସା ଦେବାକୁ ନେଇ ଦୋକାନୀ ଜଣକ ଉପରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲା । ଏହି ଘଟଣାରେ ବଡଚଣା ପୋଲିସ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ନାରାୟଣ ଜେନା ଓରଫ ପପୁ ଓ ଫେରାର କରାଇବାରେ ସହଯୋଗ କରିଥିବା ଆଲୋକ ମଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ ନଭେମ୍ବରେ ୮ତାରିଖ ଅପରାହ୍ନ ୩ଟାରେ ଧାନମଣ୍ଡଳର ଜଣେ ଦୋକାନୀ ବାକି ଟଙ୍କା ଦେବାକୁ ନେଇ ସେହି ଗ୍ରାମର ଶୁଶାନ୍ତ ମଲିକଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା । ଶୁଶାନ୍ତଙ୍କ ପରିବାର ଲୋକେ ଶୁଶାନ୍ତଙ୍କୁ ପ୍ରଥମେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ମେଡିକାଲକୁ ନେଇଥରଲେ । ମାତ୍ର ଚିକିତ୍ସାଧିନ ଅବସ୍ଥାରେ ୫ ତାରିଖ ଦିନ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଘଟଣାଦିନୁ ଧାନମଣ୍ଡଳ ଫାଣ୍ଡିରେ ପରିବାର ପକ୍ଷରୁ ଅଭିଯୋଗ ଦିଆଯାଇଥିଲେ ସୁଦ୍ଧା ପୋଲିସ ମୁଖ୍ୟଅଭିଯୁକ୍ତ ପପୁର ବାପାକୁ ଧରିବାକୁ ସକ୍ଷମ ହୋଇଥିଲା । ଆସାମୀକୁଧରିବା ପାଇଁଧାନମଣ୍ଡଳ ଗ୍ରାମବାସୀ ମାନେ ୫ ତାରିଖରେ ବଡଚଣା ଥାନା ଆଗରେ ଶବକୁ ରଖି ଶୀଘ୍ର ମୁଖ୍ୟ ଅଭିଯୁକ୍ତକୁ ଧରିବାକୁ ଦାବି ରଖିଥିଲେ । ଥାନା ଅଧିକାରୀ ପ୍ରିୟବ୍ରତ ରାଉତ ଯଥାଶୀଘ୍ର ଆସାମୀକୁ ଧରିବାକୁ ପ୍ରତିଶୃତି ଦେଇଥିଲେ ଓ ନିଜେ ଏହି ମାମଲାକୁ ହାତକୁ ନେଇଥିଲେ । କେସ ନଂ ୩୬୫ ଧାରା ୩୪୧/ ୩୦୭ ଓ ୩୪ରେ ଭୁବନେଶ୍ୱରରୁ ଆସାମୀ ଦୁଇଜଣଙ୍କୁ ଧରିଥିଲେ ଓ ପରେ ୩୦୨/୩୪ରେ କୋର୍ଟ ଚାଲାଣ କରିଛନ୍ତି ।

# ଚାଲାଣ ବେଳେ ୨୮ କିଗ୍ରା ଗଞ୍ଜେଇ ସମେତ କାର ଜବତ : ଜଣେ ଗିରଫ

କନ୍ଧମାଳ,୯।୧୨ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ପୋଲିସ ଗୋଛାପଡା ଅଂଚଳରୁ ଫୁଲବାଣୀ ପଟ ଦେଇ ବାହାର ଜିଲ୍ଲାକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଗୋଟିଏ କାରଭିତରୁ ୨୮ କିଲୋ ଗଞ୍ଜେଇ ଜବତ କରିଛି । ଏହି କାର ସମେତ ନଗଦ ଟଙ୍କା ଏବଂ ଅନ୍ୟାନ୍ୟ ଜିନିଷକୁ ଜବତ କରି ଏହି ଘଟଣାର ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଫୁଲବାଣୀ ଏସଡିପିଓ ମହେନ୍ଦ୍ର ମୁର୍ମୁ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଆଜି ସକାଳ ପ୍ରାୟ ୮ଟା ବେଳେ ଗୋଛାପଡା ଥାନା ଅଂଚଳରୁ ଫୁଲବାଣୀ ପଟ ଦେଇ ବାହାର ଜିଲ୍ଲକୁ ଗଞ୍ଜେଇ ଚାଲାଣ ହେବାକୁ ଥିବା ନେଇ ଥାନା ଅଧିକାରୀ ତୃପ୍ତିରଞ୍ଜନ ନାୟକ ବିଶ୍ୱସ୍ଥ ସୂତ୍ରରୁ ସୂଚନା ପାଇଥିଲେ । ଏହାପରେ ସେ ପୋଲିସ କର୍ମଚାରୀ ମାନଙ୍କ ସମେତ ବୁନ୍ଦୁଲି ଛକଠାରେ ଥିବା ଡିଡିମା ଘାଟିଠାରେ ଗାଡିମଟର ଜାଂଚ କରିଥିଲେ । ସେହି ପଟରେ ଏକ ମହିନ୍ଦ୍ରା ଭେରିଟୋ (ଓଡି,୦୨-ପି-୭୩୬୫)କାରଟି ଆସିଥିଲା ପୋଲିସ ସେହି ଗାଡିକୁ ତଲାସି ନେବା ବେଳେ ସେଥିରୁ ୨୮ କିଗ୍ରା ଗଞ୍ଜେଇ ମିଳିଥିଲା । ଏହା ସହିତ ଗାଡିର ଡ୍ରାଇଭର ଗୋଛାପଡା ଥାନା ଅଂଚଳର ବାଘଡୁଙ୍ଗୁରି ଅଂଚଳର ଟିକୁ ଦିଗାଲ ଓରଫ ଦୁଃଖିଶ୍ୟାମ ଦିଗାଲକୁ ଗିରଫ କରିଛି । ତାଠାରୁ ନଗଦ ୩.୪୨ ଲକ୍ଷ ଟଙ୍କା ସମେତ ଗୋଟିଏ ଖେଳନା ପିସ୍ତଲ ଓ ଗୋଟିଏ ସାମସଙ୍ଗ ଟାବଲେଟ୍ ମଧ୍ୟ ଜବତ କରିଛି ପୋଲିସ । ଗୋଛାପଡା ଥାନା ରେ ଏକ ମାମଲା ୧୦୩/ ୨୦୨୦ ରୁଜୁ କରି ଅଭଯୁକ୍ତକୁ ଆଜି କୋର୍ଟ ଚାଲାଣ କରିଥିବା ନେଇ ଜଣାପଡିଛି ।

# ମା' ସ୍ୱପ୍ନେଶରୀ ସନ୍ତୋଷୀ ଦେବୀଙ୍କ ପ୍ରତିଷ୍ଠା ଉତ୍ସବ ଅଙ୍କୁରାରୋପଣରୁ ଆରମ୍ଭ, ଆସନ୍ତାକାଲି ଦେବୀଙ୍କ ବିଗ୍ରହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ

ଭଦ୍ରକ,୯।୧୨ (ନି.ପ୍ର): କଥାରେ ଅଛି, ଭକ୍ତି ଥିଲେ ଭଗବାନ ଦେଖା ଦିଅନ୍ତି । ଏହିଭଳି ଏକ ଭକ୍ତିମୟ ପ୍ରସଙ୍ଗରୁ ସ୍ୱପ୍ନରେ ମା' ସନ୍ତୋଷୀଙ୍କ ଆଗମନ ଓ ପୂଜା ପାଇବାର ପୀଠସ୍ଥଳିକୁ ମା' ନିଜେ ଚିହ୍ନାଇଦେବା ଭଳି ଘଟଣାରୁ କିଭଳି ଯେ ଏକ କାରୁକାର୍ଯ୍ୟମୟ ସୁଦୃଶ୍ୟ ଦେବୀ ମନ୍ଦିର ପ୍ରତିଷ୍ଠା ହୋଇପାରେ, ତାହାର ନିଛକ ପ୍ରତିଛବି ଦେଖିବାକୁ ମିଳିଛି ଏହି ଜିଲାର କଲେଇ ପଂଚାୟତ ଚୁନିଦା ସ୍ଥିତ ମା' କ୍ଷେତ୍ରବାସିନୀଙ୍କ ପୀଠରେ । ଏହି ପ୍ରତିଷ୍ଠା ଉତ୍ସବ ଆଜିଠାରୁ ଚାରିଦିନ ବ୍ୟାପୀ ଆରମ୍ଭ ହୋଇଛି । ଶ୍ରୀକ୍ଷେତ୍ର ଧାମ ପୁରୀ ଶ୍ରୀମନ୍ଦିରରୁ ଆଜି ଆଜ୍ଞାମାଳ ଆସିବା ପରେ ଅଙ୍କୁରାରୋପଣ ଉତ୍ସବର ଅୟମାରମ୍ଭ ହୋଇଛି । ପୁରୀ ଶ୍ରୀମନ୍ଦିରର ସେବାୟତ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମାଙ୍କ ପୌରୋହିତ୍ୟରେ ଆରମ୍ଭ ହୋଇଥିବା ଆଜିର ଉତ୍ସବ ପ୍ରାରମ୍ଭରେ ମା' କ୍ଷେତ୍ରବାସିନୀଙ୍କୁ ମାର୍ଜନା କରାଯାଇ ଅଙ୍କୁରାରୋପଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ଏହି ଅଙ୍କୁରାରୋପଣ କାର୍ଯ୍ୟକ୍ରମ ଯୁବ ସମାଜସେବୀ କୃଷ୍ଣଚନ୍ଦ୍ର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସଂପାଦନ ହୋଇଥିବାବେଳେ ପୁରୋଧା ପୀତାମ୍ବର ପରିଡା ଓ ବାସନ୍ତୀଲତା ପରିଡା ସମସ୍ତ ରୀତିନୀତି ଅନୁସାରେ ପୂଜୋତ୍ସବର କାର୍ଯ୍ୟ ତୁଲାଇଥିଲେ । ଘଂଟ, ହୁଳହୁଳି, ଶଙ୍ଖଧ୍ୱନି ମଧରେ ଏହି ଅଙ୍କୁରାରୋପଣ ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ଶ୍ରଦ୍ଧାଳୁ ଭକ୍ତ ଅଂଶଗ୍ରହଣ କରିଥିଲେ । ଆସନ୍ତାକାଲି ସୂର୍ଯ୍ୟପୂଜା, କଳସ ଯାତ୍ରା ପରେ ବିଗ୍ରହ ପ୍ରତିଷ୍ଠା ଓ ପ୍ରବେଶ ଉତ୍ସବ ସଂପନ୍ନ ହେବ । ୧୦ ତାରିଖ ଦିନ ମଣ୍ଡଳ ପୂଜା, ଗୀତାଯଜ୍ଞ, ନାମଯଜ୍ଞ, ଆହୂତି ପ୍ରଦାନ ପରେ ୧୧ ତାରିଖ ଦିନ ପୂର୍ଣ୍ଣାହୂତିରେ ବହୁ ଶ୍ରଦ୍ଧାଳୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଠାରେ ସୂଚନାଯୋଗ୍ୟ ଏହି ମନ୍ଦିର ପ୍ରତିଷ୍ଠା ଘଟଣାର ପ୍ରାସଙ୍ଗିକତାକୁ ବୁଝିବାକୁ ହେଲେ ଆମକୁ ଯିବାକୁ ପଡିବ ଏହି ଅଂଚଳକୁ । ଏବଂ ୨୦୧୫ ମସିହା ଅକ୍ଷିତୃତୀୟା ଠାରୁ ଏଯାବତ୍ ନିର୍ମାଣ ହୋଇ ଶେଷ ପର୍ଯ୍ୟାୟରେ ପହଂଚିଥିବା ମା' ସ୍ୱପ୍ନେଶରୀଙ୍କ ମନ୍ଦିର ପ୍ରତିଷ୍ଠାର ଇତିବୃତି ଜାଣିବାକୁ ହେବ । ହିନ୍ଦୁ ଧର୍ମର ଦେବୀ ମହାତ୍ମ୍ୟ କହେ ସନ୍ତୋଷୀ ମା' ପ୍ରକୃତରେ ବନଦୁର୍ଗାଙ୍କ ଏକ ଅବତାର । ଦିନ ଥିଲା ମା'ଙ୍କ ଅଲୌକିକ ଘଟଣାବଳୀ ଏଭଳି ଚରମ ସୀମାରେ ପହଂଚିଥିଲା ଯେ ଦେବୀଙ୍କୁ ନେଇ ବହୁ ଯାତ୍ରା, ସିନେମା ତାଙ୍କର ଜୟଗାନ କରିଥିଲା । ଏବେବି ଆମ ଭାରତ ବର୍ଷର ମା' ଙ୍କର ବହୁ ମନ୍ଦିରର ପ୍ରତିଷ୍ଠା ହୋଇଥିଲେ ବି ଚୁନିଦା ସ୍ଥିତ କ୍ଷେତ୍ରବାସିନୀ ପୀଠରେ ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ମନ୍ଦିରର କାରୁ କାର୍ଯ୍ୟ ବେଶ୍ ଉଚ୍ଚରେ । ଶତାଧିକ ଶିଳ୍ପୀଙ୍କ ଦ୍ୱାରା ପ୍ରତିଷ୍ଠା ହେବାକୁ ଯାଉଥିବା ଏହି ମନ୍ଦିରର ଉଚ୍ଚତା ୧୧ ଫୁଟ୍ ଓ ପରିସୀମା ୬୦ ଫୁଟ୍‌ର ୪୦ ଫୁଟ୍ ରହିଥିବାବେଳେ ଏହାର ଖୋଦେଇ କାରୁକାର୍ଯ୍ୟ ଲୋକଙ୍କ ମନରେ ବେଶ୍ ଭକ୍ତିଭାବନା ଆଣିବ । ଏହି ମନ୍ଦିର ପ୍ରତିଷ୍ଠାକୁ ନେଇ ଯେଉଁ ରୋଚକ ସତକଥା ରହିଛି, ତାହା ଏହିଭଳି । ଚୁନିଦା ଗ୍ରାମର ବିଶିଷ୍ଟ ସମାଜସେବୀ ୰ ଦୁର୍ଯ୍ୟୋଧନ ବେହେରାଙ୍କର କନ୍ୟା ବାସନ୍ତୀଲତା ସ୍ଥାନୀୟ ଲାଙ୍ଗୁଡି ନିବାସୀ ପିତାମ୍ବର ପରିଡାଙ୍କୁ ବିବାହ କରି କଟକରେ ରୁହନ୍ତି । ପିଲାଦିନରୁ ବାସନ୍ତୀ ମା' ସନ୍ତୋଷୀ ମାତାଙ୍କୁ ଭକ୍ତିଭାବନାର ସହ ପୂଜା କରିଆସୁଥିବାବେଳେ ବିବାହ ପରେ ହଠାତ୍ ସ୍ୱପ୍ନ ଦେଖିଲେ ଯେ ମା' ତାଙ୍କର ଏକ ମନ୍ଦିର ପ୍ରତିଷ୍ଠା ପାଇଁ ଆଦେଶ ଦେଉଛନ୍ତି । ଏହାପରେ ସେ ମନ୍ଦିର ପ୍ରତିଷ୍ଠାର ସ୍ଥାନ ନିରୂପଣ ପାଇଁ ବହୁ ସ୍ଥାନ ଭ୍ରମଣ କରିବା ସମୟରେ ପୁନର୍ବାର ମା' ତାଙ୍କ ପୁତ୍ରଙ୍କୁ ସ୍ୱପ୍ନାଦେଶ ମାଧମରେ ଏକ ନଦୀପାର୍ଶ୍ୱ ଦେବୀପୀଠର ସୂଚନା ଦେଇଥିଲେ । ଯାହା ଚିହ୍ନଟ କରିବା ପାଇଁ ବାସନ୍ତୀ ବହୁ ସ୍ଥାନ ବୁଲିବା ମଧ୍ୟରେ ନିଜ ଗ୍ରାମକୁ ଆସି କପାଳୀ ନଦୀର ତଟରେ ପୂଜା ପାଉଥିବା ମା' କ୍ଷେତ୍ରବାସିନୀଙ୍କ ପୀଠ ସ୍ୱପ୍ନାଦେଶର ସୁନିର୍ବାଚିତ ସ୍ଥାନ ବୋଲି ହୃଦୟଙ୍ଗମ କରିଥିଲେ । ଏହାପରେ ମନ୍ଦିର ନିର୍ମାଣର କାର୍ଯ୍ୟ ଆରମ୍ଭ ହୋଇ ଶେଷପର୍ଯ୍ୟାୟରେ ପହଂଚିଛି । ମା' ସନ୍ତୋଷୀ ତାଙ୍କୁ ସ୍ୱପ୍ନାଦେଶ ଜରିଆରେ ପୂଜା ପାଇବାକୁ ଯାଉଥିବାରୁ ଏହି ଦେବୀ ମନ୍ଦିରର ନାମ ମା' ସ୍ୱପ୍ନେଶରୀ ସନ୍ତୋଷୀ ରହିଛି । ଏହି ମନ୍ଦିରର ସମ୍ମୁଖ ଭାଗରେ ବିରାଟ ସିଂହ ନିର୍ମାଣ ହୋଇଥିବାବେଳେ ଚତୁଃପାର୍ଶ୍ୱରେ ବହୁ ଦେବାଦେବୀଙ୍କ ମୂର୍ତି ସ୍ଥାନ ପାଇଛି । ଏହାର ଗମ୍ଭୁଜ, ଗର୍ଭଗୃହର ସୂକ୍ଷ୍ମ କାରୁକାର୍ଯ୍ୟ ବେଶ୍ ଚିତାକର୍ଷକ । ଏହି ପୀଠରେ ମା' କ୍ଷେତ୍ରବାସିନୀଙ୍କ ବହୁ ପର୍ବ ପାଳିତ ହୋଇଆସୁଥିବାବେଳେ ମକର ପର୍ବର ସ୍ୱତନ୍ତ୍ରତା ରହିଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ବହୁ ବିଜ୍ଞ ପଣ୍ଡିତ, ବ୍ରାହ୍ମଣ ଓ ବେଦ ବିଜ୍ଞାନୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ମନ୍ଦିର ପ୍ରତିଷ୍ଠାକୁ ନେଇ ସ୍ଥାନୀୟ ଅଂଚଳବାସୀ ବେଶ୍ ଉତ୍ସାହିତ ହୋଇପଡିଥିବାବେଳେ ଏହା କେବଳ ଏହି ଜିଲା ନୁହେଁ ସମଗ୍ର ଓଡ଼ିଶାରେ ଏକ ଶ୍ରେଷ୍ଠ ଦେବୀପୀଠର ମାନ୍ୟତା ପାଇବାକୁ ଯାଉଥିବାରୁ କୋଭିଡ୍ କଟକଣା ମଧ୍ୟରେ ସମସ୍ତେ ଅଂଶଗ୍ରହଣ କରି ଦେବୀକୃପା ଲାଭ କରିବାକୁ ବାସନ୍ତୀଲତାଙ୍କ ଭାଇ ତଥା ଯୁବ ସମାଜସେବୀ କୃଷ୍ଣଚନ୍ଦ୍ର ବେହେରା ଓ ପୁତ୍ର ଶୁଭଜିତ୍ ପରିଡା ଗଣମାଧମ ଜରିଆରେ ନିବେଦନ କରିଛନ୍ତି ।

# ଜଗତପୁରରେ ଉଚ୍ଛେଦକୁ ବିରୋଧ ଓ ଉତ୍ତେଜନା

କଟକ,୯।୧୨ (ନି.ପ୍ର): ଜଗତପୁରରେ ଆଜି ଉଚ୍ଛେଦ କାର୍ଯ୍ୟ ଆରମ୍ଭ ବେଳେ ସେଠାରେ ଉତେଜନା ଦେଖାଦେଇଥିଲା । ଲୋକେ ଏହାକୁ ବିରୋଧ କରିଥିଲେ । ପ୍ରଥମେ ଆମକୁ ଥଇଥାନ କର, ପରେ ଉଚ୍ଛେଦ କର ବୋଲି ଦାବି ଉପସ୍ଥାପନ କରିଥିଲେ ସ୍ଥାନୀୟ ଲୋକେ । ପରେ ପୂର୍ବତନ ବିଧାୟକ ଓ ପ୍ରଶାସନିକ ଅଧିକାରୀ ସେଠାରେ ପହଂଚି ଉତ୍ୟେକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଭେଣ୍ଡିଂ ଜୋନ୍ ରେ ଦୋକାନ କରିବାକୁ ଦିଆଯିବ ବୋଲି ପ୍ରତିଶୃତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା । ଏହା ପରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ, କଟକ ଏସସିବି ସମ୍ପ୍ରସାରଣ ଯୋଜନାରେ ଜଗତପୁର ଠାରୁ ନିମପୁର ଦେଇ ମହାନଦୀ ବ୍ୟାରେଜ୍ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ । ଫଳରେ ଏହି ରୁଟ୍ ରେ ଅନେକ ସମୟରେ ଦେଖାଦେଉଥିବା ଟ୍ରାଫିକ୍ ସମସ୍ୟାର ସମାଧାନ କରାଯାଇପାରିବ । ଏବଂ ସଠିକ୍ ସମୟରେ ରୋଗୀ ବଡ଼ ମେଡିକାଲରେ ପହଂଚି ପାରିବେ ।

# ପ୍ରବାସୀଙ୍କ ସଂଖ୍ୟାକୁ ନେଇ ସରକାରୀ ତଥ୍ୟ ଏବେବି ଅସ୍ପଷ୍ଟ: କର୍ମକ୍ଷେତ୍ରକୁ ବାହୁଡିଲେଣି ଅଧିକାଂଶ ପ୍ରବାସୀ, ଶ୍ରମ କାର୍ଯ୍ୟାଳୟରେ ନାହିଁ ତଥ୍ୟ

ଭଦ୍ରକ,୯।୧୨ (ନି.ପ୍ର):କରୋନା ମାହାମାରୀ ପାଇଁ ସରକାର ଜାରୀ କରିଥିବା ଲକ୍‌ଡାଉନ କଟକଣା କିଛିଟା କୋହଳ ହେବା ପରେ ପ୍ରବାସୀଙ୍କ ଘର ବାହୁଡ଼ା ଆରମ୍ଭ ହୋଇଗଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଘରକୁ ଫେରୁଥିବା ପ୍ରବାସୀଙ୍କ ପାଇଁ ପ୍ରଶଷାସନ ପକ୍ଷରୁ ଯାବତୀୟ ବ୍ୟବସ୍ଥା ଗ୍ରହଣ କରାଗଲା । ପ୍ରଥମେ ଜିଲ୍ଲାର ୨୧୮ଟି ପ ।ୟତରେ ଟେମ୍ପରାରି ମେଡିକାଲ କ୍ୟାମ୍ପ(ଟିଏମସି) ପ୍ରତିଷ୍ଠା ହେଲା । ପରେ ପ୍ରବାସୀଙ୍କ ଫେରିବା ଆରମ୍ଭ ହେବା ପରେ ସେମାନଙ୍କୁ ରେଲୱେ ଷ୍ଟେସନରେ ରେଡ କାର୍ପେଟ ସମ୍ବର୍ଦ୍ଧନା ଜ୍ଞାପନ କରାଗଲା । ସେମାନଙ୍କୁ ଗାଡ଼ି ଭଡା ପ୍ରଦାନ ସହ ୧୦ ଦିନ ଟିଏମସିରେ ସଂଗରୋଧରେ ରହିବାର ବ୍ୟବସ୍ଥା କରାଗଲା । ଏସମସ୍ତ ପ୍ରବାସୀ ଆଉ ଯେପରି ଭବିଷ୍ୟତରେ ପୁଣି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ନ ଯିବେ, ସେଥି ପାଇଁ ମଧ ସରକାରୀ ସ୍ତରରେ ବ୍ଲୁ ପ୍ରିଂଟ ପ୍ରସ୍ତୁତ ହେଲା । କିନ୍ତୁ ଇତିମଧରେ ବିଭିନ୍ନ ରାଜ୍ୟରୁ ନିଜ ନିଜ ଘରକୁ ଫେରିଥିବା ପ୍ରବାସୀଙ୍କୁ ଆଉ ଦେଖିବାକୁ ମିଳୁ ନାହିଁ । ଘରବାହୁଡ଼ା କରିଥିବା ପ୍ରବାସୀଙ୍କ ମଧ୍ୟରୁ ଏବେ ୮୦ପ୍ରତିଶତଙ୍କ ପତା ନାହିଁ । କାରଣ ଏଠାରେ ସେପରି କୌଣସି ଆୟର ପନ୍ଥା ନଥିବା ଦେଖି ସେମାନେ ପୁଣି ନିଜ ନିଜ ପୂର୍ବ କର୍ମକ୍ଷେତ୍ରକୁ ଫେରିଗଲେଣି । କିନ୍ତୁ ଏସମ୍ପର୍କରେ କୌଣସି ତଥ୍ୟ ସରକାର ବା ପ୍ରଶାସନ ନିକଟରେ ନାହିଁ । ଏପରିକି ବାସ୍ତବରେ କେତେ ପ୍ରବାସୀ ବାହାର ରାଜ୍ୟରୁ ଆମ ଜିଲ୍ଲାକୁ ଫେରିଥିଲେ, ସେସମ୍ପର୍କରେ ମଧ ନିର୍ଦ୍ଦିଷ୍ଟ ତଥ୍ୟ ପ୍ରଶାସନ ନିକଟରେ ନାହିଁ । ଘରବାହୁଡ଼ା ସମୟରେ ପ୍ରତ୍ୟେକ ଦିନ ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରଙ୍କ ନିକଟରେ ପ୍ରବାସୀଙ୍କ ତଥ୍ୟ ଉପସ୍ଥାପନ କରାଯାଉଥିଲା । ସେହି ଅନୁଯାୟୀ ଭଦ୍ରକ ଜିଲ୍ଲାରୁ ମୋଟ ୩୬ ହଜାର ୯୩୪ଜଣ ପ୍ରବାସୀ ଫେରିଥିବା ତଥ୍ୟ ସରକାରଙ୍କୁ ପ୍ରଦାନ କରାଯାଇଥିଲା । କିନ୍ତୁ ଚୂଡ଼ାନ୍ତ ସଂଖ୍ୟା ୪୫ହଜାର ୨୫ରେ ପହଂଚିଥିଲା । ତେଣୁ ପୂର୍ବ ଓ ପରବର୍ତୀ ତଥ୍ୟରେ କାହିଁକି ଅମେଳ ରହିଲା, ସେମସମ୍ପର୍କରେ ସ୍ପଷ୍ଟ କରିବାକୁ ପ୍ରଶାସନକୁ ପଂଚାୟତରାଜ ବିଭାଗ କହିଥିଲା । ଅପରପକ୍ଷେ ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ପ୍ରବାସୀଙ୍କ ସମ୍ପର୍କରେ ଥିବା ତଥ୍ୟ । କାରଣ ଏହି କାର୍ଯ୍ୟାଳୟର ତଥ୍ୟ ଅନୁଯାୟୀ ମୋଟ ୨୭ହଜାର ୩୯୧ଜଣ ପ୍ରବାସୀ ଜିଲ୍ଲାକୁ ଫେରିଛନ୍ତି । ସେମାନଙ୍କ ମଧ୍ୟରେ ୩୪୨ଜଣ ଛାତ୍ର, ୨୪୦ଜଣ ଗୃହିଣୀ, ୧୪ବର୍ଷରୁ କମ୍ ୮୦୫ଜଣ ଓ ୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂଖ୍ୟା ୫ଶହ ବୋଲି ଉଲ୍ଲେଖ ରହିଛି । ଏମାନଙ୍କ ବ୍ୟତୀତ କୁଶଳୀ ଶ୍ରେଣୀର ୪ହଜାର ୩୬୬ଜଣ ଥିବାବେଳେ, ୨୨ହଜାର ୪୪୩ଜଣ ଅଣକୁଶଳୀ ପ୍ରବାସୀ ଜିଲ୍ଲାକୁ ଫେରିଛନ୍ତି ବୋଲି ଶ୍ରମ ବିଭାଗ ସୂଚନାରୁ ପ୍ରକାଶ । ତେଣୁ ଜିଲ୍ଲାକୁ ଫେରିଥିବା ପ୍ରବାସୀଙ୍କ ବାସ୍ତବ ସଂଖ୍ୟା ଉପରେ ଏବେ ମଧ ସାଧାରଣରେ ସନ୍ଦେହ ଲାଗି ରହିଛି । ତେବେ ପ୍ରବାସୀଙ୍କ ଫେରିବା ସମୟରେ ସେମାନଙ୍କ ଥଇଥାନ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା । ମନରେଗା ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ ଉପାୟରେ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ଯୋଜନା ହୋଇଥିଲା । ତଥାପି ଯଦି କୌଣସି ବ୍ୟକ୍ତି ବାହାର ରାଜ୍ୟକୁ ଯାଆନ୍ତି ତେବେ ସେମାନଙ୍କ ତଥ୍ୟ ପଂଚାୟତସ୍ତରରେ ରଖାଯିବ ଓ ଏହାକୁ ଭିତି କରି ଏକ ଡାଟାବେସ ପ୍ରସ୍ତୁତ କରିବାର ଯୋଜନା ମଧ ଥିଲା । କିନ୍ତୁ ଇତିମଧରେ ଅଧିକାଂଶ ପ୍ରବାସୀ ନିଜ କର୍ମକ୍ଷେତ୍ରକୁ ଫେରି ସାରିଥିବାବେଳେ, ସେମାନଙ୍କ ତଥ୍ୟ କାହା ପାଖରେ ନାହିଁ । ଏପରିକି ଜିଲ୍ଲା ଶ୍ରମାଧିକାରୀ କୁବେର ଚନ୍ଦ୍ର ବେହେରା ମଧ ସ୍ପଷ୍ଟ ଭାବେ କହିଛନ୍ତିଯେ କେତେ ପ୍ରବାସୀ ଅନ୍ୟ ରାଜ୍ୟକୁ ଗଲେଣି ସେମ୍ପର୍କୀତ ତଥ୍ୟ ଆମ ନିକଟରେ ନାହିଁ । ତେଣୁ ସ୍ୱାଭାବିକ୍ ଭାବରେ ଦାଦନ ତଥା ପ୍ରବାସୀଙ୍କୁ ନେଇ ଜିଲ୍ଲା ପ୍ରଶାସନ କେତେ ସଚେତନ ଏଥିରୁ ଅନୁମେୟ ।

# ନାଟ୍ୟକାର ଆନନ୍ଦ ଶଙ୍କର ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ

ବାରିପଦା,୯।୧୨ (ନି.ପ୍ର): ଭଞ୍ଜ ମାଟିର ଗର୍ବ ଓ ଗୌରବ ପ୍ରଖ୍ୟାତ ନାଟ୍ୟକାର ଆନନ୍ଦ ଶଙ୍କର ଦାସଙ୍କ ୧୩ତମ ଶ୍ରାଦ୍ଧ ବାର୍ଷିକୀ ମୟୂରଭଞ୍ଜ ସାହିତ୍ୟ ସଂସ୍କୃତି ବିକାଶ ମଂଚ ଅନୁକୂଲ୍ୟରେ ପାଳିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରାରମ୍ଭରେ ମଂଚର ସଭାପତି ଡ଼ଃ ସରୋଜ କୁମାର ନାୟକ, ଉପଦେଷ୍ଟା ଅମିତାଭ ମିଶ୍ର, ସଦସ୍ୟ ଡ଼ଃ ଶଶୀଧର ବିଶ୍ୱାଳ, ଅମୂଲ୍ୟ କୁମ୍ଭକାର, ହିମାଂଶୁ କୁମାର ବେହେରା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ନାଟ୍ୟକାର ଆନନ୍ଦ ଶଙ୍କର ଦାସଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ ପୂର୍ବକ ଭକ୍ତିପୁତ ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ ତାଙ୍କର ଜୀବନାଦର୍ଶ, ରଚିତ ବିଭିନ୍ନ ନାଟକ ଓ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ । ଏଥି ସହିତ ସ୍ୱର୍ଗତ ଦାସଙ୍କ ସୃଷ୍ଟି ସମୂହ ଆଜିର ଓଡ଼ିଆ ନାଟ୍ୟ ଜଗତ ନିମନ୍ତେ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା ।

## ଲେଉଟା...

(ପୃଷ୍ଠା ୪ର ଅବଶିଷ୍ଟାଂଶ...)

ଭାରତ ଇତିହାସରେ ଏହାଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏହା ଏକ ହିନ୍ଦୁ ମୁସଲମାନ ଯୁଦ୍ଧ ନଥିଲା । କାରଣ ଅନେକ ମରାଠା ସେନାପତି ଆଫଜଲ ସାଙ୍ଗରେ ଥିଲେ । ସେହିଭଳି ଇବ୍ରାହିମ ଭଳି ଅନେକ ମୁସଲମାନ ଶିବାଜୀ ଙ୍କ ସାଙ୍ଗରେ ସେନାପତି ଥିଲେ ।ଏହା ସ୍ୱଦେଶୀର ବିଦେଶୀ ଉପରେ ବିଜୟ ଥିଲା । ଦୀର୍ଘଦିନର କ୍ରମାଗତ ପରାଜୟ ପରେ ଏହା ଥିଲା ଲେଉଟା ଢେଉ । ୧୯୫୭ ମସିହାରେ ପ୍ରଧାନମନ୍ତ୍ରୀ ନେହେରୁ ଦୁର୍ଗ ଶିଖରରେ ଶିବାଜୀ ଙ୍କର ଏକ ପ୍ରତିମୂର୍ତ୍ତିର ଉଦ୍‌ଘାଟନ କରିଥିଲେ ଓ ତାହା ସାରା ଭାରତ ପାଇଁ ଏକ ତୀର୍ଥ ସ୍ଥାନରେ ପରିଣତ ହୋଇଛି । ଏହି ଘଟଣା କୁ ନେଇ ଆଫଜଲ ବଧ, ଶିବା ଭାରତ ଓ ଅନ୍ୟାନ ବହୁ ନାଟକ, ଉପନ୍ୟାସ ରଚିତ ହୋଇଛି । ଏହି କଥାକୁ ନେଇ ରାଜନୈତିକ ଛକାପଂଝା ମଧ୍ୟ ଲାଗି ରହିଛି । ମୁସଲମାନ ମାନେ ଏଠାରେ ଆଫଜଲ ଖାଁର ମୃତ୍ୟୁ ଦିନ ଉର୍ସ ଉତ୍ସବ ପାଳନ କରି ଆସୁଥିଲେ । ୧୯୯୦ ମସିହାରୁ ସେହିଦିନ ଦକ୍ଷିଣ ପନ୍ଥୀ ହିନ୍ଦୁ ମାନେ ସେଠାରେ ମହା ସମାରୋହରେ ପ୍ରତାପଗଡ ମହୋତ୍ସବ ପାଳନ କରିବା ଆରମ୍ଭ କଲେ । ଉଭୟ ସଂପ୍ରଦାୟର ବିବାଦ ଯୋଗୁ କଂଗ୍ରେସ-ଏନସିପି ସରକାର ଏହି ଉତ୍ସବକୁ ନିଷେଧ କଲେ । ଏପରିକି ୨୦୧୪ ମସିହାରୁ ଶିବାଜୀ ଆଫଜଲ ଖାଁ କୁ ମାରୁଥିବାର ଛବି ପ୍ରକାଶନ କୁ ମଧ୍ୟ ମହାରାଷ୍ଟ୍ର ସରକାର ନିଷେଧ କରିଛନ୍ତି ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍,
ଉମରକୋଟ, ମୋ:୯୪୩୭୨୩୫୩୮୬

## ରାଜ୍ୟ ସଙ୍ଗୀତର ରଚୟିତାଙ୍କ ଜୟନ୍ତୀ ପାଳିତ

ଭୁବନେଶ୍ୱର,୦୯।୧୨ (ନି.ପ୍ର): ବନ୍ଦେ ଉତ୍କଳ ଜନନୀ ସଙ୍ଗୀତର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ଅବସରରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଉତ୍କଳ ସମ୍ମିଳନୀ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିଳ୍ପାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରି କହିଥିଲେ ଯେ, ଗତ ବର୍ଷ ପର୍ଯ୍ୟନ୍ତ ଆମ୍ଭେମାନେ ବନ୍ଦେ ଉତ୍କଳ ଜନନୀ ସଂଗୀତ ରଚନା କରିଥିବା କାନ୍ତକବିଙ୍କର ଜନ୍ମ ଦିବସ ପାଳନ କରୁଥିଲେ ମାତ୍ର ଆଜି ପ୍ରଥମ ଥର ପାଇଁ ରାଜ୍ୟ ସଂଗୀତର ରଚୟିତାଙ୍କ ଜୟନ୍ତୀ ପାଳନ କରୁଛେ । ଏଥି ପାଇଁ ରାଜ୍ୟ ସରକାର ଧନ୍ୟବାଦର ପାତ୍ର । ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ପ୍ରଭୁକଲ୍ୟାଣ ମହାପାତ୍ର, ସମ୍ମିଳନୀର ଉପଦେଷ୍ଟା ନିରଞ୍ଜନ କୁମାର ଦାଶ ଓ ନିମାଇଁ ଚରଣ ଦାସଙ୍କ ସହିତ ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ, ବାସନ୍ତି ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ଗୋପୀ ମୋହନ ପଟ୍ଟନାୟକ ଓ ଅକ୍ଷୟ କୁମାର ଜେଠୀ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଚାଷୀ ଆନ୍ଦୋଳନ ....

ଓଡିଶା କ୍ୟାବିନେଟ୍ ର ନିଷ୍ପତି ଅନୁଯାୟୀ ଓଡିଶା ଡିପ୍ଲୋମା ଯାନ୍ତ୍ରିକ ସେବା (ଚୟନ ପ୍ରକ୍ରିୟା ଓ ସେବା ସର୍ତାବଳୀ) ୨୦୧୨କୁ ସଂଶୋଧନ କରାଯାଇଛି। ଏହା ଦ୍ୱାରା କନିଷ୍ଠ ଯନ୍ତ୍ରୀ ମାନଙ୍କର ପଦୋନ୍ନତି ପାଇଁ ରେସିଡେନ୍ସି ପିରିୟଡ୍ କୁ ୪ ବର୍ଷରୁ ୧ ବର୍ଷକୁ ହ୍ରାସ କରାଯାଇଛି। ଏହାସହ ସହକାରୀ ଯନ୍ତ୍ରୀ ପଦ ସଂଖ୍ୟା ୬୦%କୁ ବୃଦ୍ଧି କରିବା, ସହକାରୀ ନିର୍ବାହୀ ଯନ୍ତ୍ରୀ ପଦୋନ୍ନତିକୁ ୩୩ର ୪୦%କୁ ବୃଦ୍ଧି କରିବାକ ନିଷ୍ପତି ହୋଇଛି। ଓଡିଶା ଯାନ୍ତ୍ରିକ ସେବା ସଂବର୍ଗର ପୁନର୍ବିନ୍ୟାସ ପାଇଁ କ୍ୟାବିନେଟ୍ ଅନୁମୋନ କରିଛି। ଉପନିର୍ବାହୀ ଯନ୍ତ୍ରୀ ପଦବୀ ଉଚ୍ଛେଦ କରି ଅଧୀକ୍ଷଣ ଯନ୍ତ୍ରୀ ସ୍ତର ୧ ଓ ସ୍ତର ୨ ପଦକୁ ମିଶାଇ ଅଧୀକ୍ଷଣ ଯନ୍ତ୍ରୀ ଓ ନୂତନ ଭାବେ ମୁଖ୍ୟ ଯନ୍ତ୍ରୀ ପଦବି ସୃଷ୍ଟି କରାଯିବ। କନିଷ୍ଠ ଯନ୍ତ୍ରୀଙ୍କ ପଦୋନ୍ନତି ପାଇଁପଦବି ସଂଖ୍ୟା ୩୩ ରୁ ୪୦ ପ୍ରତିଶତକୁ ବୃଦ୍ଧି କରାଯିବ। ମେଧାବୀ ଯନ୍ତ୍ରୀମାନଙ୍କୁ ସିଧାସଳଖ ନିଯୁକ୍ତ କରିବାକୁ ଗେଟ୍ (ଜିଏଟିଇ) ମୂଲ୍ୟାଙ୍କନ ରାଶିର ପ୍ରଚଳନ କରାଯିବ।

## କେନ୍ଦ୍ର କ୍ୟାବିନେଟ୍‌ର ....

ଏହା ନିଷ୍ପତି ଡ଼ିଜିଟାଲ ସ୍ୱାକ୍ଷରତାକୁ ପ୍ରୋତ୍ସାହନ ଦେବାରେ ସହାୟକ ହେବ ଓ ଟେଲିକମ ସେବାରେ ଉନ୍ନତି ଆଣିବ। ଏହାସମେତ ଶିକ୍ଷା, ଟେଲି ମେଡିସିନ୍, ଇ-ବାଣିଜ୍ୟ ଏବଂ ଇ-ଶାସନ ସମେତ ଅନେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

ସେହିପରି କୋଚି ଏବଂ ଲକ୍ଷାଦ୍ୱୀପ ଦ୍ୱୀପପୁଞ୍ଜ ମଧ୍ୟରେ ଭୂତଳ ଅପ୍ଟିକାଲ୍ ଫାଇବର ସଂଯୋଗ ପ୍ରଦାନ ଓ ଅରୁଣାଚଳ ପ୍ରଦେଶ ଏବଂ ଆସାମର କିଛି ଭାଗରେ ମୋବାଇଲ୍ କଭରେଜ୍ ନିମନ୍ତେ ୟୁନିଭର୍ସାଲ୍ ସର୍ଭିସ୍ ବାଧ୍ୟତାମୂଳକ ପାଣ୍ଠି ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ଦେବା ଫଳରେ ଏହି ଅଂଚଳ ଗୁଡିକର ବିକାଶରେ ପରିବର୍ତନ ଆସିପାରିବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟରେ ଆତ୍ମନିର୍ଭର ଭାରତ ରୋଜଗାର ଯୋଜନାରେ ୨୨ ହଜାର ୮୧୦ କୋଟି ଟଙ୍କା ବ୍ୟୟରେ ସମଗ୍ର ଯୋଜନାର ଅବଧି ୨୦୨୦ ରୁ ୨୦୨୩ ଯାଏଁ ବୃଦ୍ଧି କରାଯାଇଛି । ଏହି ନିଷ୍ପତି ଦ୍ୱାରା ଆନୁଷ୍ଠାନିକ କ୍ଷେତ୍ରରେ ନିଯୁକ୍ତି ତଥା କୋଭିଡ ପୁନରୁଦ୍ଧାର ପର୍ଯ୍ୟାୟରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ଘନ କୁହୁଡ଼ିରେ ....

ସେହିପରି ଟ୍ରେନର ପଛ ଡବାରେ ଏହି ଭଳି ସଂକେତ ଚିହ୍ନକୁ ମଧ ଉପଯୋଗ କରାଯାଇଅଛି। ସମ୍ବେଦନଶୀଳ ଅଂଚଳମାନଙ୍କରେ ରେଳ କର୍ମଚାରୀମାନଙ୍କୁ ପାଟ୍ରୋଲିଙ୍ଗ କରିବା ପାଇଁ କୁହାଯାଇଛି। ଏହା ବ୍ୟତୀତ ଅକସ୍ମାତ ତନଖି ସହ ଟ୍ରେନ ଇଂଜିନ ମାନଙ୍କରେ ଅତର୍କିତ ରାତି ଅଧିଆ ଓ ଭୋର ସମୟ ମାନଙ୍କରେ ନିରୀକ୍ଷଣ କରାଯାଉଛି । କୁହୁଡି ସମୟରେ ସାବଧାନତା ଅବଲମ୍ବନ କରାଯିବାକୁ ପ୍ରତି ଟ୍ରେନ ଚାଳକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଯେତେବେଳେ ଟ୍ରେନ ଚାଳକ ନିଜେ ଅନୁଭବ କରିବେ ଯେ ଘନ କୁହୁଡି ଯୋଗୁଁ ଦୃଶ୍ୟମାନ ହେବାକୁ ପ୍ରତିବନ୍ଧକ ଅଛି, ସେତେବେଳେ ସେମାନେ କୌଣସି ଶଙ୍କା ନକରି ଟ୍ରେନ ର ବେଗକୁ କମାଇ ପାରିବେ ବା ଚଳାଚଳକୁ ବନ୍ଦ କରିପାରିବେ। ଟ୍ରେନ ର ଗତି ଯେପରି ୬୦ କି.ମି. ପ୍ରତି ଘଂଟା ଅତିକ୍ରମ ନକରେ ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି । ଘନ କୁହୁଡି ଯୋଗୁଁ ଦୃଶ୍ୟମାନ ହେଉନଥିବା ଅଂଚଳମାନଙ୍କରେ କ୍ରମାଗତ ଭାବେ ହୁଇସିଲ ମାରିବାକୁ କୁହାଯାଇଛି, ଯେପରିକି ପାଖରେ ଥିବା ଗେଟମ୍ୟାନ ଓ ରାସ୍ତା ବ୍ୟବହାରକାରୀମାନେ ଟ୍ରେନ ଆସୁଥିବାର ସଙ୍କେତ ଶୁଣିପାରିବେ।

## ପାର୍ଥିବ ପଟେଲଙ୍କ ....

ରଣଜୀ ଟ୍ରଫି କ୍ରିକେଟରେ ଖେଳିନଥିବା ପାର୍ଥିବକୁ ୨୦୦୨ ରେ ଇଂଲଣ୍ଡ ଗସ୍ତରେ ପଠାଯାଇଥିଲା । ଜଣେ ୧୭ ବର୍ଷର ବାଳକ ଭାରତ ପାଇଁ ଖେଳିପାରେ ବୋଲି ବିସିସିଆଇ ତାଙ୍କ ଉପରେ ଭରସା ଦେଖାଇଥିଲା। ଏଥିପାଇଁ ସେ ବୋର୍ଡକୁ ଧନ୍ୟବାଦ ଜଣାଇଛନ୍ତି। ପାର୍ଥିବ ତାଙ୍କ ଦିନିକିଆ କ୍ୟାରିୟରରେ ହାରାହାରି ୨୩.୭୪ରେ ୭୩୬ ରନ୍ କରିଛନ୍ତି ଯାହା ମଧ୍ୟରେ ୪ଟି ଅର୍ଦ୍ଧଶତକ ସାମିଲ ଅଛି। ସେ ୩୦ ଟି କ୍ୟାଚ୍ ଏବଂ ୯ ଟି ଷ୍ଟମ୍ପ୍ ମଧ କରିଥିଲେ । ଆଇପିଏଲ -୨୦୨୦ ରେ ସେ ରୟାଲ ଚ୍ୟାଲେଂଜର୍ସ ବାଙ୍ଗାଲୋର ତରଫରୁ ଗୋଟିଏବି ମ୍ୟାଚ୍ ଖେଳିବାର ସୁଯୋଗ ପାଇନଥିଲେ। ୧୩୯ ଆଇପିଏଲ୍ ମ୍ୟାଚ୍ ରୁ ସେ ହାରାହାରି ୨୨.୬୦ ରେ ୨୮୪୮ ରନ୍ ସ୍କୋର କରିଥିଲେ। ୧୩ ଅର୍ଦ୍ଧଶତକ ହାସଲ କରିଥିଲେ।ଏଥିସହ ୮୫ ୱିକେଟ୍ ନେଇଥିଲେ। ସେ ମୁମ୍ବାଇ ଇଣ୍ଡିଆନ୍ସ , ଚେନ୍ନାଇ ସୁପର କିଙ୍ଗ୍ସ , ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ପାଇଁ ଆଇପିଏଲରେ ଖେଳିଥିଲେ। ପାର୍ଥିବଙ୍କ ଅଧିନାୟକତ୍ୱରେ ଗୁଜୁରାଟ ୨୦୧୬-୧୭ ରେ ରଣଜୀ ଟାଇଟଲ ଜିତିଥିଲା। ପାର୍ଥିବ କହିଛନ୍ତି, 'ମୁଁ ସମ୍ମାନ, କ୍ରୀଡ଼ାବିତ୍ ଏବଂ ପାରସ୍ପରିକ ସମନ୍ୱୟ ସହିତ ଖେଳିଥିବାରୁ ସନ୍ତୁଷ୍ଟ। ମୁଁ ଯେତିକି ସ୍ୱପ୍ନ ଦେଖିଥିଲି ତାଠାରୁ ଅଧିକ ସ୍ୱପ୍ନ ପୂରଣ ହେଲା । ମୋର ଆଶା ଅଛି ସମସ୍ତେ ମତେ ମନେ ରଖିବେ।

## ସ୍କୁଟି ଚାଳକଙ୍କୁ ୨୬ ହଜାର ଟଙ୍କା ଫାଇନ୍

ଭୁବନେଶ୍ୱର,୦୯।୧୨ (ନି.ପ୍ର): ଭୁବନେଶ୍ୱରରେ ଜଣେ ସ୍କୁଟି ଚାଳକଙ୍କୁ ୨୬ ହଜାର ଟଙ୍କା ଫାଇନ୍ ହୋଇଛି। ଭୁବନେଶ୍ୱର ଖଣ୍ଡଗିରି ଛକ ଠାରେ ଟ୍ରାଫିକ୍ ପୋଲିସ୍ ଏହି ୨୬ ହଜାର ଟଙ୍କାର ଫାଇନ୍ କାଟିଛି। ସ୍କୁଟି ଚାଳକ ଜଣକ ନାବାଳକ ହୋଇଥିବାରୁ ୨୫ ହଜାର ଟଙ୍କା ଏବଂ ଉଭୟ ଚାଳକ ଓ ସହଯାତ୍ରୀ ହେଲମେଟ୍ ପିନ୍ଧି ନଥିବାରୁ ହଜାରେ ଟଙ୍କାର ଫାଇନ୍ କଟାଯାଇଛି।

ସୂଚନା ଅନୁଯାୟୀ ଜାଗମରାରେ ରହୁଥିବା ଅମୀୟ ପରିଡାଙ୍କ ନାବାଳକ ପୁଅ ଦେବାଶିଷ ପରିଡା ଓଆର୦୨ଏଜି୦୧୮୩ ନମ୍ବର ବିଶିଷ୍ଟ ଏକ ସ୍କୁଟି ଚଳାଉଥିଲେ। ଖଣ୍ଡଗିରି ଛକରେ ଚେକିଂ ଚାଲିଥିବା ବେଳେ ନାବାଳକ ଚାଳକ ଏବଂ ହେଲମେଟ୍ ନପିନ୍ଧିଥିବାରୁ ଚାଲାଣ କାଟିଥିଲା ଟ୍ରାଫିକ ପୋଲିସ୍ ।

## ରାୟଗଡା ଜିଲ୍ଲା ବିଜେପି ପକ୍ଷରୁ ରତ୍ନ ପଥର ଜବତ୍‌କୁ ନେଇ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଇସ୍ତଫା ଦାବି କରାଯାଇଛି

ରାୟଗଡ଼ା ,୦୯।୧୨ (ନି.ପ୍ର): ରାୟଗଡ଼ା ଜିଲ୍ଲାରେ ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ ରତ୍ନ ପଥର ଜବତ୍‌କୁ କେନ୍ଦ୍ର କରି ବିରୋଧିଙ୍କ ଦାବୀ ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି ଏବଂ ଏହା ଶାସକ ଦଳ, ନେତା, ବିଧାୟକ, ସାଂସଦ, ମନ୍ତ୍ରୀ ସମସ୍ତଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ରାୟଗଡା ସହରରେ ଗତକାଲି ଜିଲ୍ଲା କଂଗ୍ରେସ ପରେ ଆଜି ଜିଲ୍ଲା ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରି ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ଇସ୍ତଫା ଦାବି କରାଯାଇଛି। ବିଷମକଟକ ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଜିଲ୍ଲା ବିଜେପି ସଭାପତି ଶିବ ଶଙ୍କର ଉଲ୍ଲାକା ଏବଂ ରାୟଗଡା ବିଧାୟକ ପ୍ରାର୍ଥୀ ବସନ୍ତ କୁମାର ଉଲାକା ସାମ୍ବାଦିକ ସମ୍ମିଳନୀରେ ଅଭିଯୁକ୍ତ ଜିତେନ୍ଦ୍ର ବେହେରାଙ୍କ ସହ ସରକାରୀ ଦଳର ମନ୍ତ୍ରୀ ଙ୍କ ସମ୍ପର୍କକୁ ନେଇ ତାଙ୍କ ଇସ୍ତଫା




ସହ ସିବିଆଇ ତଦନ୍ତ ଦାବି କରିଛନ୍ତି। ଗତ ୭ ତାରିଖ ରେ ରାୟଗଡା ସହରର ଭିଆଇପି ରୋଡ ସ୍ଥିତ ଜଗନ୍ନାଥ କମ୍ପ୍ଲେକ୍ସରୁ କ୍ରାଇମବ୍ରାଞ୍ଚ ଏସଟି ଏଂ ଓ ପୋଲିସ ଦ୍ୱାରା ୨୦ ପ୍ରକାର ର ୧୫୧ କିଲୋ ମୂଲ୍ୟବାନ ରତ୍ନପଥର ଜବତ କରିଥିଲେ । ଏଥିରେ ଅଭିଯୁକ୍ତ ଜିତେନ୍ଦ୍ର ବେହେରା ଦୀର୍ଘ ଦିନ ଗଂଜେଇ ଓ ରତ୍ନ ପଥର ବ୍ୟବସାୟ କରୁଥିବା ବେଳେ ଶାସକ ଦଳ ବହୁ ନେତାଙ୍କ ସହ ତାଙ୍କ ସଂପର୍କ ରହିଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ତାଙ୍କର ଏହି ରତ୍ନପଥର ଲିଙ୍କ ରହିଥିବା ବିଜେପି ପକ୍ଷରୁ ଅଭିଯୋଗ ହୋଇଛି । ସୋସିଆଲ ମିଡିଆରେ ମନ୍ତ୍ରୀ ଓ ବିଧାୟକଙ୍କ ସହ ଜିତେନ୍ଦ୍ର ର ଫୋଟ ଘୁରି ବୁଲୁଥିବା ବେଳେ ମୁଖ୍ୟମନ୍ତ୍ରୀ ତୁରନ୍ତ ତଦନ୍ତ କରି ମନ୍ତ୍ରୀ ଙ୍କୁ ବହିସ୍କାର କରି ପଦକ୍ଷେପ ନେବାକୁ ଦାବି କରିଛି । ଏହା ସହ ମନ୍ତ୍ରୀ ଜଗନ୍ନାଥ ସାରକା ତୁରନ୍ତ ନିଜ ପଦବୀରୁ ଇସ୍ତଫା ଦେବାକୁ ଦାବି କରିଛନ୍ତି । ନଚେତ ଆଗକୁ ଜିଲ୍ଲା ବିଜେପି ପକ୍ଷରୁ ଚକା ବନ୍ଦ, ଅଖ ବନ୍ଦ ଓ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରାଯାଇଛି।

## ଗୋଟିଏ ଦିନରେ ୩୮୬ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୧୯୧୩

ଭୁବନେଶ୍ୱର,୦୯।୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୮୬ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୨୨୨୯୯ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୩୧୬୯୭୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୩୪୮୭ ରହିଛି। ଆଜି ଚିହ୍ନଟ ହୋଇଥିବା ୩୮୬ ଜଣଙ୍କ ମଧ୍ୟରୁ ୨୨୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୬୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୫୦ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୨୯ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୨୦ ଜଣ, ବରଗଡ଼ରୁ ୨୦ ଜଣ, ଭଦ୍ରକରୁ ୩ ଜଣ, ବଲାଙ୍ଗୀରରୁ ୨୨ ଜଣ ରହିଛନ୍ତି । 'ସେହିପରି ବୌଦ୍ଧ ଜିଲ୍ଲାରୁ ୪, କଟକରୁ ୨୨ ଜଣ, ଦେବଗଡ଼ରୁ ୨ ଜଣ, ଢେଙ୍କାନାଳରୁ ୨ ଜଣ ଚିହ୍ନଟ ହୋଇଥିବା ବେଳେ ଗଜପତିରୁ ଜିଲ୍ଲାରୁ ୨ ଜଣ, ଗଞ୍ଜାମରୁ ୪ ଜଣ, ଜଗତ୍‌ସିଂହପୁରରୁ ୭ ଜଣ, ଯାଜପୁରରୁ ୩ ଜଣ, ଝାରସୁଗୁଡ଼ାରୁ ୭ ଜଣ, କଳାହାଣ୍ଡିରୁ ୧୩ ଜଣ, କନ୍ଧମାଳର ଜିଲ୍ଲାରୁ ୨, କେନ୍ଦ୍ରାପଡ଼ାରୁ ୧୨ ଜଣ, କେନ୍ଦୁଝରରୁ ୭ ଜଣ, ଖୋର୍ଦ୍ଧାରୁ ୫୦ ଜଣ, କୋରାପୁଟରୁ କେହି ସଂକ୍ରମିତ ହୋଇ ନାହାନ୍ତି । ମାଲକାନଗିରିରୁ ୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୩୧ ଜଣ, ନବରଙ୍ଗପୁରରୁ କେହି ସଂକ୍ରମିତ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୩ ଜଣ, ନୂଆପଡ଼ାରୁ ୧୨ ଜଣ, ପୁରୀରୁ ୨୫ ଜଣ, ରାୟଗଡା ଜିଲ୍ଲାରୁ ୨, ସମ୍ବଲପୁରରୁ ୧୭ ଜଣ, ସୋନପୁରରୁ ୨, ସୁନ୍ଦରଗଡ଼ରୁ ୪୭ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୧୧ ଜଣ ଚିହ୍ନଟ ହୋଇଛନ୍ତି।

## ଶ୍ରୀରାମଚନ୍ଦ୍ର ମହାନ୍ତଙ୍କୁ କଳିଙ୍ଗ ପୁସ୍ତକ ମେଳା ପୁରସ୍କାର

ଭୁବନେଶ୍ୱର,୦୯।୧୨ (ନି.ପ୍ର): ପ୍ରାବନ୍ଧିକ ଶ୍ରୀ ରାମଚନ୍ଦ୍ର ମହାନ୍ତଙ୍କ ପ୍ରବନ୍ଧ ପୁସ୍ତକ ବିଶ୍ୱାସ, ଅବିଶ୍ୱାସ, ଅନ୍ଧବିଶ୍ୱାସ, କଳିଙ୍ଗ ପୁସ୍ତକମେଳା ପୁରସ୍କାର, ୨୦୨୦ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି । ଆସନ୍ତା ଡିସେମ୍ବର ୧୦ ତାରିଖ ଅପରାହ୍ନ ୪ଟା ବେଳେ ଭୁବନେଶ୍ୱର ସାମ୍ବାଦିକ ଭବନଠାରେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ । ଜଣେ ସାହିତ୍ୟିକ ଓ ଗବେଷକ ଭାବରେ ପରିଚିତ ଶ୍ରୀ ମହାନ୍ତଙ୍କର କିଏ ଆର୍ଯ୍ୟ, ଦ୍ରାବିଡ଼ କିଏ ?, ଭାଗବନ ବୁଦ୍ଧ, ଭଗବାନ ମହାବୀର ଇତ୍ୟାଦି ପୁସ୍ତକଗୁଡ଼ିକ ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ପରିପୁଷ୍ଟ କରିଛି । ତା ଛଡ଼ା ଅନୁବାଦ ପୁସ୍ତକ ନିର୍ମଳ ମାହାତଙ୍କ ଜୀବନ ଦର୍ଶନ, ଗଳ୍ପ ପୁସ୍ତକ ମଉଳା ଫୁଲ, ଆମେରିକା ଭ୍ରମଣ ସମ୍ବନ୍ଧୀୟ ପୁସ୍ତକ କାଲିଫର୍ଣ୍ଣିଆ ଡାଏରୀ ଇତ୍ୟାଦି ପୁସ୍ତକଗୁଡ଼ିକ ପାଠକୀୟ ଆଦୃତି ଲାଭ କରିଛି । ସାରସ୍ୱତ ସୃଷ୍ଟି ପାଇଁ ତାଙ୍କୁ ୨୦୧୨ ମସିହାରେ ଭୂମିପୁତ୍ର ସାରସ୍ୱତ ସମ୍ମାନ, ୨୦୧୫ ମସିହାରେ ବିଶିଷ୍ଟ ସାହିତ୍ୟିକ ସମ୍ମାନ, ୨୦୧୭ ମସିହାରେ ଭାରତରତ୍ନ ମଦର ଟେରେସା ଗୋଲ୍ଡ ମେଡ଼ାଲ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଛି । ତା ଛଡ଼ା ୨୦୧୮ ମସିହାରେ ମୟୁରଭଞ୍ଜର ତିନୋଟି ସାଂସ୍କୃତିକ ଅନୁଷ୍ଠାନ ମୟୁରକଳା ପରିଷଦ, ପଲ୍ଲିଶ୍ରୀ କଳା ବିକାଶ କେନ୍ଦ୍ର ଓ ଶିବାଜୀ କ୍ଲବ, ବେତନଟୀ ତରଫରୁ ମିଳିତ ଭାବରେ ତାଙ୍କୁ ମର୍ଯ୍ୟାଦାଜନକ ସାହିତ୍ୟ ରତ୍ନ ସମ୍ମାନ ପ୍ରଦାନ କରାଯାଇଛି । ମୟୁରଭଂଜ ଜିଲ୍ଲାର ଚିତ୍ରଡ଼ା ଗ୍ରାମରେ ଜନ୍ମିତ ଶ୍ରୀ ମହାନ୍ତ ସମ୍ପ୍ରତି ଭୁବନେଶ୍ୱରର ଗଜପତି ନଗରଠାରେ ସ୍ଥାୟୀ ଭାବରେ ବାସ କରୁଛନ୍ତି । ସେ ଏ.ଜି. ଅଫିସ (ଭୁବନେଶ୍ୱର)ର ଜଣେ ଅବସରପ୍ରାପ୍ତ କର୍ମଚାରୀ ଅଟନ୍ତି ।

## ୮୩ ତମ ଜନ୍ମଦିନରେ ବିମଳେନ୍ଦୁ ମହାନ୍ତିଙ୍କୁ ଶୁଭେଚ୍ଛା

ଭୁବନେଶ୍ୱର,୦୯।୧୨ (ନି.ପ୍ର): ବିଶିଷ୍ଟ ଶିକ୍ଷାବିତ୍, ସ୍ତମ୍ଭକାର, ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ପ୍ରଥମ କୁଳପତି ତଥା ଜଣେ ଛାତ୍ର ବତ୍ସଳ ଅଧ୍ୟାପକ ଡଃ ବିମଳେନ୍ଦୁ ମହାନ୍ତିଙ୍କ ୮୩ତମ ଜନ୍ମ ଦିନରେ ପୂଜ୍ୟ ପ୍ରଣାମ ଟ୍ରଷ୍ଟ ପକ୍ଷରୁ ତାଙ୍କ ନୂଆପଲ୍ଲୀସ୍ଥିତ ବାସଭବନରେ ଏକ ସଂକ୍ଷିପ୍ତ ଉତ୍ସବରେ ଡଃ ମହାନ୍ତିଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ପୌରହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ବସନ୍ତ ଦାସ, ଡଃ ମହାନ୍ତି ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ବୋଲି କହିଥିଲେ। ସ୍ୱାଗତ ଭାଷଣରେ ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର କୁମାର ମହାପାତ୍ର କହିଲେ ଯେ ଭଗବାନ ତଥାଗତ ବୁଦ୍ଧଙ୍କ ଉପରେ ଡଃ ମହାନ୍ତିଙ୍କ ଲେଖନୀ ଚାଳନା ତାଙ୍କୁ ଜୀବନ୍ତ ବୁଦ୍ଧରେ ପରିଣତ କରିଦେଇଛି। ସ୍ୱାମୀ ଜଗନ୍ନାଥାନନ୍ଦ ସରସ୍ୱତୀ ଦୀର୍ଘଜୀବନ କାମନା କରି ଆଶୀର୍ବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ସତ୍ୟସାଇ ଲୋକସେବା ଟ୍ରଷ୍ଟ ପକ୍ଷରୁ ଡଃ ବଦ୍ରିନାଥ ପଟ୍ଟନାୟକ, ସ୍ୱାମୀ ବ୍ରହ୍ମାନନ୍ଦ ଟ୍ରଷ୍ଟ ପକ୍ଷରୁ ଡଃ ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ, ହାପି ଲିଭିଙ୍ଗ ଫାଉଣ୍ଡେସନ ପକ୍ଷରୁ ଡଃ ମନୋଜ ଲେଙ୍କା, ରାଜ୍ୟ ଶିକ୍ଷା ପରିଷଦ ପକ୍ଷରୁ ଡଃ ଯୁଧିଷ୍ଠିର ଖଟୁଆ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଗବେଷକ ଡଃ ଅସିତ୍ ମହାନ୍ତି, ଅଧ୍ୟାପକ ଦାସ ବେନହୁର, କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ପୂର୍ବ ପ୍ରଶାସକ ନରେନ୍ଦ୍ର କୁମାର ମିଶ୍ର, ଅଧ୍ୟାପକ ପ୍ରଣବ ପାଟଯୋଶୀ, ପ୍ରଫେସର ବୁଦ୍ଧଦେବ ମିଶ୍ର, ପ୍ରଫେସର ବିକାଶ ପଣ୍ଡା, ଶ୍ରୀମତୀ ଚିତ୍ରଲେଖା ମହାନ୍ତି, ଅନିଲ୍ ଧୀର, ଓକିଲ ସିଦ୍ଧାର୍ଥ ଦାସ ପ୍ରମୁଖ ଡଃ ମହାନ୍ତିଙ୍କୁ ଉତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଆର୍ନ୍ତଜାତୀୟ ମାନବାଧିକାର ଦିବସ ଉପଲକ୍ଷେ ଆଲୋଚନାଚକ୍ର

ଭୁବନେଶ୍ୱର,୦୯।୧୨ (ନି.ପ୍ର): ଆନ୍ତର୍ଜାତୀୟ ମାନବାଧିକାର ଦିବସ ପାଳନ ଉପଲକ୍ଷେ ଆଜି ଅପରାହ୍ନରେ ବିଶ୍ୱ ମାନବ ଅଧିକାର ସୁରକ୍ଷା ସଂଗଠନ ତରଫରୁ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଏକ ଜାତୀୟସ୍ତରୀୟ ଆଲୋଚନା ଚକ୍ର ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାର ବିଷୟବସ୍ତୁ ଥିଲା 'କୋଭିଡ୍-୧୯ ଏବଂ ମାନବାଧିକାର, ବିଶ୍ୱ ପରିପ୍ରେକ୍ଷୀରେ ଭାରତର ପ୍ରତିଷ୍ଠା'। ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଅଭିନ୍ନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏ.ଆଇ.ଏମ୍‌ସର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଡ. ଅଶୋକ ମହାପାତ୍ର କୋଭିଡ-୧୯ ଉପରେ ଆଲୋଚନା କରି ସାମାଜିକ ଦୂରତ୍ୱ, ମାସ୍କ ଏବଂ ସାନିଟାଇଜର ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଭାରତର ନିର୍ବାଚନ କମିଶନର ପ୍ରାକ୍ତନ ଉପଦେଷ୍ଟା ଡ. ଭଗବାନ ପ୍ରକାଶ ମହାମାରୀ ସମୟରେ ମାନବାଧିକାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦକ୍ଷିଣ ଆଫ୍ରିକାର ହାଇକମିଶନର ଉପଦେଷ୍ଟା ଶ୍ରୀଯୁକ୍ତ ଶରତ ପ୍ରଧାନ, ବିଶିଷ୍ଟ ଉଦ୍ୟୋଗପତି ଶ୍ରୀ ପ୍ରବୋଧ ମହାନ୍ତି, ଖଦିବୋର୍ଡ଼ର ଅଧ୍ୟକ୍ଷ ସଂଗ୍ରାମ ପାଇକରାୟ ପ୍ରମୁଖ ମହାମାରୀ ସମୟରେ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା ରିଲିଫ, ମାସ୍କ ବଣ୍ଟନ, ସାନିଟାଇଜର ବଣ୍ଟନ, ବସ୍ତି ଅଞ୍ଚଳରେ ଚିକିତ୍ସା ଏବଂ ସଚେତନତା ଶିବିରର ଭୂୟସୀ ପ୍ରଶଂସା କରିଥିଲେ। ରାଜ୍ୟର କିଛି ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ ଯଥା ଓ୍ୱାରିଶ ଫାଉଣ୍ଡେସନ, ଡୁଡୁନ୍ ଫାଉଣ୍ଡେସନ, ଦକ୍ଷ ପ୍ରକାଶନୀ, ରେଡ ସ୍ୱସ୍ତିକ, ଇରୋକିଡ, ଓମ୍ ସାଇ ଟ୍ରଷ୍ଟ, ଅମ୍ବିକା ଫାଉଣ୍ଡେସନ, ସଖା ଫାଉଣ୍ଡେସନ, ଗାୟିକା ଜୟଶ୍ରୀ ଧଳର ପ୍ରମୁଖମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମାନବାଧିକାର ସଂଗଠନର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଲିନୁ ମିଶ୍ର, ସସ୍ମିତା ମକ, ସଞ୍ଜୀବ ମିଶ୍ର, ନୀଳମଣି ମିଶ୍ର, ଡ. ଏପସିତ, ସ୍ୱାତି ମହାପାତ୍ର, ପ୍ରଭାମୟୀ, ରଜତ ମହାନ୍ତି, ଚିନ୍ମୟୀ ମହାନ୍ତି, ରଶ୍ମିରେଖା ପଣ୍ଡାଙ୍କୁ ହାର୍ପୋ ଏକ୍ସଲେନ୍ସି ଆଓ୍ୱାର୍ଡ଼ ଦିଆଯାଇଥିଲା।

## ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବିଜେପିର ସାମ୍ବାଦିକ ସମ୍ମିଳନୀ
### ୧୪ରେ ଜିଲ୍ଲାପାଳ ଅଫିସ ଓ ୧୫ରେ ସମସ୍ତ ବ୍ଲକ ସଦର ମହକୁମାରେ ଆନ୍ଦୋଳନ

ଭଦ୍ରକ,୦୯।୧୨ (ନି.ପ୍ର): ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆବଶ୍ୟକ ଭିତ୍ତିଭୂମି ଥିବା ସତ୍ତ୍ୱେ ରାଜନୈତିକ ଇଚ୍ଛା ଶକ୍ତି ଅଭାବରୁ ଆଜି ପର୍ଯ୍ୟନ୍ତ ଏହା ସମ୍ଭବ ହୋଇ ପାରିଲା ନାହିଁ। ଭଦ୍ରକ ନୂତନ ଜିଲ୍ଲା ଭାବେ ଦୀର୍ଘ ୨୭ ବର୍ଷ ପୂର୍ବରୁ ସ୍ୱିକୃତୀ ପାଇଥିଲେ ମଧ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବହୁ ପଛରେ ପଡି ରହିଛି। ରାଜ୍ୟ ସରାକର ଆଉ ୩ଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସଦ୍ୟ ଘୋଷଣା କରିଥିଲେ ହେଁ ସେଥିରେ ଭଦ୍ରକର ନାମ ନ ଥିବା ଜିଲ୍ଲାରେ ଶାସକ ଦଳର ୪ଜଣ ବିଧାୟକ ଓ ବିଜେଡି ସାଂସଦଙ୍କ ଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦୀର୍ଘ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଜିଲ୍ଲାବାସୀ ଦାବୀ କରି ଆସୁଥିଲେ ମଧ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର କେନ୍ଦ୍ରକୁ ଏକ ବିଧିବଦ୍ଧ ପ୍ରସ୍ତାବ ପଠାଇବାରେ ବିଫଳ ହୋଇଛି ବୋଲି ବିରୋଧୀ ଦଳ ଉପନେତା




ତଥା ଧାମନଗର ବିଧାୟକ ବିଷ୍ଣୁ ସେଠୀ ଆଜି ଜିଲ୍ଲା ବିଜେପି କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନରେ କହିଛନ୍ତି। ମେଡିକାଲ କଲେଜ ପାଇଁ ବିଭିନ୍ନ ସମୟରେ ଏହି ଦାବୀକୁ ନେଇ ଧର୍ମଘଟ, ଆନ୍ଦୋଳନ, ଧାରଣା ଓ ଜିଲ୍ଲା ବନ୍ଦ ଭଳି କାର୍ଯ୍ୟକ୍ରମ ଜିଲ୍ଲାର ବୁଦ୍ଧିଜୀବୀ, ଛାତ୍ର, ଯୁବକ ଓ ବିଭିନ୍ନ ସଂଗଠନ ପକ୍ଷରୁ କରାଯାଉଥିବା ବେଳେ ଭାରତୀୟ ଜନତା ପାର୍ଟି ଭଦ୍ରକ ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥିପ୍ରତି ଅକୁଣ୍ଠ ସମର୍ଥନ ଓ ସହଯୋଗ ଜାରି ରଖିଆସିଛି। ବିଭିନ୍ନ ସମୟରେ ଦଳ ପକ୍ଷରୁ ତତ୍‌କାଳୀନ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ସ୍ୱାସ୍ଥ୍ୟ ରାଷ୍ଟମନ୍ତ୍ରୀ ଅଶ୍ୱିନୀ ଚୌବେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ତତ୍‌କାଳୀନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କୁ ଭେଟି ଦାବୀପତ୍ର ପ୍ରଦାନ କରିବା ସହିତ ଆଲୋଚନା କରାଯାଇଛି । ଗତ ସାଧାରଣ ନିର୍ବାଚନ ପରେ ଭଦ୍ରକ ଜିଲ୍ଲାରୁ ନିର୍ବାଚିତ ଦଳର ଏକମାତ୍ର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ବିଧାନସଭାରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଶାସକ ଦଳର ୪ଜଣ ବିଧାୟକ ଥାଇ ମଧ ଥରେ ବୋଲି ମେଡିକାଲ କଲେଜ ପାଇଁ ସ୍ୱର ନ ଉଠାଇବା ଅତ୍ୟନ୍ତ ଲଜ୍ୟାକର ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ଧଳ କହିଥିଲେ। ଅନ୍ୟପକ୍ଷରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଗତ ଫେବୃଆରୀ ୧୭ ତାରିଖ ପତ୍ରଲେଖି କେନ୍ଦ୍ର ସରକାରଙ୍କୁ ବିଧିବଦ୍ଧ ଭାବେ ପ୍ରସ୍ତାବ ପଠାଇବାକୁ ଅନୁରୋଧ ମଧ କରିଛନ୍ତି। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନ ବିକାଶ କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାରେ ଏହି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ୬୦ ପ୍ରତିଶତ ଅର୍ଥ ଯୋଗାଇ ଦେବେ ଓ ରାଜ୍ୟ ସରକାର ମାନବ ସମ୍ବଳ ସମେତ ଆନୁସଂଗିକ ଖର୍ଚ୍ଚ ବହନ କରିବେ ବୋଲି ଉକ୍ତ ଚିଠିରେ ଉଲ୍ଲେଖ ହୋଇଛି। ସେଥିପାଇଁ ବିଧିବଦ୍ଧ ଭାବେ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପଠାଇବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେବାର ୯ ମାସ ବିତି ଯାଇଥିଲେ ମଧ ରାଜ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ଆଜି ପର୍ଯ୍ୟନ୍ତ କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ହସ୍ତଗତ ନହେବା ନେଇ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକଟ କରାଯାଇଥିଲା। ଭଦ୍ରକର ଏହି ହକ୍ ପାଇଁ ଆଗାମୀ ୧୪ ତାରିଖରେ ବିଜେପି ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା କରାଯିବ ଏବଂ ୧୫ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକ ସଦର ମହକୁମାରେ ଦଳପକ୍ଷରୁ ଧାରଣା ପ୍ରତିବାଦ ସଭା କରାଯିବ ବୋଲି ସମ୍ମିଳନୀରେ ସୂଚନା ଦିଆ ଯାଇଛି। ଜିଲ୍ଲା ସଭାପତି ହେମନ୍ତ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡାକ୍ତର ପ୍ରଦୀପ ନାୟକ, ମାଧବାନନ୍ଦ ମଲ୍ଲିକ, ଶ୍ରୀହର୍ଷ ସ୍ୱାଇଁ, ଶଶିକାନ୍ତ ବିଶ୍ୱାଳଙ୍କ ସମତେ ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଗରାପୁର ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ବୈଠକ

କେନ୍ଦ୍ରାପଡ଼ା,୦୯।୧୨ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ କପାଳେଶ୍ୱର ପଂଚାୟତର ଗରାପୁର ପ୍ରାଥମିକ ବିଦ୍ୟାଳୟ ରେ ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଗିତାଞ୍ଜଳୀ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିଥିଲେ । ପୁରାତନ ଛାତ୍ରଛାତ୍ରୀ ମାନେ ଏଥିରେ ଅଂଶ ଗ୍ରହଣ କରି ମୋ ସ୍କୁଲ ଅଭିଯାନ ସଂପର୍କରେ ସରକାରଙ୍କ ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ଆଲୋଚନା କରି ଏହାର କାର୍ଯ୍ୟାନ୍ୱୟନ ପାଇଁ ଏକ କମିଟି ଗଠନ କରାଯାଇ ଥିଲା । ଏହି କମିଟିରେ ଅବଦୁଲ ସଲିମ୍ ଖାନ, ଅଭିମନ୍ୟୁ ଗୋଛାୟତ, ଅକ୍ଷୟ କୁମାର ଦାସ, ରମେଶ ସାହୁ, ସୟଦ ସମସେର ଅଲ୍ଲୀ, ଦାମୋଦର ସାହୁ, ସରୋଜ କାନ୍ତ ସାହୁ, ପରୱିନ୍ ବାନୋ, ପ୍ରଫୁଲ୍ଲ ସେଠୀ, ରାଜନ ଖାନ ପ୍ରମୁଖଙ୍କୁ ମନୋନିତ୍ୱ କରାଯାଇ ଥିଲା । ଶ୍ରିକ୍ଷୟିତ୍ରୀ ଅର୍ଣ୍ଣପୂର୍ଣ୍ଣା ଦାସ, କୁମୁଦିନୀ ସାମଲ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି



# ଆର୍ନ୍ତଜାତୀୟ ମାନବାଧିକାର ଦିବସ ଉପଲକ୍ଷେ ଆଲୋଚନାଚକ୍ର

ଭୁବନେଶ୍ୱର,୦୯।୧୨ (ନି.ପ୍ର): ଆର୍ନ୍ତଜାତୀୟ ମାନବାଧିକାର ଦିବସ ପାଳନ ଉପଲକ୍ଷେ ଆଜି ଅପରାହ୍ନରେ ବିଶ୍ୱ ମାନବ ଅଧିକାର ସୁରକ୍ଷା ସଂଗଠନ ତରଫରୁ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଏକ ଜାତୀୟସ୍ତରୀୟ ଆଲୋଚନା ଚକ୍ର ଏବଂ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଲୋଚନାର ବିଷୟବସ୍ତୁ ଥିଲା 'କୋଭିଡ୍-୧୯ ଏବଂ ମାନବାଧିକାର, ବିଶ୍ୱ ପରିପ୍ରେକ୍ଷୀରେ ଭାରତର ପ୍ରତିଷ୍ଠା'। ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ଅଭିନ୍ନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏ.ଆଇ.ଏମ୍‌ସର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଡ. ଅଶୋକ ମହାପାତ୍ର କୋଭିଡ-୧୯ ଉପରେ ଆଲୋଚନା କରି ସାମାଜିକ ଦୂରତ୍ୱ, ମାସ୍କ ଏବଂ ସାନିଟାଇଜର ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଭାରତର ନିର୍ବାଚନ କମିଶନର ପ୍ରାକ୍ତନ ଉପଦେଷ୍ଟା ଡ. ଭଗବାନ ପ୍ରକାଶ ମହାମାରୀ ସମୟରେ ମାନବାଧିକାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଦକ୍ଷିଣ ଆଫ୍ରିକାର ହାଇକମିଶନର ଉପଦେଷ୍ଟା ଶ୍ରୀ ଶରତ ପ୍ରଧାନ, ବିଶିଷ୍ଟ ଉଦ୍ୟୋଗପତି ପ୍ରବୋଧ ମହାନ୍ତି, ଖଦିବୋର୍ଡ଼ର ଅଧ୍ୟକ୍ଷ ସଂଗ୍ରାମ ପାଇକରାୟ ପ୍ରମୁଖ ମହାମାରୀ ସମୟରେ ବିଶ୍ୱ ମାନବାଧିକାର ସୁରକ୍ଷା ସଂଗଠନ ତରଫରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଯଥା ରିଲିଫ, ମାସ୍କ ବଂଟନ, ସାନିଟାଇଜର ବଂଟନ, ବସ୍ତି ଅଂଚଳରେ ଚିକିତ୍ସା ଏବଂ ସଚେତନତା ଶିବିରର ଭୂୟସୀ ପ୍ରଶଂସା କରିଥିଲେ। ରାଜ୍ୟର କିଛି ପ୍ରମୁଖ ସ୍ୱେଚ୍ଛାସେବୀ ସଂଗଠନ ଯଥା ଓ୍ୱାରିଶ ଫାଉଣ୍ଡେସନ, ଡୁଡୁନ୍ ଫାଉଣ୍ଡେସନ, ଦକ୍ଷ ପ୍ରକାଶନୀ, ରେଡ ସ୍ୱସ୍ତିକ, ଇରୋକିଡ, ଓମ୍ ସାଇ ଟ୍ରଷ୍ଟ, ଅମ୍ବିକା ଫାଉଣ୍ଡେସନ, ସଖା ଫାଉଣ୍ଡେସନ, ଗାୟିକା ଜୟଶ୍ରୀ ଧଳର ପ୍ରମୁଖମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୭ ଗିରଫ

ଭୁବନେଶ୍ୱର,୦୯।୧୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ୬ଟି ମାମଲା ରୁଜୁ କରିଛି। ସେହିପରି ପୋଲିସ ଗତ ୨୪ ଘଂଟାରେ ୭ଜଣଙ୍କୁ ଗିରଫ କରିଥିବା ବେଳେ ୨୭୯ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୧୪,୧୧,୯୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

## ଇକୋ ରିଟ୍ରିଟ ଦ୍ୱିତୀୟ ସଂସ୍କରଣର ଉଦଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୯।୧୨ (ନି.ପ୍ର): ଓଡ଼ିଶା ପର୍ଯ୍ୟଟନର ଇକୋ ରିଟ୍ରିଟର ଦ୍ୱିତୀୟ ସଂସ୍କରଣକୁ ବୁଧବାର ଅପରାହ୍ନରେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଜିଠାରୁ କୋଣାର୍କର ରାମଚଣ୍ଡୀ ବେଳାଭୂମି, ସାତକୋଶିଆ, ଭିତରକନିକା, ଦାରିଙ୍ଗିବାଡି ଏବଂ ହୀରାକୁଦଠାରେ ଇକୋ ରିଟ୍ରିଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହା ଫେବୃଆରି ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଦେଶୀ ବିଦେଶୀ ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରିବା ଲାଗି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଏଥିରେ ପର୍ଯ୍ୟଟକମାନଙ୍କ ରହିବା ପାଇଁ ପଂଚତାରକା ହୋଟେଲ ଭଳି ବ୍ୟବସ୍ଥା କରାଯାଇଥିବା ବେଳେ ମନପସନ୍ଦର ଖାଦ୍ୟ ପରସାଯିବ। ଏହା ବ୍ୟତୀତ ସଂଧ୍ୟାରେ ମନୋରଂଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ବ୍ୟବସ୍ଥା କରାଯାଇଛି।

# ଜିଲ୍ଲା ଲୋକକଳା, ସଂସ୍କୃତି ସଂଘର ସମୀକ୍ଷା ବୈଠକ




ଭଦ୍ରକ,୦୯।୧୨ (ନି.ପ୍ର): କଳାକାର ଓ ସଂସ୍କୃତି ସଂଘର ବିଭିନ୍ନ ସମସ୍ୟା ଗୁଡିକର ସମାଧାନ ଓ ବିଷଦ ଆଲୋଚନା ନିମିତ୍ତ ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଜିଲ୍ଲା କଳା ସଂସ୍କୃତି ସଂଘ, ଭଦ୍ରକ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସୁବାସ ଚନ୍ଦ୍ର ମଲ୍ଲିକ କରୋନା ମହାମାରୀ ସମୟରେ ଲୋକ-କଳାକାରମାନେ ଅର୍ଥ ଅଭାବରୁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ସମସ୍ୟା ଉପସ୍ଥାପନ କରିଥିଲେ। ଏହା ବ୍ୟତୀତ ସୂଚନା ଓ ଯୋଗାଯୋଗ ବିଦ୍ୟା ବାବଦ ଅର୍ଥରାଶିରୁ କୋବିଡ଼ ନିୟମ ପାଳନ ପୂର୍ବକ ବିଭିନ୍ନ ଲୋକକଳା ଦଳ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ବୈଠକରେ ଉପସ୍ଥିତ ଥିବା ବିଭିନ୍ନ ଅଧିକାରୀମାନେ ସେମାନଙ୍କ ଅଧିନରେ ଥିବା ସୂଚନା ଓ ଯୋଗାଯୋଗ ପାଣ୍ଠି ପ୍ରଦାନ କରିବା ପାଇଁ ସ୍ୱିକୃତୀ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଡ. ଦାସ କାଳାକରମାନଙ୍କୁ ଋଣ ପ୍ରଦାନ, ପ୍ରତି ମାସରେ ବ୍ଲକ ସ୍ତରରେ ବିଡିଓ ଓ କଳାକାର ସଂଘର ଉପସଭାପତିଙ୍କୁ ନେଇ ବୈଠକ କରିବା, ସେହିପରି ଜିଲ୍ଲାରେ କଳାକାର ସଂଘ, ନଗର କଳାକାର ସଂଘ ପ୍ରତିମାସ ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହିତ ମିଶି ବୈଠକ କରି ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ବିଭିନ୍ନ ବ୍ଲକ କଳା ସଂସ୍କୃତି ସଂଘ ଓ ନଗର କଳା ସଂସ୍କୃତି ସଂଘର ଉପସଭାପତିମାନେ ଉପସ୍ଥିତ ରହି ନିଜ ନିଜର ଅଭିବ୍ୟକ୍ତି ପ୍ରକାଶ କରିଥିଲେ।

# 'ମୋ ସ୍କୁଲ ଅଭିଯାନ'ର କର୍ମଶାଳା



ଜଳେଶ୍ୱର,୦୯।୧୨ (ନି.ପ୍ର): ସରକାରୀ ବିଦ୍ୟାଳୟକୁ ସର୍ବାଙ୍ଗ ସୁନ୍ଦର କରିବାଲାଗି ସରକାର ଏବେ ମୋ ସ୍କୁଲ ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ପୁରାତନ ଛାତ୍ରୀଛାତ୍ରଙ୍କୁ ସାମିଲ କରିବା ଓ ଅଭିଭାବକମାନଙ୍କୁ ସଂଶ୍ଲିଷ୍ଟ କରିବାଲାଗି ଏହା ଏକ ପ୍ରୟାସ କରାଯାଉଥିବା ଜଣାଯାଇଛି। ଆଜି ବୁଧବାର ହାତୀଗଡ ପ୍ରାଥମିକ ବିଦ୍ୟାଳୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଇବଣିଆ, ଖୁଆଡ ଓ ଗୋପାଳପୁର କ୍ଲଷ୍ଟରର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲର ପ୍ରଧାନ ଶିକ୍ଷକ ମାନଙ୍କୁ ନେଇ ଉକ୍ତ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ହାତୀଗଡ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମକୃଷ୍ଣ ଦତ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଅଧିକାରୀ ବିରଞ୍ଚିନ ଦାସ ଙ୍କ ସହିତ ଏବିଇଓ ସୁଶାନ୍ତ କୁମାର ଜେନା ଏବଂ ଅଜୟ କୁମାର ଜେନା, ଏମ୍‌ଆଇଏସ୍ ସଂଯୋଜକ ଅନିମେଷ ସ୍ୱାଇଁ, ସିଆର୍‌ସିସି ନିବେଦିତା ନାୟକ, ରଂଜନ କୁମାର ବେହେରା, ଦୀନକୃଷ୍ଣ ପାତ୍ର ଓ ସଂଯୋଜକ ହରେନ୍ଦ୍ର ମହନ୍ତ ପ୍ରମୁଖ ଯୋଗ ଦେଇ ଅନ୍‌ଲାଇନ୍ କ୍ଲାସ, ନ୍ୟୁଟ୍ରିସନାଲ ଗାର୍ଡେନ୍ ଓ ବିଦ୍ୟାଳୟକୁ ଆକର୍ଷଣୀୟ କରିବାଲାଗି ପରାମର୍ଶ ଦେଇଥିଲେ। ଅତିଥି ପରିଚୟ ବଂଶୀଧର ବାରିକ କରିଥିବା ବେଳେ ଉମାକାନ୍ତ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଏହାକୁ ଦିପ୍ତିଶିଖା ବେରା, ଶଂକର ଖୁଣ୍ଟିଆ, ବିଶ୍ୱନାଥ ଘୋଷ, ଫକିର ମୋହନ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

# ଜିଲ୍ଲା ଦକ୍ଷତା କମିଟିର ପ୍ରଥମ ବୈଠକ




ଭଦ୍ରକ,୦୯।୧୨ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲା ଦକ୍ଷତା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନୂତନ ଭାବେ ଗଠିତ ହୋଇଥିବା ଦକ୍ଷତା କମିଟିର ଆଭିମୁଖ୍ୟ ଏବଂ କାର୍ଯ୍ୟଧାରା ସଂପର୍କରେ ଆଲୋଚନା ହୋଇଥିଲା। କମିଟିର ସଦସ୍ୟମାନେ ଜିଲ୍ଲାର ଯୁବକଯୁବତୀଙ୍କ ଦକ୍ଷତା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ନୀତି କିଭଳି କାର୍ଯ୍ୟକାରୀ କରାଇବେ ଏବଂ ନିଜ ଭିତରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ, ସେ ସଂପର୍କରେ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଜିଲ୍ଲାର ଯୁବକଯୁବତୀମାନଙ୍କର ଯେଉଁସବୁ କ୍ଷେତ୍ରରେ ଦକ୍ଷତାର ଅଭାବ ରହିଛି, ସେସବୁର କିଭଳି ଭାବରେ ବିକାଶ ହୋଇପାରିବ ଜିଲ୍ଲାପାଳ ଡ. ଦାସ ସେମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ଦକ୍ଷତା ବିକାଶ ଯୋଜନା ଓ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାକୁ କିଭଳି ସଂପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରାଯାଇପାରିବ ସେ ନେଇ ଆଲେଚନା କରାଯାଇଥିଲା। ଜିଲ୍ଲା ଦକ୍ଷତା ବିକାଶ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ଦକ୍ଷତା ଉପକମିଟି ବୈଠକ ଚଳିତ ଡିସେମ୍ବର ମାସରେ କରାଇବା ପାଇଁ ଜିଲ୍ଲାପାଳ ଡ. ଦାସ ଜିଲ୍ଲା କର୍ମ ନିୟୋଜନ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଏବଂ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀ, ଜିଲ୍ଲା ଶିକ୍ଷାୟନ ସଂସ୍ଥାର ପ୍ରତିନିଧି ଗଣ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା କର୍ମ ନିୟୋଜନ ଅଧିକାରୀ ଅଜୟ କୁମାର ଦାଶ ଦକ୍ଷତା ବିକାଶର ଅଭିବୃଦ୍ଧି ପାଇଁ ଜିଲ୍ଲାରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଆଗାମୀ ଯୋଜନା ସଂପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ।

## ଯାଜପୁର ଜିଲ୍ଲାରେ ବିଭିନ୍ନ ମାମଲାରେ ୧୬୯ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୦୯।୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ଯାଜପୁର ଜିଲ୍ଲାରେ ମାସ୍କ ନ ପିନ୍ଧିବା, ସାମାଜିକ ଦୂରତ୍ୱ ନ ମାନିବା, ବାହାରେ ଛେପ ପକାଇବା ତଥା ମୋଟର ଯାନ ଆଇନ ଉଲ୍ଲଂଘନ ଅଭିଯୋଗରେ ୧୬୯ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇଛି। ଏମାନଙ୍କ ନିକଟରୁ ୧୪୯୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ବେଳେ ୨୨ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ଜବତ କରା ଯାଇଥିବା ଯାଜପୁର ଏସପି ଟ୍ୱିଟ କରି ସୂଚନା ଦେଇଛନ୍ତି। ଏହି ସମୟ ମଧ୍ୟରେ ୭.୨ ଲିଟର ମଦ ଜବତ କରା ଯିବା ସହ ୨ ଜଣଙ୍କୁ ଗିରଫ କରା ଯାଇଛି।

# ବାଇକ ଦୁର୍ଘଟଣାରେ ୩ ଗୁରୁତର



ଖଇରା,୦୯।୧୨ (ନି.ପ୍ର): ସୋର ଖଇରା ରାଜ୍ୟ ରାଜପଥ କଣ୍ଟାପଡା ଛକ ନିକଟରେ ୨ଟି ବାଇକ ଧକା ହୋଇ ୩ଜଣ ଗୁରୁତର ହୋଇଛନ୍ତି। ଖବରରୁ ପ୍ରକାଶ କଇଥ ଗଡିଆ ଗ୍ରାମର ବୁଦ୍ଧିରାମ ବେହେରା ଖଇରାରୁ ମହତିପୁର ଯାଉଥିବା ବେଳେ ପଛପଟରୁ ଆସୁଥିବା ଚାନ୍ଦଗୋଛି ଗ୍ରାମର ବଣ୍ଟି ଜେନା ଓ ମହତିପୁର ଗ୍ରାମର ବାମଦେବ ଦାସ ପଛପଟୁ ଧକା ଦେଇଥିଲେ। ଫଳରେ ୨ବାଇକ ଆରୋହୀ ସହିତ ବସିଥିବା ଯାତ୍ରୀ ତଳେ ଛିଟିକି ପଡିଥିଲେ। ସ୍ଥାନୀୟ ଅଂଚଳ ବାସୀ ଆମ୍ବୁଲାନ୍ସକୁ ଖବର ଦେବାରୁ ସେମାନଙ୍କୁ ଖଇରା ମେଡିକାଲକୁ ନେଇଅସିଥିଲେ। ବୁଦ୍ଧିରାମ ଙ୍କ ଗୋଟିଏ ଗୋଡ ଭାଙ୍ଗିଥିବା ବେଳେ ଅନ୍ୟ ୨ଜଣଙ୍କର ମୁଣ୍ଡ ଓ ହାତରେ ଆଘାତ ଲାଗିଛି। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭଦ୍ରକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଥଉକି ସରକାର ବାଇକ ଅରୋହୀ ମାନଙ୍କ ପାଇଁ ବିଭିନ୍ନ କଟକଣା କରିଥିଲେ ମଧ୍ୟ ସ୍ଥାନୀୟ ପୋଲିସ ନଜର ରଖୁନଥିବାରୁ ସାଧାରଣରେ ଗୁଞ୍ଜରଣ ସୃଷ୍ଟି ହେଉଛି।

# କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ



ଭଦ୍ରକ,୦୯।୧୨ (ନି.ପ୍ର): କାଳଜୟୀ ସଂଗୀତ ବନ୍ଦେ ଉତ୍କଳ ଜନନୀର ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଏକ ପ୍ରତିମୂର୍ତ୍ତି ଭଦ୍ରକ ବାଇପାସ୍ ଛକରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଆଜି ସନ୍ଧ୍ୟାରେ ଅନାବରଣ କରିଛନ୍ତି। ଏହି ଉତ୍ସବରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ରାଜ୍ୟ ବିରୋଧୀଦଳ ଉପନେତା ବିଷ୍ଣୁ ସେଠୀ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ପୂର୍ବତନ ଜିଲ୍ଲାପରିଷଦ ଅଧକ୍ଷ ଜଗନ୍ନାଥ ସ୍ୱାଇଁ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ପୂର୍ବତନ କାଉନସିଲର ପ୍ରବୀର ଜେନା, ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ପୌର ନିର୍ବାହୀ ଅଧିକାରୀ ବିଚିତ୍ରାନନ୍ଦ ନାୟକ ପ୍ରମୁଖ ଯୋଗ ଦେଇ କାନ୍ତକବିଙ୍କ ଜୀବନୀ, ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଆଇନଜୀବୀ ଅତିସ୍ ବେହେରା ଉତ୍ସବରେ ସଂଯୋଜନା କରିଥିଲେ।

# ଡ଼ା. କେ.ଏସ.ଏନ ରାଓଙ୍କ ୧୦୧ତମ ଜୟନ୍ତି ପାଳିତ

ବ୍ରହ୍ମପୁର,୦୯।୧୨ (ନି.ପ୍ର): ଓଡ଼ିଶାର ଦୃଷ୍ଟିହୀନ ଓ ବଧିର ଛାତ୍ରୀଛାତ୍ରଙ୍କ ଥଇଥାନ ପାଇଁ ବିଶିଷ୍ଟ ସମାଜସେବୀ ଡ଼. କେ. ସତ୍ୟ ନାରାୟଣ ରାଓଙ୍କ ଅବଦାନ ଅତୁଳନୀୟ ବୋଲି ଭାରତ ବର୍ଷର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପ୍ରେମର ସଭାପତି ଡ଼ା. ଜାକୋବ ଥୁଣ୍ଡିଲ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଥିଲେ। ଓଡ଼ିଶା ଦୃଷ୍ଟିହୀନ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସଭାପତି ବିଜୟ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ, ଡ଼. ଡ଼ମ୍ବରୁଧର ସାହୁ, କବି କପିଳ ଚନ୍ଦ୍ର ମହାନ୍ତି, ଦୃଷ୍ଟିହୀନ ବିଦ୍ୟାଳୟର ଅଧ୍ୟକ୍ଷ ନରେଶ ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ନବୀନ ଚନ୍ଦ୍ର ଶତପଥୀ, ରଜନୀକାନ୍ତ ପାଢ଼ୀ, ପବିତ୍ର ଚୌଧୁରୀ, ହରିଶ ଚନ୍ଦ୍ର ପଟ୍ଟନାୟକ, ଯୁଧିଷ୍ଠିର ମହାରଣା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ଡ଼. ଜାକୋବ ଥୁଣ୍ଡିଲଙ୍କ ଦ୍ୱାରା 'ଓଡ଼ିଶା ଦୃଷ୍ଟିହୀନ ଶିକ୍ଷାର ଇତିହାସ' ପୁସ୍ତକ ଉନ୍ମୋଚନ ସହିତ ୧୦୧ ଜଣ ଦୃଷ୍ଟିହୀନ, ଗରିବ, ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷୟତ୍ରୀ ମାଳତୀପ୍ରଭା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସଂଗୀତ ଗାନ ସହ ସଭା ସାଙ୍ଗ ହୋଇଥିଲା।

# ଗଭୀର ସମୁଦ୍ର ମଧ୍ୟରୁ ୧୯ ବାଙ୍ଗଲାଦେଶୀ ମତ୍ସ୍ୟଜୀବିଙ୍କୁ ଉଦ୍ଧାର କଲା କୋଷ୍ଟଗାର୍ଡ



ପାରାଦ୍ୱୀପ,୦୯।୧୨ (ନି.ପ୍ର): ଯାନ୍ତ୍ରୀକ ତ୍ରୁଟି ଯୋଗୁଁ ଭାରତୀୟ ଜଳ ସୀମାକୁ ପଶିଆସିଥିବା ବାଙ୍ଗଲାଦେଶୀ ମାଛଧରା ବୋର୍ଟକୁ ଉଦ୍ଧାର କରିଛି ଭାରତୀୟ ତଟରକ୍ଷୀ ବାହିନୀ। ଘଟଣାରୁ ପ୍ରକାଶ ଯେ ଗତ ସୋମବାର ଦିନ ଭାରତୀୟ ଜଳସୀମା ମଧ୍ୟରେ ଏକ ବାଙ୍ଗଲାଦେଶୀ ମାଛଧରା ଟ୍ରଲର ଥିବା ତଟରକ୍ଷୀ ବାହିନୀର ଏୟାର କ୍ରାଫ୍ଟ ଦେଖିଥିଲା। ତୁରନ୍ତ ସେଠାରେ ଅନ୍ୟ କାର୍ଯ୍ୟରେ ନିୟୋଜିତ ଥିବା କୋଷ୍ଟଗାର୍ଡ ଜାହାଜ ବରଦକୁ ସୂଚନା ଦିଆଯାଇଥିଲା। କୋଷ୍ଟଗାର୍ଡ ଜାହାଜ ସେଠାରେ ପହଁଞ୍ଚିଥିଲା। ଏହା ଏକ ବାଙ୍ଗଲାଦେଶୀ ମାଛଧରା ଟ୍ରଲର ଓ ସେଥିରେ ୧୯ଜଣ ମତ୍ସ୍ୟଜିବି ଥିବା ଜାଣିବା ପରେ ବାଙ୍ଗଲାଦେଶ କୋଷ୍ଟଗାର୍ଡକୁ ସୂଚନା ଦିଆଯାଇଥିଲା। ଯାନ୍ତ୍ରୀକ ତ୍ରୁଟି ଯୋଗୁଁ ଏହା ଭାରତୀୟ ଜଳସୀମାକୁ ପଶିଆସିଥିବା ଜାଣିବା ପରେ ମତ୍ସ୍ୟଜୀବିଙ୍କ ନିକଟରେ ଖାଦ୍ୟ ପଦାର୍ଥ ନଥିବା କହିଥିଲେ। କୋଷ୍ଟଗାର୍ଡ ପକ୍ଷରୁ ସେହି ୧୯ଜଣ ମତ୍ସ୍ୟଜୀବିଙ୍କୁ ଖାଦ୍ୟ ପଦାର୍ଥ ଦିଆଯାଇଥିବା କୋଷ୍ଟଗାର୍ଡ ପକ୍ଷରୁ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ମାଛଧରା ଟ୍ରଲର ର ମରାମତି ପରେ ଏହା ବାଙ୍ଗଲାଦେଶ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି।

GOVERNMENT OF ODISHA
DEPARTMENT OF WATER RESOURCES
Office of the Executive Engineer,
Jambhira Canal Division, Morada

Mail ID- eejcdivisionmorada@gmail.com

Bid Identification No.– 5 / 20-21 of EE, J. C. Division, Morada

| | | |
|---|---|---|
| i | Name of Work | Engagement of one no Amin through Service Provider from 01.01.2021 to 31.12.2021 in the office of the Executive Engineer, J.C. Division, Morada |
| ii | Tender Value | Rs.1,44,432/- |
| iii | Period of Completion | 12 (Twelve) Calendar Months |
| iv | Availability of bid documents & dropping the same in single cover in specified box kept in **the O/O the Executive Engineer, Jambhira Canal Division, Morada** | **11.12.2020** at 10 A.M. to 17.12.2020 up to 3.30 PM. |
| v | Date & time of opening of bid | 17.12.2020 at 4.00 PM |
| vi | Name & Address of the O.I.T | Executive Engineer, O/O the EE, Jambhira Canal Division, Morada, Mayurbhanj |

OIPR : 32200/11/0006/2021

**Executive Engineer,
Jambhira Canal Division
Morada**

## ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଦାସଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୦୯।୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କୁ ପରିବେଶ ସୁରକ୍ଷା ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଭିନ୍ନକ୍ଷମ ସଶକ୍ତିକରଣ ଓ ସାମାଜିକ ସୁରକ୍ଷା ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟକରି ଲୋକପ୍ରିୟତା ଅର୍ଜନ କରିଥିବା ଶ୍ରୀ ଦାସଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରି ଅନୁଷ୍ଠାନର ସମାଜସେବୀ ପାର୍ଥ ସାରଥୀ ବେହେରା, ଅଲେଖ ଚନ୍ଦ୍ର ନାୟକ, କିରଣବାଳା ଚୌଧୁରୀ ପ୍ରମୁଖ କାର୍ଯ୍ୟାଳୟରେ ପହଁଚି ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ।

# ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍‌ପିଟାଲରେ ଡାଏଲିସିସ ପଜିଟିଭ ମେସିନ ତୁରନ୍ତ ଲଗାଇବାକୁ ଅନୁରୋଧ କଲେ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ

ବାରିପଦା,୦୯।୧୨ (ନି.ପ୍ର): ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍‌ପିଟାଲରେ ଡାଏଲିସିସ ପଜିଟିଭ ମେସିନ ଲଗାଯାଇ ନ ଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଡ଼ିଶା ସରକାରଙ୍କର ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଶାସନ ସଚିବଙ୍କୁ ଏ ବିଷୟରେ ଅବଗତ କରାଇବା ସହିତ ତୁରନ୍ତ ଡାଏଲିସିସ ପଜିଟିଭ ମେସିନ ପି.ଆର.ଏମ. ମେଡିକାଲ କଲେଜ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲଗାଇବା ପାଇଁ ଅନୁରୋଧ କରିଛନ୍ତି। ଶ୍ରୀମତୀ ହେମ୍ବ୍ରମ ତାଙ୍କ ପ୍ରସ୍ତାବରେ ଦର୍ଶାଇଛନ୍ତି ମୟୁରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ଏବଂ ଗରିବ ଡାଏବେଟିସ ରୋଗୀମାନେ ସରକାରଙ୍କର ବ୍ୟବସ୍ଥାର ସୁଫଳ ପାଇ ପାରୁ ନାହାନ୍ତି। ଏହାର ମୁଖ୍ୟ କାରଣ ଡାଏଲିସିସ ପଜିଟିଭ ମେସିନ ପି.ଆର.ଏମ. ମେଡିକାଲ କଲେଜରେ ନ ଥିବାରୁ ଗରିବ ରୋଗୀମାନେ ପ୍ରାଇଭେଟରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ସେମାନଙ୍କର ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହୋଇ ନ ପାରି ମୃତ୍ୟୁ ମୁଖରେ ପଡୁଛନ୍ତି। ତେଣୁ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେଇ ଡାଏଲିସିସ ପଜିଟିଭ ମେସିନ ପି.ଆର.ଏମ. ମେଡିକାଲ କଲେଜ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲଗାଇଲେ ଆଦିବାସୀ ଡାଏଲିସିସ ହେଉଥିବା ରୋଗୀମାନେ ନିଶ୍ଚିତ ରୂପେ ଉପକୃତ ହେବେ। ବର୍ତ୍ତମାନ ସଂଖ୍ୟାଧିକ ଲୋକମାନେ ଡାଏବେଟିସରେ ପିଡିତ ହୋଇ ଡାଏଲିସିସ କରୁଥିବାର ଦେଖିବାକୁ ମିଳିଛି ବୋଲି ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ତାଙ୍କ ପତ୍ରରେ ଦର୍ଶାଇଛନ୍ତି

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo